# ମାଲାନଞ୍ଚି



ବିଶ୍ୱନାଥ ବଳ

# ମଳାନଛି

- ବ୍ୟବଧାନ
- ଭଗ୍ନଦୂତ
- ସୀତା ଓ ସବିତା
- ସୁଅ
- ସଂସାରେଽସ୍ମିନ୍
- ଅସାର ଖଳୁ ସଂସାରେ

ଶ୍ରୀ ବିଶ୍ୱନାଥ ବଳ, ବି.ଏ., ବି. ଇଡ଼.

ପ୍ରକାଶନା—
ଶ୍ରୀ ପ୍ରକାଶନୀ, କଟକ—୧

ତତ୍ତ୍ୱାବଧାୟନ—
ଶ୍ରୀ ଭଗବାନ ନାୟକ ବର୍ମା

ମୁଦ୍ରଣ—
ଶ୍ରୀ ନରେନ୍ଦ୍ରଚନ୍ଦ୍ର ପ୍ରଧାନ,
ଜ୍ୟୋତି ପ୍ରେସ, କଟକ—୨

ପ୍ରଚ୍ଛଦାଙ୍କନ—
ଶ୍ରୀ ଶ୍ରୀନାଥ ଚଟ୍ଟାର୍ଜୀ

ଆତ୍ମପ୍ରକାଶ—
ଅଗଷ୍ଟ ପନ୍ଦର, ୧୯୫୯

ମୂଲ୍ୟ—
୧ ଟଙ୍କା ୫୦ ନୂଆ ପଇସା

ଶ୍ରୀମତୀ ଶାନ୍ତିଲତା ବଳ

କୋମଳ କର-କମଳେଷୁ,

ତମ ଭିତରେ ସମଗ୍ର ନାରୀ ଜାତିକୁ ଚିହ୍ନିବାର ସୁଯୋଗ ତମେ ମୋତେ ଦେଇଚ । ଖାଲି ସେଇଥି ପାଇଁ ନୁହଁ, ଆଉରି ବହୁତ ବହୁତ କଥା ପାଇଁ, ତମ ହାତରେ ଏ ବହି ମୁଁ ଟେକି ଦେଲି । ଇତି

ତମର

ଶ୍ରୀ ବିଶ୍ୱନାଥ ବଳ

# ଲେଖକୀୟ

ମୋର ଲେଖକ-ଜୀବନ-ତରୁ, ଗୁରୁ ସ୍ୱର୍ଗତ ବାଞ୍ଛାନିଧି ମହାନ୍ତି, ସ୍ୱର୍ଗତ ଅଧ୍ୟାପକ ଗଗନ ବିହାରୀ ମହାନ୍ତି, ଅଧ୍ୟାପକ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ ଓ ଜନ୍ମଗତ ଅଗ୍ରଜ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରସାଦ ବଳଙ୍କର ଲାଳନ, ପାଳନରେ ପଲ୍ଲବିତ । ସେମାନଙ୍କ ଉଦ୍ଦେଶ୍ୟରେ ସଭକ୍ତି ପ୍ରଣାମ ଜଣାଉଛି ।

ଏ ବହିର ସମସ୍ତ ଗଳ୍ପ ବିଭିନ୍ନ ସମୟରେ 'ଝଙ୍କାର', 'ଡଗର', 'ରବିବାର ପ୍ରଜାତନ୍ତ୍ର' 'ମୌସୁମୀ' ଓ 'ମୂର୍ଚ୍ଛନା' ପ୍ରଭୃତି ପତ୍ର ପତ୍ରିକା-ମାନଙ୍କରେ ପ୍ରକାଶିତ ହୋଇଥିଲା । ଉପରୋକ୍ତ ପତ୍ର ପତ୍ରିକା-ମାନଙ୍କର ସମ୍ପାଦକମାନେ ମୋ ଗଳ୍ପଗୁଡ଼ିକୁ ପ୍ରକାଶ କରି ପାଠକ ସମାଜରେ ମୋତେ ପରିଚିତ କରାଇଥିବାରୁ, ମୁଁ ସେମାନଙ୍କ ନିକଟରେ କୃତଜ୍ଞ । "ସଂସାରେସ୍ମିନ" ଗଳ୍ପଟି ଛଦ୍ମ ନାମରେ ପ୍ରକାଶିତ ହୋଇଥିଲା । "ଅସାର ଖଳୁ ସଂସାରେ" ଗଳ୍ପଟି "ମାୟାବନ୍ଧନ" ନାମରେ ପ୍ରକାଶିତ ହୋଇଥିଲା ।

ଶ୍ରୀ ଭରତ ଚରଣ ମଲ୍ଲିକ, ଶ୍ରୀ ମାୟାଧର ଜେନା ସାମନ୍ତ, ଶ୍ରୀମତୀ ପ୍ରସନ୍ନ କୁମାରୀ ସାହୁ ଓ ଶ୍ରୀମାନ ଦେବେନ୍ଦ୍ର ନାଥ ରାଉତ ଏ ପୁସ୍ତକ ପ୍ରକାଶ ପାଇଁ ନାନା ଭାବରେ ମତେ ସାହାଯ୍ୟ କରିଛନ୍ତି । ସେମାନଙ୍କୁ ସଶ୍ରଦ୍ଧ ଧନ୍ୟବାଦ ଜଣାଉଛି ।

ଅଧ୍ୟାପକ ଶ୍ରୀଯୁକ୍ତ ମନ୍ମଥନାଥ ମଳମଣି ସାହୁ, ଏମ୍. ଏ. ଏ ପୁସ୍ତକର ମୁଖବନ୍ଧ ଲେଖି ଏହାର ଶୋଭା ଓ ମୂଲ୍ୟ ବର୍ଦ୍ଧନ କରିଛନ୍ତି । ଆଜ ଏ ପୁସ୍ତକକୁ ଆଲୋକକୁ ଆଣିବାର ସମସ୍ତ ଦାୟିତ୍ୱ ଓ ପ୍ରଚେଷ୍ଟା ସାମ୍ପାଦକ ଶ୍ରୀ ଭଗବାନ ନାୟକ ବର୍ମାଙ୍କର । ଏ ଉଭୟଙ୍କ ନିକଟରେ ଋଣୀ ରହିଲି ।

ଏ ପୁସ୍ତକ ପ୍ରକାଶ ମୂଳରେ ଆଜ ଯାହାଙ୍କର ସସ୍ନେହ ସାଧନା ନିହିତ, ତାଙ୍କୁ ଧନ୍ୟବାଦ ବା କୃତଜ୍ଞତା ଜଣାଇବି ନାହିଁ । ସେ ହୁଏତ ତାଙ୍କର କର୍ତ୍ତବ୍ୟ କରିଛନ୍ତି ।

ଏ ଗଳ୍ପଗୁଡ଼ିକ ପତ୍ର, ପତ୍ରିକାରେ ପ୍ରକାଶ କାଳରେ ମୋର ପ୍ରିୟ ଅଗଣିତ ପାଠକ ପାଠିକା, ସେଗୁଡ଼ିକୁ ଆଦରରେ ଗ୍ରହଣ କରିଥିଲେ । ଆଜ ବହୁ ଶତ ପାଠକ ପାଠିକା ସେମାନଙ୍କର ଆନନ୍ଦ, ପତ୍ର ମାଧ୍ୟମରେ ମତେ ଜଣାଇ ଅନୁଗୃହୀତ କରିଥିଲେ । ଆଜି ପୁସ୍ତକାକାରରେ ଏ ଗଳ୍ପଗୁଡ଼ିକ ସେମାନଙ୍କୁ ଯେ ଅଧିକ ଆନନ୍ଦ ଦେବ, ଏ ବିଷୟରେ ମୁଁ ନିଃସନ୍ଦେହ।

ଏତିକି ।

ଜଗନ୍ନାଥପୁର, ଭଦ୍ରକ
ବାହୁଡ଼ା ଦଶମୀ, ୧୯୫୯

ବିଶ୍ୱନାଥ ବଳ

# ଆଲୋଚକୀୟ

ଆଧୁନିକ ଓଡ଼ିଆ ସାହିତ୍ୟ ଅନ୍ୟାନ୍ୟ ବହୁ ବିଭାଗରେ ଦରିଦ୍ର ହେଲେହେଁ, କ୍ଷୁଦ୍ରଗଳ୍ପ ବିଭବରେ ମଧ୍ୟବିତ୍ତ । ପାଶ୍ଚାତ୍ୟ ଜଗତରେ କ୍ଷୁଦ୍ରଗଳ୍ପର ପାଠକ ସଂଖ୍ୟା ବର୍ତ୍ତମାନ ସର୍ବାଧିକ । ଆମ ଭାରତରେ ହିନ୍ଦି, ବଙ୍ଗଳା ଓ ତେଲୁଗୁ ସାହିତ୍ୟରେ ମଧ୍ୟ କ୍ଷୁଦ୍ରଗଳ୍ପ ତାର ପାଠକ ସଂଖ୍ୟା ବଢ଼ାଇବାରେ ଲାଗିଛି । ଏ ଯୁଗୀୟ ପାଠକର ରୁଚି ଓ ଝୁଁକ୍ ପୁଣି କୁଆଡ଼େ କ୍ଷୁଦ୍ରଗଳ୍ପ ଆଡ଼କୁ ! ମାତ୍ର ଆଶ୍ଚର୍ଯ୍ୟର କଥା, ଓଡ଼ିଶାରେ କ୍ଷୁଦ୍ରଗଳ୍ପର ପ୍ରକାଶ ଲାଗି କେବଳ ପତ୍ରିକା ସଂପାଦକ ବ୍ୟାକୁଳ । ମାତ୍ର ପୁସ୍ତକ ପ୍ରକାଶକ ବୀତସ୍ପୃହ । ପତ୍ରିକା ସଂପାଦକ ବ୍ୟାକୁଳ— କ୍ଷୁଦ୍ରଗଳ୍ପର ପ୍ରକୃତି ଓ ପରିମାଣ ଉପରେ ତାଙ୍କ ପତ୍ରିକାର "କାଟତି" ନିର୍ଭର କରେ ବୋଲି । ପୁସ୍ତକ ପ୍ରକାଶକ ବୀତସ୍ପୃହ— କ୍ଷୁଦ୍ରଗଳ୍ପ-ସରସ୍ୱତୀଙ୍କ ସେବାରେ ବାଣିଜ୍ୟ-ଲକ୍ଷ୍ମୀ କୁଆଡ଼େ ଆଦୌ ସନ୍ତୁଷ୍ଟ ନୁହନ୍ତି । ଏଥିରୁ ସନ୍ଦେହ ହେବା ସ୍ୱାଭାବିକ୍ ଯେ, ପତ୍ରିକା-ପାଠକ ଓ ବହି-ପାଠକ ଓଡ଼ିଶାରେ ଏକ ନୁହନ୍ତି; କିନ୍ତୁ ଏହା କଣ ସତ୍ୟ ? ତେବେ ଏତିକ ଅନ୍ତତଃ ସତ୍ୟ ଯେ, ଓଡ଼ିଶାରେ ପାଠ୍ୟ ପୁସ୍ତକ ବ୍ୟବସାୟୀମାନେ ଦୁଇଶତାଧିକ ପୃଷ୍ଠା-ସମ୍ବଳିତ ଉପନ୍ୟାସ ପ୍ରତି ଯେପରି ଭୟ ଓ ଘୃଣା ପ୍ରକାଶ କରି ଥାଆନ୍ତି, ସେହିପରି ଦଶଠାରୁ କୋଡ଼ିଏ ପୃଷ୍ଠା ମଧ୍ୟରେ ଲିଖିତ କ୍ଷୁଦ୍ର ଗଳ୍ପକୁ ବି ମୂଲ୍ୟହୀନ ଅବହେଳା ପ୍ରଦର୍ଶନ କରନ୍ତି । ( ପାଞ୍ଚଠାରୁ ଦଶ ପର୍ଯ୍ୟନ୍ତ ପୃଷ୍ଠାର ଗଳ୍ପ ଏତେ କ୍ଷୁଦ୍ର ଯେ, ତାହା ପୁସ୍ତକ ବ୍ୟବସାୟୀଙ୍କ ଆଖିକୁ ଦେଖା ବି ଯାଏ ନାହିଁ ।) ସେମାନଙ୍କ ମତରେ ଦୁଇଟି ଯାକ ଆମ ବାଣୀ-ବଜାରରେ ଅଚଳ । ଗୋଟିଏ ଦୁଇଶତ ପୃଷ୍ଠାରୁ ଆଧିକ୍ୟ ଦୋଷ ହେତୁ ଓ ଅନ୍ୟଟି ଅଳ୍ପତା ଦୃଷ୍ଟିରୁ । ସେମାନେ କହନ୍ତି, ଗଳ୍ପ ଲେଖିବ ତ ଦୁଇଶହ

ପୃଷ୍ଠା ଭିତରେ ଲେଖ । ତାହା ପଛେ ଗଳ୍ପ ଲେଖ, ଲେଖ ଉପନ୍ୟାସ ଭଳିଆ ଟିକେ ବଢ଼ୁ କିମ୍ବା ଉପନ୍ୟାସ ଲେଖ, ଲେଖ ଗଳ୍ପର ସୀମା ଭିତରେ ରହୁ ନ ରହିଲା ଭଳି ହେଉ । ଆମେ ତାର ଦାମ ରଖିବୁ ଏକଟଙ୍କା ପଚିଶ ନୂଆ ପଇସା କିଂବା ଦୁଇଟଙ୍କା । ତୁମେ ପଛେ ଶତକଡ଼ା ଦଶଟଙ୍କା ଲେଖାଏଁ ଲେଖା ବାବଦକୁ କମିଶନ ପାଇବ ।"

ଅତଏବ କ୍ଷୋଭର କଥା ଏହି ଯେ—ଆମର ପୁସ୍ତକ-ବ୍ୟବସାୟୀମାନଙ୍କର ବ୍ୟବସାୟୀ ବୁଦ୍ଧି ଯାହା ତ ଅଛି; କିନ୍ତୁ ସାହିତ୍ୟିକ-ବୋଧ ଆଦୌ ନାହିଁ ଏବଂ ଆମ ଲେଖକମାନଙ୍କର ସାହିତ୍ୟିକ-ବୋଧ ଯାହା ଅଳ୍ପ ବହୁତ ଅଛି; ମାତ୍ର ବ୍ୟବସାୟୀ ବୁଦ୍ଧି ଆଦୌ ନାହିଁ । ତେଣୁ ବର୍ତ୍ତମାନ ବହି ବଜାରରେ ପାଠ୍ୟ ପୁସ୍ତକ କ୍ଷେତ୍ରରେ ଆମ ପୁସ୍ତକ ବ୍ୟବସାୟୀମାନେ ଯେଉଁ ଲେଖକ-ମାନଙ୍କୁ ଆଣି ତାଙ୍କ ଦୁଆରେ ଛିଡ଼ା କରାଇଛନ୍ତି, ସେମାନେ ଆମର ଏହି ବ୍ୟବସାୟୀ-ବୁଦ୍ଧିହୀନ ଲେଖକ ଗୋଷ୍ଠୀ ନୁହନ୍ତି । ସେମାନେ ପାଠ୍ୟ ପୁସ୍ତକ ଲେଖକ । ଏମାନେ ବରଂ ଅପାଠ୍ୟ ପୁସ୍ତକ ଲେଖି ଦାଣ୍ଡ ଘାଟରେ ବୁଲନ୍ତି । କ୍ଷୁଦ୍ରଗଳ୍ପ ବର୍ତ୍ତମାନ ପାଠ୍ୟ ତାଲିକାରେ ସ୍ଥାନ ପାଇଛି । ମାତ୍ର କ୍ଷୁଦ୍ରଗଳ୍ପ ଲେଖକର ଗଳ୍ପ-ପ୍ରତିଭା ଓ ପ୍ରତିଷ୍ଠା ଅପେକ୍ଷା ଆମ ପାଠ୍ୟପୁସ୍ତକ ବ୍ୟବସାୟୀମାନେ ଗଳ୍ପ ସଂକଳୟିତାଙ୍କୁହିଁ ଧରିଛନ୍ତି ବେଶ୍ ସେଥିଲାଗି । ଯାଉ ସେ କଥା !

ଆଶାର କଥା ଯେ, ଓଡ଼ିଶାରେ କ୍ଷୁଦ୍ରଗଳ୍ପର ବାଣିଜ୍ୟିକ ସୁଦିନ ନିକଟ ହୋଇ ଆସୁଛି । ରାଉର୍‌କେଲା, ଝୋଡ଼ା, ହିରାକୁଦ, ବୁର୍ଲା, ସମ୍ପୃଗଡ଼ା, ବ୍ରଜରାଜନଗର, ଚୌଦ୍ୱାର ଓ ପାରାଦ୍ୱୀପ ଆଦି ଶିଳ୍ପ ବାଣିଜ୍ୟର ପେଣ୍ଠଗୁଡ଼ିକ ଓ ଏହିଭଳି ଆହୁରି ଅନେକ ଭବିତବ୍ୟ ଶିଳ୍ପ-ପେଣ୍ଠଗୁଡ଼ିକ କେବଳ ଲୁହା, ଇସ୍ପାତ, କାଗଜ,

ଚନ, ଲୁଗା ଓ ପୋଷ୍ଟରମାନଙ୍କ ଉତ୍ପନ୍ନ କରିବେ ନାହିଁ— ଏଗୁଡ଼ିକର ପ୍ରସାଦରୁ ଓଡ଼ିଶାରେ କ୍ଷୁଦ୍ରଗଳ୍ପ ମଧ୍ୟ ଉତ୍ପନ୍ନ ହେବ ବେଶୀ ଓ ବଜାରରେ ପଇସା ପାଇବ ବେଶୀ। ତେଣୁ ଯେଉଁ କ୍ଷୁଦ୍ରଗଳ୍ପ ଲେଖକ ଆଜ କେବଳ ମାଗଣାରେ ମାଗାଜିନ୍‌କୁ ଗଳ୍ପ ପଠାଉଛନ୍ତି, ସେ ନିରାଶ ନହେଉ। ତାର ଦିନ ଆସୁଛି। କାଳ ଯାଉଛି।

କିନ୍ତୁ ଏ ତ ଗଳ୍ପ "ଶିରଃ ପୀଡ଼ା"। ଏବେ "ଶିର" କଥା ଦେଖାଯାଉ। ଓଡ଼ିଆରେ କ୍ଷୁଦ୍ର ଗଳ୍ପ କାହିଁ ? ଓଡ଼ିଶାରେ କ୍ଷୁଦ୍ର ଗଳ୍ପ ଲେଖକ କେତେଜଣ ? ଫକୀର ମୋହନଙ୍କ ପରେ ଗୋପୀନାଥ, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଗାଳ୍ପିକ-ମାନେ ଯଥେଷ୍ଟ ଭଲ ଗଳ୍ପ ଲେଖି ଯାଇଛନ୍ତି। ମାତ୍ର ତାଙ୍କ ପରେ ?

ବର୍ତ୍ତମାନ ଓଡ଼ିଶାରେ ପତ୍ରପତ୍ରିକାର ଅଭାବ ନାହିଁ। ଗଳ୍ପ ପ୍ରକାଶର ମଧ୍ୟ ଅନ୍ତ ନାହିଁ। ମାତ୍ର କେତୋଟି ଭଲ ଗଳ୍ପ ବାହାରୁଛି ? କେତୋଟି ଗଳ୍ପ-ଲେଖକ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଲେଣି ? ଆମର ଦୁଇଟି ଯାକ ହାତରେ ସେ ସଂଖ୍ୟା ଠାରୁ ବେଶୀ ଆଙ୍ଗୁଠି ଅଛି। ଲଜ୍ଜା ଓ କ୍ଷୋଭର ସୀମା ଅଛି କି ? ଦେଶରେ ଗୋଟିଏ ଯୋଜନା କାଳ ପୂର୍ଣ୍ଣ ହୋଇ ଦ୍ୱିତୀୟ ଯୋଜନା ଶେଷ ହେବାକୁ ବସିଲାଣି। ଏହି ଦଶନ୍ଧି ଭିତରେ ଓଡ଼ିଶାର ରୂପ ଓ ଗୁଣରେ ବହୁ ପରିବର୍ତ୍ତନ ଆସି ଗଲାଣି। ଘଟଣା-ବହୁଳ ଓଡ଼ିଶାରେ କେତେ କଥା ଘଟିଲାଣି। କେତେ ଶିଳ୍ପ ପ୍ରତିଷ୍ଠାନ— ତାକୁ କେନ୍ଦ୍ର କରି କେତେ incident ଆଉ accident—କେତେ ତରଙ୍ଗ—କେତେ ସାମାଜିକ ଜଟିଳତା—ଉତ୍ଥାନ-ପତନ—

କେତେ ରାଜନୀତି — କେତେ ରାଜନୈତିକ କର୍ମୀ, ଶ୍ରମିକ, ଶିକ୍ଷକ ଛାତ୍ର, ଡାକ୍ତର, ଇଂଜିନିୟର, କେତେ କମ୍ପାନୀ, ଷ୍ଟେସନ, ସେକ୍ରେଟେରି — କେତେ କୋଠା, ବନ୍ଧ ଆଉ କଣ୍ଟ୍ରାକ୍ଟର — କେତେ ସ୍କୁଲ, ଡକାୟତ ଆଉ ଠକ ପ୍ରତିଷ୍ଠାନ — କେତେ ଗାଡ଼ି — କେତେ ଶାଢ଼ୀ — କେତେ ଟ୍ରକ — କେତେ ଡ୍ରାଇଭର — କେତେ କ୍ଲିନର ପୁଣି କେତେ ବ୍ଲକ, ତାକୁ କେନ୍ଦ୍ର କରି କେତେ ପ୍ରତିଷ୍ଠାନ, ଅନୁଷ୍ଠାନ, ଚରିତ୍ର ଓ ଘଟଣା — କେତେ ଗ୍ରାମପଞ୍ଚାୟତ, କେତେ ସରପଞ୍ଚ — କେତେ ପଦ୍ମଶ୍ରୀ ଓ ପଦ୍ମବିଭୂଷଣ — କେତେ ମନ୍ତ୍ରୀ ଓ କେତେ ମଞ୍ଚ — ! ! ! !

ମାତ୍ର ଆମ ଦେଶ ପତ୍ରିକାରେ ସେହି ଚିରାଚରିତ ସ୍କୁଲ କଲେଜ ପିଲାଙ୍କ ପ୍ରିୟା, ମାଧୁରୀ ଓ ରମେଶ, ବିପିନଙ୍କ କ୍ଲାସ ରୁମ୍ ଘଟିତ, ପୂର୍ବରାଗ-ଜନିତ ଅପରିପକ୍ୱ ଖିଆଲି ପ୍ରେମ-ବିଳାସର କ୍ଷୁଦ୍ରଗଳ୍ପର ପ୍ରଧାନ ବିଷୟବସ୍ତୁ ହୋଇ ପଡ଼ୁଛି । ତାର କାରଣ, ଆମ ପତ୍ର ପତ୍ରିକାରେ ଗଳ୍ପ ବିଭାଗକୁ ବଞ୍ଚାଇ ରଖିବାର ଆବେଗପୂର୍ଣ୍ଣ ଦାୟିତ୍ୱକୁ ସ୍ୱେଚ୍ଛାରେ ବରଣ କରିଛନ୍ତି ଆମ ସ୍କୁଲ କଲେଜର ଛାତ୍ର ଛାତ୍ରୀଗଣ ।

ସେମାନଙ୍କ ମଧ୍ୟରେ ହୁଏତ ଅଧିକାଂଶଙ୍କର ଅନୁଭୂତିଶୀଳ ହୃଦୟ ଅଛି । ମାତ୍ର ଅଭିଜ୍ଞତା କାହିଁ ତତୋଧିକ ? କ୍ଲାସ ରୁମ୍‌ରେ ଓ ଶିକ୍ଷାଳୟର ପ୍ରାଚୀର ମଧ୍ୟରେ କେତେ ଘଟଣା ଘଟେ ଓ କଉଳ ଘଟଣା ବା ଘଟେ ? ଫଳରେ ସେମାନଙ୍କ ଲେଖାରେ ଉଚ୍ଛ୍ୱାସର ସୀମା ନାହିଁ, ମାତ୍ର ଚିନ୍ତାର ସୀମା ଅତି ସଂକୀର୍ଣ୍ଣ । ଶୈଳୀ ପ୍ରଦର୍ଶନରେ ଭରିଯାଏ ସେମାନଙ୍କର ଗଳ୍ପ । ମାତ୍ର ଘଟଣା, ବିବୃତି ଓ ଚରିତ୍ର ଚିତ୍ରଣ ଅତିମାତ୍ରାରେ ବୈଚିତ୍ର୍ୟହୀନ । କିନ୍ତୁ ଏହା ଦୋଷ ନୁହେଁ । ଏମାନଙ୍କ ସେହି ସ୍ଥାନରେ, ସେହି କାଳରେ ଓ ସେହି ପାତ୍ରପାତ୍ରୀଙ୍କ ପକ୍ଷରେ

ସ୍ୱାଭାବିକ୍ କଥା । ଅବଶ୍ୟ ଏହି ସ୍ୱାଭାବିକତାକୁ ଲଂଘନ କରି କେତେକ ଯୁବ-ଗାଳ୍ପିକ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଲେଣି । ମାତ୍ର ସେମାନଙ୍କର ଭବିଷ୍ୟତ, ସେମାନଙ୍କର ଆଜୀବନ ସାଧନା ଉପରେ ନିର୍ଭର କରେ । ଈଶ୍ୱର ସେମାନଙ୍କୁ ବଞ୍ଚାଇ ରଖନ୍ତୁ ଏବଂ ସେମାନେ ସେମାନଙ୍କର ପ୍ରତିଭାକୁ ବଂଚାଇ ରଖିବାର ସାଧନା କରନ୍ତୁ ।

ସଂକଳିତ ଗଳ୍ପ ସଂଚୟନଟିର ଲେଖକ ଶ୍ରୀ ବିଶ୍ୱନାଥ ବଳ ବି.ଏ.ବି.ଇଡ୍. ବର୍ତ୍ତମାନ ଶିକ୍ଷକ ହେଲେହେଁ—ଏହି ଗଳ୍ପଗୁଡ଼ିକ କିନ୍ତୁ ତାଙ୍କର ଛାତ୍ରାବସ୍ଥାର କୃତି । ଗଳ୍ପଗୁଡ଼ିକରେ ସିଦ୍ଧିର ସ୍ୱାକ୍ଷର ପ୍ରଚ୍ଛନ୍ନ ଥିଲେହେଁ—ସାଧନାର ପରିଚୟ ଉଜ୍ଜଳ ଦିଶୁଅଛି । ପ୍ରତ୍ୟେକ ଗଳ୍ପ ବୌଦ୍ଧିକ ବିଗ୍ରହ ଅପେକ୍ଷା, ଭାବପ୍ରବଣ କୋମଳ ଅନୁଭୂତିର ସ୍ପର୍ଶରେହିଁ କମନୀୟ । ବୌଦ୍ଧିକ ବିଗ୍ରହର ଅଭାବ ଯୋଗୁଁ ପ୍ରାୟ ସମସ୍ତ ଗଳ୍ପ ରୂପରେ ଗଦ୍ୟ ହେଲେହେଁ, ଗୁଣରେ କବିତା-ଧର୍ମୀ ହୋଇ ପଡ଼ିଛନ୍ତି ଏବଂ ବିଶେଷ ଭାବେ ଲିରିକ୍ ଧର୍ମାକ୍ରାନ୍ତ ହୋଇଥିବାରୁ ପ୍ରତ୍ୟେକ ଗଳ୍ପ, ତରୁଣ ଶିଳ୍ପୀର ଅନୁଭୂତି କାତର-ହୃଦୟର ପ୍ରଗଲ୍‌ଭ ଉଚ୍ଛ୍ୱାସରେ ପରିପୂର୍ଣ୍ଣ । ମାତ୍ର ଏହା ବୋଲି ଉଚ୍ଛ୍ୱାସ କୁତ୍ରାପି ଶିଷ୍ଟାଚାରର ସୀମା ଲଙ୍ଘନ କରିନାହିଁ । ଗଳ୍ପ ଗୁଡିକରେ ଅଭିଜ୍ଞ ବିସ୍ତାରଶୀଳତାର ପରିସର ଖୁବ୍ ସଂକୀର୍ଣ୍ଣ; ମାତ୍ର ଅନୁଭୂତିର ଗଭୀରତାରେ ସେଗୁଡ଼ିକ ସାର୍ଥକ ଓ ସୁନ୍ଦର । ଭାଷାଶୈଳୀରେ ତରୁଣ ଲେଖକଙ୍କର ପ୍ରତିଭାରେ ସ୍ୱାତନ୍ତ୍ର୍ୟର ପରିଚୟ ସୁସ୍ପଷ୍ଟ । ଘଟଣା ଓ ଚରିତ୍ରର ବୈଚିତ୍ର୍ୟ ଅପେକ୍ଷା ତରୁଣ ଗାଳ୍ପିକ ସ୍ୱୀୟ ବିଦଗ୍ଧ ହୃଦୟର ଭାବ-ବିଳାସ ଉପରେ ଅଧିକ ଆସ୍ଥାଶୀଳ ହୋଇଥିବାରୁ ଗଳ୍ପଗୁଡିକ ଅଧିକ ଭାବରେ କେବଳ ମାର୍ମିକ ହୋଇ ପଡ଼ିଛି । ମାତ୍ର ଏହାଲାଗି ଚିନ୍ତା ନାହିଁ ।

କାରଣ ଏହି ଗଳ୍ପର ମାନିକଙ୍କର ଉଚ୍ଚ କୋଟୀର ପ୍ରତିଭାକୁ ବହନ କରିଥାଏ ଏବଂ ଅଭିଜ୍ଞତା, ବିଷୟ ଓ ସାଧନା ବଢ଼ିବା ସଙ୍ଗେ ସଙ୍ଗେ ଏହାର ପରିପ୍ରକାଶ ଓ ବିକାଶ ଅତି ଚମତ୍କାର ହୋଇଥାଏ ।

ପୁସ୍ତକସ୍ଥ ଗଳ୍ପଗୁଡ଼ିକୁ ଗୋଟି ଗୋଟି କରି ବିଚାର କରିବାର ପରିସର ଏଥିରେ ନାହିଁ ଏବଂ ଗଳ୍ପଗୁଡ଼ିକ ସହ ପାଠକ ପାଠିକାଙ୍କୁ ପରିଚୟ କରେଇ ଦେବା ମଧ୍ୟ ମୋ ପକ୍ଷରେ ଏକ ଅକାରଣ ଧୃଷ୍ଟତା ହେବ । ପ୍ରବନ୍ଧ ଓ କବିତାକୁ ପରିଚୟ କରାଇଦେବା ଉଚିତ୍ । ମାତ୍ର ଗଳ୍ପ, ଉପନ୍ୟାସ ଓ ନାଟକକୁ ଅନ୍ୟ ଜଣେ ପରିଚୟ କରେଇଦେବା ଅନାବଶ୍ୟକ । କାରଣ ଲେଖକ ନିଜର ବକ୍ତବ୍ୟକୁ ସୁସ୍ପଷ୍ଟ କରାଇଦେବା ଲାଗି ଗଳ୍ପ, ଉପନ୍ୟାସ ଓ ନାଟକରେ ତା ଲାଗି ଯଥେଷ୍ଟ ସୁଯୋଗ ଅଛି । ଏ ସୁଯୋଗ କିନ୍ତୁ ପ୍ରବନ୍ଧରେ ଅଳ୍ପ ଅଛି ଓ କବିତାରେ ଖୁବ୍ ଅଳ୍ପ ଅଛି ।

ତେବେ ମୋଟାମୋଟି ଏତିକି କୁହାଯାଇପାରେ ଯେ, "ବ୍ୟବଧାନ" ଓ "ମଲ୍ଲିନାଇ" ଗଳ୍ପ ଦୁଇଟି ଅତି ଚମତ୍କାର classical theme ଉପରେ ପ୍ରତିଷ୍ଠିତ ଏବଂ ଉଦ୍ଦେଶ୍ୟରେ ଓ ପ୍ରକାଶରେ ସାର୍ଥକ । "ମଲ୍ଲିନାଇ"ରେ irony, humour ଓ Pathos ର ସଂଗତିପୂର୍ଣ୍ଣ ନାଟକୀୟ ପ୍ରଯୋଜନା-କୌଶଳ ରସ ପରିବେଷଣରେ ତରୁଣ ଗାଳ୍ପିକଙ୍କର ଓସ୍ତାଦି ହାତର ପରିଚୟ ଦିଏ । "ଭଗ୍ନଦୂତ" ଗଳ୍ପଟି ଆଧୁନିକ ମନସ୍ତତ୍ତ୍ୱବିଦ୍ ସିଗ୍‌ମଣ୍ଡ ଫ୍ରୟେଡ଼୍‌ଙ୍କ ଦର୍ଶନ ଉପରେ ଭିତ୍ତି ଦେଇ ଉତ୍ତୀର୍ଣ୍ଣ ହୋଇପାରିଛି ।

"ସୀତା ଓ ସବିତା" ଗଳ୍ପରେ ସେ ନାରୀ ଚରିତ୍ରର ଗୋଟିଏ ପୁରାତନ ରହସ୍ୟକୁ ଆଧୁନିକ ଆଲୋକରେ ପୁନଃ ପରୀକ୍ଷା

କରିଛନ୍ତି । ରାମାୟଣରେ ବର୍ଣ୍ଣିତ ଲକ୍ଷ୍ମଣ ସମ୍ପର୍କରେ ସତୀ ଶିରୋମଣି ପ୍ରାତଃସ୍ମରଣୀୟା ସୀତାଙ୍କ ଚରିତ୍ରର ସମସ୍ତ ସଦ୍‌ଗୁଣ ମଧ୍ୟରେ ରାମାୟଣକାର ଗୋଟିଏ ଶିରନ୍ତମା womanly meanness ଉପରେ କଟାକ୍ଷ କରିଛନ୍ତି । ଶ୍ରୀ ବିଶ୍ୱନାଥଙ୍କ ମତରେ ଆଧୁନିକା ସଭ୍ୟତା ଭିତରେ ମଧ୍ୟ ସେହି ପୁରାଣ ଯୁଗର ସୀତାଙ୍କର କେବଳ ଯୁଗପତ୍ ରୂପାନ୍ତର ହୋଇଛି—ଗୁଣାନ୍ତର ହୋଇ ନାହିଁ । "ସଂସାରେପ୍ସୁମ୍" ଓ "ଅସାର ଖଳୁ ସଂସାରେ" ଗଳ୍ପ ଦୁଇଟିରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଚମତ୍କାର ହୋଇଛି । ମୋଟ ଉପରେ ତାଙ୍କର ଗଳ୍ପଗୁଡ଼ିକ ପାଠ କରି ତାଙ୍କର ଗଳ୍ପ-ରଚନା-ପ୍ରତିଭା ଉପରେ ମୁଁ ବେଶ୍ ଆସ୍ଥାଶୀଳ ହୋଇଛି ।

ଆଉ ଅଧିକ କହିବାର ନାହିଁ । ଶ୍ରୀ ବିଶ୍ୱନାଥଙ୍କୁ ଆମେ ଓଡ଼ିଆ ଗଳ୍ପ-ଜଗତକୁ ସାଦର ନିମନ୍ତ୍ରଣ ଜଣାଉଅଛୁଁ । ତାଙ୍କର ଲେଖକ-ଜୀବନରେ ସିଦ୍ଧି ନ ଆସୁ— ମାତ୍ର ସାଧନାରେ ସେ ଧନ୍ୟ ହୁଅନ୍ତୁ । ଇତି ।

ସ୍ନାନ ପୂର୍ଣ୍ଣିମା
୧-୬-୫୯

ଅଳମତି ବିସ୍ତରେଣ !
ମହାପାତ୍ର ନୀଳମଣି ସାହୁ
ଅଧ୍ୟାପକ ଗଜପତି କଲେଜ,
ପାରଳାଖେମୁଣ୍ଡି ॥

# ମଲା ନଈ

କଟକ ବଡ଼ ଡାକ୍ତରଖାନାର ପ୍ରସୂତି ଭବନ ଆଗରେ ଉଦ୍ୟାନ ନାଁ ଥିଲା, ସେଇ ଯୋଉଁ ଦୁଇ ତିନୋଟା ଥୁଣ୍ଟା ଟଗର ଗଛ ଛିଡ଼ା ହୋଇଛି, ତା'ର ତଳେ ଏକ ବେଞ୍ଚ ଉପରେ ବସିଥିଲେ ମନୋଜ ବାବୁ ଆଉ ତାଙ୍କର ମା'। ପରିଦର୍ଶନ ସମୟ ଆହୁରି ଘଣ୍ଟାଏ ବାକି। ହୃଦୟର ଆବେଗ, ଉତ୍କଣ୍ଠା ଘଣ୍ଟା କଣ୍ଟାର ଗତିକୁ ଅପେକ୍ଷା କରେ ନାହିଁ। ବୁଢ଼ୀଙ୍କର ନାତି ଦେଖିବାର ମୋହ ଓ ମନୋଜ ବାବୁଙ୍କର ପୁଅ ଦେଖିବାର ଆକୁଳତା ଉଭୟଙ୍କୁ ଘଣ୍ଟାଏ ଆଗରୁ ଟେନ ଆସିଛି। ଉଭୟେ ଅପେକ୍ଷା କରି ବସିଛନ୍ତି ସେଇ ସମୟକୁ। ଆଜକୁ ତିନି ଦିନ ହେଲା ମନୋଜଙ୍କର ପୁଅ ହୋଇଛି। ଦର୍ଶନ ସମୟରେ ସେ ଆଉ ତାଙ୍କର ମା' ବୁଢ଼ୀ ପିଲା ଦେଖିବାକୁ ଆସନ୍ତି ସବୁଦିନ।

ବୁଢ଼ୀ ଆରମ୍ଭ କଲେ, "ମୁଁ ଆଜ ସ୍ୱପ୍ନରେ ଯାଉଛି ବାବାର

"କାହିଁକି ? ନାତି ଉପରୁ ମନ ଛୁଟି ଗଲା କି ବୋଉ ।" ମନୋଜ ବାବୁ କହିଲେ ।

"ନାଁରେ, ତୁ ଆଜି ତୋ ଶାଶୂ ଘର ଅଛୁ । ମୁଁ ଯାଉଛି । ତୋ ବାପା ସେଠି ଏକୁଟିଆ ଥିବେ । ମନଟା କେମିତି, କେମିତି ହେଉଛି । କାହିଁ, କେଉଁଠି ମନ ଲାଗୁନି ।"

ବୁଢ଼ୀ ସେତେବେଳକୁ ପୁଅଙ୍କର ଆଡୁର ପାଖକୁ ଘୁଞ୍ଚି ଆସି ପୁଅଙ୍କ ମୁଣ୍ଡବାଳ ସାଉଁଳୁଛନ୍ତି ।

"ଘରେ ବଡ଼ବୋଉ, ଶମ୍ଭୁ, ରମା, ବନ, ସୁନ୍ଦର ବାକର ସବୁ ଅଛନ୍ତି । ବାପା ଏକୁଟିଆ କାହିଁକି ରହିବେ ?"

ସରଳ, ତରଳ, କୋମଳ ବୋଉଙ୍କର ଅସଜାଡ଼ା ମନ ସେତେବେଳକୁ ସଜାଡ଼ା ସଜାଗ ହୋଇ ଯାଇଥିଲା । ମନଗହ୍ୱରର ଗହନ ବଣ ଭିତରେ ଯେଉଁ ପ୍ରେମ ପ୍ରଣୟର ଗୋପନ ଫଲ୍‌ଗୁ ବହୁଥିଲା ତାହା ଯେ କେତେବେଳେ ଗୋପ, ବୃନ୍ଦାବନର ଯମୁନା ହୋଇ, ପ୍ରକାଶ୍ୟରେ କୁଳୁକୁଳୁ ଧ୍ୱନିରେ ବହି ଯାଇଛି, ତାଙ୍କର ହେଜ ନ ଥିଲା । ପୁଅ ପାଖରେ କ'ଣ କହୁଁ କହୁଁ କ'ଣ କହି ପକାଇଛନ୍ତି ହେଜିଲା ବେଳକୁ ମନ ସଜାଗ ହୋଇଗଲା । କଥାର ମୋଡ଼ ସେ ବଦଳାଇ ଦେଲେ ।

କିନ୍ତୁ ମନ ଗହ୍ୱରରେ ସେତେବେଳକୁ ଘୋଟର ଉଚ୍ଛୁଳା ବନ୍ୟା । ଚକ୍ଷୁ ତାରକା ଉଜ୍ଜ୍ୱଳ, କଣ୍ଠ ଆର୍ଦ୍ର, ଓଠ ପୁଟରେ ମୃଦୁ ହସ । ସେ ପୁଣି ଆରମ୍ଭ କଲେ, "ଠିକ ଏଇମିତରେ, ଠିକ୍ ଏଇମିତି, ତୁ ଏଠି ଯେମିତି ଅପେକ୍ଷା କରି ବସିଛୁ, ତୋ ଜନ୍ମ ବେଳକୁ ତୋ

ବାପା ଦାଣ୍ଡ ବାରଣ୍ଡାରେ ଘଣ୍ଟା ଘଣ୍ଟା ଧରି ବସନ୍ତି । କେହି ନ ଥିଲେ ବେଳେ ଚୁପ୍ କରି ଆସି ଥରେ ଅଧେ ମତେ ଟିକେ ଦେଖିଯିବେ ବୋଧେ । କେଉଁ କାଳ ପରି ସବୁ ଚିତ୍ର ଉଙ୍କି ମନେ ପଡ଼ୁଛି । ତୋର ଜନମ ବେଳକୁ ସେ ଯେଉଁ ଦୁଃଖ ଯନ୍ତ୍ରଣା ! ଓଃ, ଜୀବନର ଆଶା ଛାଡ଼ି ଦେଇଥିଲି । ଏକ ଦିନ, ଏକ ରାତି ସେ ଯେଉଁ ଦୁଃଖ ! ଓଃ—ମନ ହେଉଥାଏ ତୋ ବାପା ଟିକେ ଆସନ୍ତେ କି ! ! ପିଲାକୁ ଦେଖି ପାରିବନି, ପିଲାର ବାପକୁ ହେଲେ ଆଖି ବୁଜିବା ଆଗରୁ ଦେଖିଥାଏ ।"

ସେତେବେଳକୁ ମୁଗ୍ଧ ହେଲେଣି ମନୋଜ, ପଦ୍ମରେଖା, ପଞ୍ଜିନ୍ତିକୁ ଭୁଲିଯାଇ ବୋଉଙ୍କ କୋଳକୁ ଆଉଜି ପଡ଼ି, ତାଙ୍କ ମୁଖକୁ ଏକ ଦୃଷ୍ଟିରେ ଚାହିଁ ରହିଛନ୍ତି । ସତେ ଅବା, ସତେ ଅବା ସୃଷ୍ଟିର ଆଦି ଜନନୀ, ତାର ଆଦି ସନ୍ତାନ ଆଗରେ, ସୃଷ୍ଟିର ଆଦି ରହସ୍ୟ ପ୍ରକାଶ କରୁଛନ୍ତି, ଆଉ ମନୋଜ ସେପରି କେଉଁ ଏକ ଅତୀତ ସ୍ୱପ୍ନଲୋକରେ ବୁଡ଼ି ରହି, ଏହି ଅନନ୍ତ ରହସ୍ୟକୁ ନିର୍ବୋଧ ଭାବରେ ବୋଧ କରୁଛନ୍ତି ।

"କିନ୍ତୁ ହେଲା ନାହିଁ ବାପ ! ତମ କାଳର ସମାଜ ପରି ଆମ କାଳର ସମାଜ ତ ନ ଥିଲା । ବାପା, ବୋଉ, ଗୁରୁ ଗୁରୁଜନ ସମସ୍ତେ ଥାଇଁ ଥାଉଁ ସେ ମୋ ପାଖକୁ ଆସନ୍ତେ କେମିତି ? ମୁ ଆଉ ସେତେବେଳେ ଦେଖି ପାରିଲିନି । କିନ୍ତୁ ତୋର ଜେଜେ ବାପ କୁଆଡ଼େ ଓରଣ୍ଡି ଚୁପି ଚୁପି ଆସି ଝରକା ପାଖରେ ଚାହିଁ ଦେଇଯାନ୍ତି । ଶେଷରେ ଏହି କଷ୍ଟରେ ତୁ ଏଇ କୋଳକୁ ଆସିଲୁ । ତୋ ବାପାଙ୍କର ସ୍ୱପ୍ନ, ମୋର ସାଧନା ଆଉ ଈଶ୍ୱରଙ୍କର ଆଶୀର୍ବାଦର

ଗୁଣ ନେଇ ତୁଇଁ ଜନ୍ମ ହେଲୁ । କାଲିପରି ସବୁ ଜଳ ଜଳ ଦିଶି ଯାଉଛି ।"

ବୁଢୀ ସେତେବେଳକୁ ବୋଧେ ଭୁଲି ଯାଇଛନ୍ତି ଯେ, ସେ ଷାଠିଏ ବର୍ଷର ବୁଢୀ । ତାଙ୍କର ବୋଧେ ସ୍ମରଣ ନାହିଁ, ସେ ନୁହଁ, ତାଙ୍କ ପୁତ୍ର ବଧୂ ଆଜି ଜନନୀ । ତାଙ୍କ ସ୍ୱାମୀ ତାଙ୍କ ଭିତରେ ହୋଇ ଆତ୍ମପ୍ରକାଶ କରି, ତାଙ୍କ ପୁତ୍ର ଯେ ପୁଣି ତାଙ୍କ ପୁତ୍ରବଧୂ ଭିତରେ ହୋଇ ଆତ୍ମପ୍ରକାଶ କଲେଣି, ସେ କଥାକୁ ତାଙ୍କର ଖିଆଲ ନାହିଁ । ସେ ସେଇ ଦିନର, ସେଇ ଗଲା ଦିନର ସ୍ୱପ୍ନରେ ବିଭୋର । ସେ ସତେ ଅବା ସେଇ ଗଲା ଦିନର ତରୁଣୀ ବଧୂ—ଆଉ ନୂତନ ମାତୃତ୍ୱରେ ତାଙ୍କର ବକ୍ଷ ସତେ ବା ବାତ୍ସଲ୍ୟ ମମତାରେ ଭରି ଯାଇଛି, ଫାଟି ପଡୁଛି । ସେ ସତେ ଅବା ପୁଣି ନୂଆ କରି ତାଙ୍କରି ପୁତ୍ରବଧୂ ରୂପେ ରୂପାନ୍ତରିତ ହୋଇ ଯାଇଛନ୍ତି । ସୃଷ୍ଟି ପୂର୍ବର ସେଇ ଯନ୍ତ୍ରଣା, ସୃଷ୍ଟି ପରର ସେଇ ଆମୋଦକୁ, ସେ ଯିମିତି ନିଜର ବଧୂ ଭିତରେ ନିଜକୁ ଦେଖି ଅନୁଭବ କରୁଛନ୍ତି । ସମଗ୍ର ମୁଖମଣ୍ଡଳ ଏକ ଉଜ୍ଜ୍ୱଳ-ଆନନ୍ଦ ଆଲୋକରେ ଉଦ୍ଭାସିତ—ସେ ଆଲୋକ—ସେ ଆନନ୍ଦ ନିରବଚ୍ଛିନ୍ନ ସୃଷ୍ଟିଧାରାର—ସର୍ଜନ ପରମ୍ପରାର—ସେଥିରେ ଚିରନ୍ତନ ସୃଷ୍ଟିର ରୂପ ଯେପରି ନିତ୍ୟ-ନୂତନ—ଚିରନ୍ତନ ରୂପର ସ୍ରଷ୍ଟା ବି ସେଇ ଭଳି ନିତ୍ୟ ନୂତନ?!

ହେଡ୍‌ନର୍ସ ଆସି ସେ ସ୍ୱପ୍ନକୁ ଭାଙ୍ଗିଦେଲେ । "ମା' ଆସନ୍ତୁ ଏବେ ୱାର୍ଡକୁ ଯିବେ ପରା ! ବେଳ ହୋଇ ଗଲାଣି ।"

ଆଜି ଜାହ୍ନବୀର ନାତିକୁ ଦେଖି ବୁଢ଼ୀ ହଠାତ୍ ଚମକି ପଡ଼ିଲେ । ଓଠପୁଟରେ, ଆଖି କୋଣରେ ହସ ଆଉ ଲୁହର ସ୍ପନ୍ଦ । ଓଠରେ ହସ । ଚକ୍ଷୁ ତାରକା ଆର୍ଦ୍ର ।

ଅତୀତ ସୌନ୍ଦର୍ଯ୍ୟର ଚିହ୍ନଚୟ ଓ ଲୀଳା ଅସ୍ପୃଷ୍ଟ ଥିବା ଏକ ସରଳ ହସ ରେଖା, ଲୁହ ମଖା ମୁଖମଣ୍ଡଳରେ ହର୍ଷ ବିଷାଦର ଅନୁଭୂତି ଅନୁଭୂତିର, ସ୍ୱପ୍ନ-ଉଚ୍ଛ୍ୱାସର ଏ ମୁଦ୍ରାକୁ କିଏ ନିରୀକ୍ଷଣ କରି ଗବେଷଣା କରିବ ? ମୁଖମଣ୍ଡଳର ଏଇ ନୀରବ ଲିପିକାକୁ କିଏ ଅଧ୍ୟୟନ କରିବ ? ? ଏଇ ହସ ଆଉ ଲୁହ ତଳେ କେଉଁ ବେଦନା, କେଉଁ କାମନା, କେଉଁ ସ୍ୱପ୍ନ, କେଉଁ ଉଚ୍ଛ୍ୱାସର ଲହରୀ ଖେଳୁଛି, ତାକୁ କିଏ କହିବ ? ?

କିଏ କହିବ, ଶଯ୍ୟା ତଳେ ବୁଢ଼ୀ ସେଇ ଗନ୍ଧବନର ସ୍ୱପ୍ନ ଦେଖୁଛନ୍ତି ବୋଲି ! ମନ ହେଲେ ସେ କେଉଁ ଜନକର ଜନନୀ ନୁହନ୍ତି, ସେ ପ୍ରତ୍ୟେକ ସନ୍ତାନର ଜନନୀ । ଅନନ୍ତ ବିଶ୍ୱର ଅକଳଙ୍କ ସନ୍ତାନର ସେ ଜନନୀ । ମନ ହେଲେ ସେ ଅନନ୍ତ ଯୌବନା, ଚିର ଗର୍ଭଧାରିଣୀ, ପ୍ରସବିନୀ ଆଦ୍ୟମାତା ।

ବଧୂ ଓ ସେ ଆଜି ଏକାକାର, ଅଭିନ୍ନ । ବଧୂ ନୁହଁ, ବଧୂ ରୂପରେ ସେ ନିଜେ ଆଜି ପ୍ରସବିନୀ—ଜନନୀ । ନାତି ନୁହେଁ, ନାତି ରୂପରେ ତାଙ୍କର ପୁତ୍ର ଆଜି ପୁଣି ଜନ୍ମ ନେଇଛନ୍ତି ।

ସ୍ୱପ୍ନ ଜଗତରୁ ଫେରି ଆସିଲା ପରେ ସେ ଚମକି ପଡ଼ି କହିଲେ, "ଆରେ ଏ ବେଶ୍ କିଏ ତୋର ? ମନୁ ଦେଖୁଚୁ ! ଅବିକଳ ତୋର ରୂପ, ତୋର ନାକ, ତୋର କାନ । ଏ ଟୋକା ଯେମିତି ହୋଇଚି, ଜନ୍ମବେଳେ ତୁ ଠିକ୍ ସେମିତି ହୋଇଥିଲୁ ।"

"ବୋହୂ, ମୋ ପୁଅକୁ ତମେ କୁଆଡ଼ୁ ଖୋଜି ଆଣିଲ ?" ବୋହୂ ନିରବ ରହିଲେ । ଶୋଭାମୁହଁରେ ତାଙ୍କର ଲଜ୍ଜାର ସଞ୍ଚାର ହେଲା । ରକ୍ତହୀନ ସେଇ କଅଁଳ ଛନଛନ ମୁଖମଣ୍ଡଳରେ କିଏ ଯେମିତି ମୁଠାଏ ଫଗୁ ବିଞ୍ଚିଦେଲା । ସେ ମୁହଁ ତଳକୁ କଲେ ।

ସେ କେମନ୍ତ କହନ୍ତେ ଯେ ଏ ସନ୍ତାନର ଜନକ ତ ତମରି ପୁଅ ? ତାଙ୍କର ଅନଭିଜ୍ଞ ମନ କେମିତି ବୁଝନ୍ତା ଏଇ ଅନନ୍ତ-ଯୌବନା ଜନମାର ମନର କାମନା, ବେଦନା !

ସେ ନୀରବ ରହିଲେ ।

ବୁଢ଼ୀ ପୁଣି ଆରମ୍ଭ କଲେ । ସ୍ଥାନ କାଳ ପାତ୍ରର ହୁସ୍ ତାଙ୍କର ନାହିଁ । ଦେହ ଏଇ ସଂସାରରେ । କିନ୍ତୁ ମନ ଧାଇଁ କେଉଁ ରହସ୍ୟଘେରା ସଂସାରର ଅନ୍ଧାର ଭିତରେ । ସେ କହିଲେ, "ମନୁ, ମୁଁ ଆଜି ଯାଉଛି ତାଙ୍କୁ । ତୋ ବାପା ଖାଲି ମନେ ପଡ଼ୁଛନ୍ତି । ବହୁ ତ କାଲି ଡାକ୍ତର ଖାନାରୁ ଫିରିବେ, ତୁ ତାଙ୍କୁ ନେଇଯିବୁ । ମୁଁ ଆଉ ଅଧିକ କ'ଣ କହିବି ?"

ମନୋଜ ବୁଝିଗଲେ ବୋଧେ । ଆଜି ଆପଣି ସେ କଲେଜ । ମନ ପରଦାରେ ବାପା, ବୋଉଙ୍କର ଗଲା ଦିନର କଥା ସବୁ ଆସି ଉଁକି ମାରିଲା ।

ସେଇ, ସେ ଦିନ । ଖଟ ଉପରେ ବସି ବାପା କ'ଣ ହିସାବ କରୁଛନ୍ତି । ବୋଉ ପାଖରେ ଛିଡ଼ା ହୋଇ ଧୀରେ, ଧୀରେ ମୁଣ୍ଡର ବାଳକୁ ସାଉଁଳାଇ ଦେଉଛନ୍ତି । ବେଦମଣି—ତାଙ୍କ ସ୍ତ୍ରୀ, କେଉଁ ଠାଇଁ ଆସି ଡାକିଲେ ଆସ, ଦେଖିବ ଆସ, ତମ ମୁଣ୍ଡ ମୁଁ ସେ ଦିନ ଯେମିତି ସାଉଁଳୁଥିଲି, ବୋଉ ସେମିତି ବାପାଙ୍କ ମୁଣ୍ଡ ସାଉଁଳୁଛନ୍ତି ।

ମନୋଜ କିଛି ଉତ୍ତର ନ ଦେଇ ହସିଥିଲେ ଟିକେ କେବଳ ।

ଆଉ ଦିନେ । ସୁରଭି ପାଖେ ବାପା ବୋଉ ଗପକୁ ସ୍ମୃତି ଠିଆ ହୋଇଛନ୍ତି । ବୋଉ ମୁହଁଆଡେ ଚାହିଁ ହସି ବାପା ଭଳେ ହାତ ଧରିଲ ଆଉଜି ଛିଡ଼ା ହୋଇଛନ୍ତି ।

ସେ ଦିନ ବି ଦେବକମଣାଙ୍କର ହସ କନ୍ଦିଲେ ନ ସରେ ।

ପ୍ରତିଦିନ ଦେବକନ୍ୟା ତାଙ୍କ ସହ କଳି କରନ୍ତି । ଦେଖ, ବାପା ବୋଉଙ୍କର ଏ ବୟସରେ ବି କଥାରେ, ହସର କସମ ନାହିଁ । ସତ ରାତି ଦିନ ଯାଉଛି । ମୋଟେ କିଛି ଦୁଇଟା ବର୍ଷରେ ତମେ ଆଉ ମୋ ସହ ବେଶୀ କଥାବାର୍ତ୍ତା କରୁନ । ଖାଲି କାମ, ଖାଇବା ଆଉ ଶୋଇବା ।

ମନୋଜ ସେ ଦିନ ତାଙ୍କୁ ବୁଝାଇଥିଲେ, 'ସୁନ୍ଦିଲ, ବାପା ବୋଉଙ୍କର କାମର ଦିନ ସରିଯାଇଛି । ଏଣିକି କଥାରେ ନେଇ ସେମାନେ ବଞ୍ଚିବେ । ସେଇଠିକ ବାଦ୍ ଦେଲେ ତାଙ୍କର ଆଉ ରହିଲା କ'ଣ ? ତାଙ୍କ ସଙ୍ଗେ ଆମକୁ କାହିଁ ତୁଳନା କରୁଛ ?'

କିନ୍ତୁ ମନୋଜ ନିଜେ, ମନେ ମନେ ଦୁଃଖିତ ହୋଇଥିଲେ ସେଇଦିନ; ଯେଉଁ ଦିନ ତାଙ୍କ ବୋଉ, ତାଙ୍କ ବାପାଙ୍କୁ କହିଲେ ହଇ ହେ, ଆମେ ଦୁହେଁ ଦିନେ ସିନେମା ଯା'ନ୍ତେନି ।

ସେ ବୋଉଙ୍କର ଏ ବ୍ୟବହାରକୁ ଦକାର ବୋଲି ଭାବିଥିଲେ । କିନ୍ତୁ ପରେ ବାପା ବୋଉଙ୍କର ଗଭୀର ପ୍ରେମର ସରଳ ପରିପ୍ରକାଶକୁ ସେ ନିଜେ ବୁଝି ନ ପାରି ଏପରି ଭାବିଥିଲେ ବୋଲି ଲଜ୍ଜିତ ହୋଇଥିଲେ । ବାପା ବୋଉଙ୍କର ବାସନା-ବର୍ଜିତ ଏହି ମଧୁର ପ୍ରେମକୁ ସେ ନ ବୁଝି ସେ ଦିନ ବ୍ୟଥିତ ହୋଇଥିଲେ ।

ଆଜି ସେଇଥି ପାଇଁ ସେ ଆଉ ବେଶୀ ଆପତ୍ତି କଲେନା। ଦେବ ନୁହଁ, ଭକ୍ତର ମନର କାମନା ଏତେ ମଧୁର, ଏତେ ଗଭୀର ହୋଇ ପାରେ ଭାବି ସେ ଅଭିଭୂତ ହେଲେ। ମନେ ମନେ ବୋଉଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନଇଁ ପଡ଼ିଲା।

ବସାକୁ ଫେରିଲେ। ବୋଉ ଗାଁକୁ ଯିବା ପାଇଁ ଜିନିଷ ପତ୍ର ବନ୍ଧାବନ୍ଧିରେ ବ୍ୟସ୍ତ। ଗୃହର ଶୋକାଟିକୁ ଅପସ୍ତୁ କରି ସାରିଲେଣି। ମନୋଜ ପଚାରିଲେ, "ବୋଉ, ସବର ଯାଉ ଏବେ ଟିକସା ଡାକଆଣିବ। ତୁ ଆଉ ସେ ବିଦେହ ଗୃହ ଯାଅ ଆଜ।"

"ହଁ ତାକୁ କହ, ଟିକ୍ସା ଡାକିବ ଆଉ ଟେନାଚୁର କିଛି କିଣି ଆଣିବ।"

ସବର ଆସି ଯାଇଥିଲା ସେତେବେଳକୁ। ସେ ପଚାରିଲା, "ମା ଟେନାଚୁର କ'ଣ ହବ ?"

"ତୋ ବାପା ପାଇଁ ନେବ" ନିର୍ବିକାର ଭାବେ ବୁଢ଼ୀ କହିଲେ ଏତକ।

"ବାବୁଙ୍କର କ'ଣ ବାନ୍ତ ଅଛି ଯେ ତାଙ୍କ ପାଇଁ ଟେନାଚୁର ନବ !"ଏତକ କହିସାରି ଫେଁ କରି ହସି ଦେଲା ଗୃହର ଶୋକା।

ବୁଢ଼ୀ ଚମକିଲେ। ମୁହଁ ଗୋଟା କଳା ପଡ଼ିଗଲା। ମନ ଗଭୀରର ଉଚ୍ଛୁଳା ପ୍ରେମ ତାଙ୍କର ବସ୍ତୁସବୁ ମାପି ପାରନ୍ତି। ବସ୍ତୁସବ ଅବଶ୍ୟମ୍ଭାବୀ ପରିଣତିକୁ ଧରିଜ ପାରନ୍ତି। ସବର ଯେମିତ ଆଜ ନୂଆ କରି ଦେଖାଇ ଦେଲା, ତାଙ୍କ ପ୍ରିୟତମ ପୁଅ, ସେ କଣନଥାନ। ବୃଦ୍ଧୀ ବିସ୍ମିତ। ଭିତରେ ତାଙ୍କର ଅବଶ୍ୟମ ଦ୍ୱନ୍ଦ୍ୱ।

ମନ ଓ ବସ୍ତୁସ୍ୱର, ପ୍ରେମ ଓ ପ୍ରଣୟର ଏସ ଯେମିତି ସବୁ ମନେ ଗଣ୍ଠିର ଆକୁଳତା ନେଇ ସେଇ ଗଳ୍ପବନକୁ ଖୋଜୁଛନ୍ତି ! ସେ ବନ ଆଜ ଗୌରବ ନାହିଁ । ଚନ୍ଦ୍ର କଳ୍ପ ଉଦ୍ଧାର, ସେଇ ଗଳ୍ପବନକୁ ନେଉଛନ୍ତି ବଡ଼ା ପାଇଁ, ଦେଉଛନ୍ତି ଦଡ଼ା ପାଇଁ ।

ବୁଢ଼ୀ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ । ତା' ପରେ ଶେଜରୁ ଉଠିଲା ପରି ପୁଣି କହିଲେ, "ଆରେ ହଁ ଆଣ, ବାବୁ କ'ଣ ଖାଆନ୍ତେ ସକାଳେ ? ପିଲାଏ ତ ଖାଇବେ ।"

ବୁଢ଼ୀ ସ୍ୱପନଙ୍କୁ ବଡ଼ା ଭାଜିଦେଇ, ପୁଣି ସେହି କଥାରେ ବୁଡ଼ି ରହିଲେ । କଲ୍ପନ ଯେଉଁ ସ୍ତରରୁ ଆସିଛି, ମନକୁ ସେହି ସ୍ତରକୁ ଆଣି ପ୍ରଣୟକୁ ସେ କଳନାକୁ ଲାଗିଲେ । ଏହି ମନେ ମନେ ଆଙ୍କ ଦେଇଗଲେ, ତାଙ୍କ ପ୍ରିୟତମଙ୍କର ଦାନ୍ତ ନାହିଁ ।

ନାହିଁ, ସେ ତ ଆଗରୁ ଦେଖି ନ ଥିଲେ ! ସେ କେବେ ଜାଣି ପାରିଲେନି ଆଖି ଥାଉଁ ଥାଉଁ ମଣିଷ ଅନ୍ଧ କେମିତି ହୁଏ ।

ନାଁ—ଅନ୍ଧ ହୁଏନାହିଁ । ଆଖିରୁ ଯେତେବେଳେ ଦୃଷ୍ଟି ଶକ୍ତି କମି ଆସେ—ମନ ସେତେବେଳେ ସବୁ କଥା ଦେଖିବାକୁ ଆରମ୍ଭ କରେ । ଆଉ ମୂଳରୁ ପୁଣି ଥରେ ନୂଆ କରି ଦେଖିବାକୁ ଆରମ୍ଭ କରେ—ଆଖି ପକ୍ଷେ ଯାହା ପୁରୁଣା, ମନ ପକ୍ଷେ ତାହା ପୁଣି ନୂଆ ।

ସେ ସେଇମିତି ବସି ଭାବୁଥାନ୍ତେ । ମାତ୍ର ଏ କିଏ ? କିଏ ସେ ଏ ? ଆଗରେ ସେ ବୁଢ଼ା ! ତାଙ୍କ ପ୍ରିୟତମ !!

"ଦେଖଛି ମଜୁବର, ମୁଁ ଆସିଗଲି ।"

ବୁଢ଼ୀଙ୍କର ସପନ ଯେମିତ ଭାଙ୍ଗିଗଲା । ସେ କବରୁ ଚହିଁ କଲା ପରି ଉଠି ପଚାରିଲେ, "ଆସିଗଲ—କାହିଁକି ମ ?"

"ତମ କଥା ଭାରି ମନେ ପଡ଼ିଲା । ତା' ଛଡ଼ାସେ ଟୋକାଟାକୁ ଦେଖିବାକୁ ବି ଭାରି ମନ ହେଲା । ଆଉ, ଆଉ କଣ ?

ଆଜି ଏକା ସାଙ୍ଗେ ଦି' ପାଟି ଦାନ୍ତ ବି ବସେଇ ନେବା ।"

ବୁଢ଼ୀ ଚମକି ପଡ଼ିଲେ । ତାଙ୍କୁ ଯେମିତି ଆଘାତ ଦେବା ପାଇଁ ଆଜି ସମସ୍ତେ ଅସ୍ତ୍ର ଧରିଛନ୍ତି । ବୁଢ଼ାଙ୍କଠାରୁ ମୁରଗା ଯାଏ ନିଜର ଆତ୍ମରକ୍ଷା ପାଇଁ ମନେ ମନେ ବହୁ ଉପାୟ ଖୋଜି ନିରସ୍ତ ହେଲେ । ମନେ ମନେ ଚିଡ଼ି ଉଠି କହିଲେ,

'ଏ ବୁଢ଼ାକାଳେ ପୁଣି ଏ ସଉକ କଥା ମ ?'

ଏତିକି କହି ଦେଇ, ବୁଢ଼ୀ ନିଜେ ବ୍ୟଥିତ ହେଲେ । ଆହା' ସତେ କଣ ସେ ବୁଢ଼ା !

ବାବୁ କିନ୍ତୁ ଏ ସବୁ କଥାରେ ଗୁରୁତ୍ୱ କିଛି ନ ବୁଝି ହସି ହସି ଆରମ୍ଭ କଲେ—

"ବୁଝିଲ, ମୋର ପ୍ରତିଦ୍ୱନ୍ଦୀଟିଏ ଆସିଗଲେ କିନା ? ସେଇମ— ସେଇ ଟୋକା—ଆମ ମନୁ ପୁଅ । ସେ ପାଲୁଆକୁ ମୃତ ପାଲୁଆ । ତମେ କାଲେ ଏ ପାକଳ ପାଲୁଆକୁ ଛାଡ଼ି ସେ କଅଁଳ ପାଲୁଆକୁ ଧରିବ, ସେଇ ଡରେ ଆସିଲି ଦି ପାଟି ଦାନ୍ତ ବସେଇ ନେବି ।

ଏତକ କହି ସାରି ସେ ଏକ ପ୍ରାଣ—ଉଚ୍ଛୁଳା ହସ ହସି ଦେଲେ । ବୁଢ଼ୀ ବି କିଛି ନ ବୁଝିଲା ପରି ତାଙ୍କ ସହ ଫେଁ କରି ହସି ଉଠିଲେ ।

ଆଉ ମନୋଜ ? ସେ ଦୂରରୁ ଥାଇ ବାପା, ବୋଉଙ୍କର ଏ ସରଳ ମଧୁର ପ୍ରେମକୁ ଦେଖୁଥିଲେ । ଆଉ ମନେ ମନେ ବୋଧେ କଳୁଥିଲେ ଏଇ ପ୍ରେମର ମଧୁରତାକୁ, ଗମ୍ଭୀରତାକୁ । ଯେଉଁ ପ୍ରେମ-ନଈର ଉଚ୍ଛୁଳା ସୁଅ ଆଜି ଆଉ ଉପରେ ବହୁନାହିଁ—ସେ ସୁଅ ଆଜି ଅନ୍ତର ଭିତରେ, ମନ ଗହ୍ୱରରେ । ସେ କୂଳ ଉଚ୍ଛୁଳା ଭାଗୀରଥୀ ନୁହେଁ, ସେ ଗୁପ୍ତଗଙ୍ଗା । ସେ ପ୍ରେମନଈ ଆଜି କଳନାଦିନୀ ଯମୁନା ନୁହେଁ—ସେ ଅନ୍ତଃସଲିଳା ଫଲ୍‌ଗୁ ।

# ବ୍ୟବଧାନ

ଗୋଟିଏ ବାପର ଦୁଇଟି ପୁଅ । ରାମ ଲକ୍ଷ୍ମଣ ପରି ଦୁଇଟି ଭାଇ ।

ଜଣକ ପ୍ରାଣରେ ବେଦନା ଜାଗିଲେ, ଆଉ ଜଣକ ପ୍ରାଣରେ ତା'ର ପ୍ରତିକ୍ରିୟା ହୁଏ । ଜଣେ କାନ୍ଦିଲେ ଆର ଜଣକ ଆଖିରୁ ଝର୍ ଝର୍ ଲୁହ ଝରେ ।

ଏମିତି ସେ ଦୁଇଭାଇ, ପିଲାଟି ଦିନରୁ, ଧୂଳି ଖେଳରୁ ସାଙ୍ଗ ସାଥୀ । ଉଭୟେ ଉଭୟଙ୍କର ଭାଇ, ବନ୍ଧୁ, ଦୋସର । ଏକକୁ ଆରେକ ଛାଡ଼ିବା ଅସମ୍ଭବ ।

ପୁରୁଣା ଦିନିଆ ଏକ ସମ୍ଭ୍ରାନ୍ତ, ଅଭିଜାତ ପରିବାରରେ ତାଙ୍କର ଜନ୍ମ । ଦୁଇଟି ଭାଇ ଚନ୍ଦ୍ରମଣି ଓ ଧନମଣି ।

ବାପା ତାଙ୍କର ଧନୀ ନ ହେଲେହେଁ, ନିର୍ଦ୍ଧନ ନୁହନ୍ତି । ବାଟିକୁ ଉପର ଚାଷ । ପାନ ବରଜ । ରସି, ରସୁଣ, ଲଖବାଜ, ବାହେଲ, ଅଜଳନ୍ତି ନ ହେଲେ ହେଁ ଧନର ଅଭାବ ନ ଥିଲା ।

ପାଇକଚଣ୍ଡୀର ସେନାପତି—ଗାଁ ମାଲିକର ମାମଲତକାର ଲୋକ । ଗ୍ରାମବାସୀଙ୍କ କଥାରେ ତାଙ୍କୁ ଡ଼ରକଥା ଘଟେ । ସେ କଥାକୁ ବଖାଣନ୍ତି, ବୁଝି ବଖାଣନ୍ତି । ତା ତଳେ କାହୁଁ ସ୍ପର୍ଶ ନ ଥାଏ । ଲୋଭ ନ ଥାଏ । ମଧୁପୁର ଗାଁରେ ଏଇମିତି ବାପ, ପୁଅ ତାଙ୍କର ଡର ପ୍ରତ୍ୟକ୍ଷ କଟେଇଲେଣି । ତାଙ୍କ କାଳ ବି ଯିବା ଉପରେ । ଯିବ, ପାକଳ ଆମ୍ବ, ଟିକିଏ ଜୋରରେ ସୁଆଡ଼ ପିଟିଲେ ସେ ବି ଝଡ଼ି ଯିବେ ।

ସେଥିପାଇଁ ଦୁଃଖ ବି ନାହିଁ । ଯିବା, ଆସିବା—ଆସିବା, ଯିବା, ଏଇମିତି ଲାଗିଛି । ଲାଗିଥିବ ପୁଣି କାଳକାଳକୁ ଯେତେ ଦିନ ଯାଏ ଏ ସୃଷ୍ଟି ଅଛି ।

ବାପା ଗଲେ, ସେ ଆଇଲେ । ସେ ଯିବେ ପୁଣି ପୁଏ ମାଡ଼ି ବସିବେ । ଏହା ଚାଲୁଥିବ ।

ସେନାପତିଙ୍କର ଦୁଇ ପୁଅ । ଚନ୍ଦ୍ରମଣି ଓ ଯାଦମଣି, ଆଗକୁ ସେଇ, ପଛକୁ ସେଇ । ଏତେ ଗୋଲବଣାଙ୍କରେ ସେମାନେ ପିଲାଙ୍କୁ ବଢ଼ିଥିଲେ ।

ସେନାପତିଙ୍କର ଦୁଇ ଆଖି, ଚନ୍ଦ୍ରମଣି ଓ ଯାଦମଣି—ଦୁଇ ବାହୁ ଚନ୍ଦ୍ରମଣି ଓ ଯାଦମଣି । ଦୁଇଗୋଡ଼ ଚନ୍ଦ୍ରମଣି ଓ ଯାଦମଣି । ପ୍ରତିଏ କଥାରେ ମିଶ୍ରଂକର ସବୁ ସେ । ଦଣ୍ଡେ ନ ଦେଖିଲେ, ସେମାନେ ତାଙ୍କୁ ଅନ୍ଧାର ଦେଖାଯାଏ । ଦଣ୍ଡେ ଦେଖିଲେ କରଙ୍ଗ କାଣ୍ଡିକ ।

ବ୍ରାହ୍ମଣ । ଅଜନାଇ, କୁଳୀନ । ସାତ ପୁରୁଷରୁ ପଣ୍ଡିତ ଥିଲେ ସାତ ପୁରୁଷରୁ ମାମଲତକାର—ସେନାପତି ପିଲା ଦୁହିଁଙ୍କ

ଇସ୍କୁଲରେ ପଢାଇଲେ । ପିଲାଏ ଇଂରେଜୀ ପଢ଼ିବେ—ବଡଲୋକ ହେବେ-ହାକମ ହେବେ । ସେ ଦଶଖଣ୍ଡ ଗ୍ରାମରେ ନାମ ଅର୍ଜନ କରିଛନ୍ତି । ଯଶ ପ୍ରକାଶ କରିଛନ୍ତି । ପିଲାଏ ତାଙ୍କର ବଂଶ ଜନ୍ମରେ ବଡ଼ଲୋକ ହେବେ—ନାମ କମେଇବେ—ବାପ ଅଜାଙ୍କ ପଣ ରହିବ—ସେଥିପାଇଁ ସେନାପତିଏ ଆଗପଛ ନ ବିଚାରି ପିଲାଙ୍କ ପଢ଼ିବାରେ ଅକାତରେ ଟଙ୍କା ଖରଚ କରିଛନ୍ତି । ପିଲାଂକ ଉପରେ ଅଖଣ୍ଡ ବିଶ୍ୱାସ—ଅଟଳ ଆସ୍ଥା ।

ଫଳ ଯା' ହେବାର କଥା, ତାହାହିଁ ହେଲା । ପୁଅ ହେଲେ ବାଉ ବାଣ୍ଡିଆ । ପୁଏ ଇସ୍କୁଲକୁ ଯାନ୍ତି । ବୁଢ଼ାଙ୍କର କଷ୍ଟ ଆସେ । ସନ୍ତୋଷ ବି ଆସେ । ପିଲେ ପାଠ ପଢୁଛନ୍ତି । ବଡ଼ ମଣିଷ ହେବେ-ହୁଏତ ତାଙ୍କଠୁଁ ବି ବଡ଼ ।

ତାଙ୍କ କାଳ ଥିଲା ନିଆରା । ଚଟଶାଳୀ ପାଠ ସାରି, ଶାରଳା ମହାଭାରତ, ଦାଣ୍ଡି ରାମାୟଣ, ଗୋପୀଭାଷା, ବୈଦେହୀଶ ବିଳାସ, ଭାଗବତ୍ୟ ଆଉ ଟିକିଏ ଆଗକୁ ଯାଇ, ରାଧାନାଥ ଗ୍ରନ୍ଥାବଳୀ ବା ଛ'ମାଣ ଆଠଗୁଣ୍ଠରେ ତାଙ୍କ ପାଠ ସରୁଥିଲା । ସେଇଥିରେ ସେ ପଣ୍ଡିତ, ପାଞ୍ଚଜଣରେ ଜଣେ ହେଉଥିଲେ ।

କିନ୍ତୁ ଏବ କାଳ କଥା ଅଲଗା । ଗାଁ ଗାଁରେ ହାଇସ୍କୁଲ, ସହର ସହରରେ କଲେଜ । ପୁଏ ପାଠ ପଢ଼ିବେ, ହାକମ ହେବେ, କେତେ କଥା—ବୁଢ଼ା ଆନନ୍ଦରେ ଆତ୍ମହରା ହୋଇଯାନ୍ତି । ଆଖି ଆନନ୍ଦରେ ସଜଳ ହୋଇଉଠେ । ଭଗବାନଙ୍କୁ ମୁଣ୍ଡିଆ ମାରନ୍ତି—ପ୍ରଭୁ ହେ; ତାଙ୍କୁ ବଂଚାଇ ରଖ-ବଢ଼ାଇ-ବଂଶର ନାମ ରଖନ୍ତୁ ସେମାନେ—ବଂଶକୁ ଉଜ୍ଜ୍ୱଳ କରନ୍ତୁ ସେମାନେ ।

ପୁଏ କନ୍ଦୁ ବାପାଙ୍କ ଆଖି ଗଜାବୁନ୍ଦି ମୂଳରୁ କାଟି ଦିଅନ୍ତି । ଚନ୍ଦ୍ରମଣି, ଚଗଲଙ୍କ ଶିରୋମଣି । ଖାଲଗଛ ଘର ଦପୁର୍ଣ୍ଣ କାମ କଲାବେଳେ ବାଛ ବିଚାର, ନଥାଏ । ଯାହା ମନକୁ ଆସିଲା ତା କରନ୍ତି । ହରି, ବ୍ରହ୍ମା ଆସିଲେ ସେ ଡରିବା ପାତ୍ର ନୁହନ୍ତି । ଯାହା କରିବାକୁ ବୁଝିବେ, କରିବେ, ଖାଲରେ ପଡ଼ୁ, ଢିପରେ ପଡ଼ୁ ।

କାହାର ଅନିଷ୍ଟ ହେଉ, ଏକଥା ସେ ଚାହାନ୍ତିନି । କିନ୍ତୁ ତାଙ୍କ କାମ ଯେ ଚେଣେ କେତେ ଲୋକଙ୍କୁ ବୁଡ଼ାଏ; ସେ କଥାକୁ ତାଂକର ନଜର ନ ଥାଏ । ସେ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ । କିନ୍ତୁ କେଉଁ ବାଟରେ ତାଙ୍କର ଏଇ ପ୍ରତିଭାଟିର ଭୂୟୋବିକାଶ ହୋଇ ପାରିବ—ସେ କଥା ସେ ବୁଝିପାରି ନ ଥିଲେ ।

ବୁଦ୍ଧି ବି ବଡ଼ ତୀକ୍ଷ୍ଣ । ସରଳ ଆମୋଦ ପାଇଁ ବୁଦ୍ଧିର ଖେଳ ଖେଳୁଁ ଖେଳୁଁ ଗୋଟା ଗାଁକୁ, ଗୋଟା ଘରକୁ କନ୍ଦେଇ ଦିଅନ୍ତି, ଚିନ୍ତାରେ ପକାନ୍ତି । ସବୁ କଥାରେ ଆଗଭର, ସବୁ କଥାରେ ବାହାଦୁରୀ—ସବୁ ମନ୍ତ୍ରଣାରେ ନେତୃତ୍ୱ ।

ଦିନେ, ବାଡ଼ିରେ ପାଳବଗରଜକୁ ମାଟି ଟେକା ହଉଚି । ନନା ବସିଚନ୍ତି । ବାବୁ ହରି ଖୁଣ୍ଡିଲେ; ନନା କହୋ, ଧାଇଁ ଆସ । ବୋଉ କୂଅକୁ ଡେଇଁ ପଡ଼ିଲା । ନନା ଅସ୍ତବ୍ୟସ୍ତ ହୋଇ ଆସିଲା ବେଳକୁ, ପଥର ଖଣ୍ଡେ ଦୁଲୁକରି କୂଅରେ ପକାଇ ଦେଇ ଛୁ । ନନା ମଥାରେ ହାତଦେଇ ବସିଚନ୍ତି । ବୋଉ ହସୁଏଚ ସେତେବେଳେ ପଢ଼ଶା ଘରେ ।

ପୁଣି କେବେ ବା, ଶାଳ ଖଣ୍ଡିକ ତାଙ୍କର ପାଲଟି ଡେଉଁସୀ ଡାଡ଼ଆଡ଼େ ଯାଇଥିଲେ ଆଖିରେ ପଡ଼ନ୍ତି। ଶୀତ ଋତୁରେ ଫୋପଡ଼ ମାଇ ଗାଡ଼ିଆରେ ତାଙ୍କୁ ବଡ଼ ପଡ଼ନ୍ତେ ଯାଏ ଅସ୍ତ୍ରକଳ୍ପ। ଏଇମିତି ସେ।

ସ୍କୁଲକୁ ଯାନ୍ତି। ତାଙ୍କ ସ୍କୁଲ କିନ୍ତୁ ବସେ, ବାଡ଼ି ଆମ୍ବ ତୋଟାରେ। ସେ ରଜା ହୁଅନ୍ତି। ଧାନମଣି ମନ୍ତ୍ରୀ ହୋଇ ପଦସେବା କରନ୍ତି। ମନ୍ତ୍ରଣା ଚାଲେ-ରାଜତ୍ୱ ଚାଲେ-ଏଇମିତି ଚାଲେ ତାଙ୍କର ପାଠପଢ଼ା।

ଏ ସବୁ ଭିତରେ ଧାନମଣି କିନ୍ତୁ ପାଠପଢ଼ାରେ ନଜର ରଖିଥାନ୍ତି। ତୀକ୍ଷ୍ଣ ବୁଦ୍ଧି। ଚନ୍ଦ୍ରମଣିଙ୍କ ଠାରୁ ସେ ହୁଏତ ପ୍ରତିଭାରେ ନ୍ୟୂନ। ମାତ୍ର ସେ ଧୀରଚିତ୍ତ ଓ ଚିନ୍ତାଶୀଳ। ତେଣୁ କର୍ତ୍ତବ୍ୟରେ କେବେ ସେ ହେଳା କରନ୍ତିନ।

ଭାଇନାଙ୍କର ସକଳ ସଇଳ ଦୌରାତ୍ମ୍ୟର ପ୍ରଥମ ଶୀକାର ହୋଇ ମଧ୍ୟ, ସେ ଶ୍ରେଣୀରେ ସବୁବେଳେ ପ୍ରଥମ ହେଇ ହେଇ ଯାନ୍ତି।

ଚନ୍ଦ୍ରମଣି କିନ୍ତୁ ନଇଲା ବୁଦ୍ଧିର ଉଦ୍ଭାବନରେ ଥାନ୍ତି ଶିକ୍ଷକଙ୍କୁ ହଇରାଣ କରିବା ପାଇଁ ଓ ଧାନମଣିଙ୍କୁ ଠକାଇବା ପାଇଁ।

ବୋଉଙ୍କ ଠାରୁ ଜଳଖିଆ ପଇସା ନିଅନ୍ତି, କୋରା ଖାଇବାକୁ। କିନ୍ତୁ ଧାନମଣିଙ୍କ ପଇସା, ସବୁବେଳେ ଚନ୍ଦ୍ରମଣିଙ୍କ ବୁଦ୍ଧିର ଶୀକାର ହୁଏ।

ପଇସା ଦେଖିବା ମାତ୍ରେ ଚନ୍ଦ୍ରମଣିଙ୍କ ବୁଦ୍ଧି ଗଜୁରି ଉଠେ । କହନ୍ତି,"ଧାନୁ ତୋ ପଇସାତକ ମୋତେ ଦେଇଦେ । ମୁଁ ତାକୁ ଭଲ ସାର ଦେଇ ଗଛ ଲଗାଇ ଦେବି ଯେ ପଇସା ଫଳୁଥିବ ତ ଅମାପ—ବୋଉକୁ ଆମେ ଆଉ ଖୋସାମତ କରିବାନି ।"

ଭାଇନାଂକ ବୁଦ୍ଧି ଉପରେ ଧାନମଣିଙ୍କର ଅଖଣ୍ଡ ବିଶ୍ୱାସ ଥାଏ । ସେ ଦେଇ ଦିଅନ୍ତି । ତାଙ୍କ ସାମନାରେ ପଇସା ବି ପୋତା ହୁଏ । ସାର ଦିଆ ହୁଏ । ପାଣି ଦିଆ ହୁଏ ।

ଗଛ କିନ୍ତୁ ସେ ଆଉ ହୁଏନା, ତାଂକ ଅଜ୍ଞାତରେ ସେ ତେତେବେଳେ ଯାଇ ଗଂଗା ଖାଞ୍ଜ ବାକ୍ସରେ ପଶି ସାରିଥାଏ ।

କ୍ରମେ ଧାନମଣିଙ୍କ ପ୍ରଶଂସାରେ ସାରାଗ୍ରାମ ମୁଖର ହୋଇ ଉଠିଲା । ଚନ୍ଦ୍ରମଣିଙ୍କୁ ସମସ୍ତେ ନିନ୍ଦା କଲେ । ତାର ବୁଦ୍ଧି, ତା'ର କାର୍ଯ୍ୟ ଓ ତା'ର ଚାଲି ଚଲଣ ନେଇ, ଗ୍ରାମବାସୀ ବିଶ୍ଳେଷ ହସାଇଲେ । ସମସ୍ତେ କହିଲେ—ଚନ୍ଦ୍ରମଣିଟା କିଛି ହେବ ନାହିଁ; ଘୋଡ଼ାମୁହାଁ ଜନ୍ମ ହୋଇଚି, ବଂଶରେ କାଳି ଲେପିବାକୁ । ଚନ୍ଦ୍ରମଣି ସବୁ ଶୁଣେ । ତାର ନିନ୍ଦା ଓ ସାନ ଭାଇର ପ୍ରଶଂସା—ମନରେ ଈର୍ଷା ଆସେ-ହିଂସା ହୁଏ । ମନେ-ଭାବେ ଗ୍ରାମରେ ସମସ୍ତେ ମିଶି ତାକୁ ଖରାପ କହି କହି, ଖରାପ କରି ଦେଉଛନ୍ତି ଓ ଧାନମଣିକୁ ଭଲ କହି କହି, ଭଲ କରି ଦେଉଛନ୍ତି । ଧାନମଣି ସବୁ ଶୁଣେ । ସମସ୍ତେ ଭାଲୁଇ ଲୁହିଁ ରହିଛନ୍ତି । ସେ କୁଆଡ଼େ ବଂଶର ମୁଖ ଉଜ୍ଜ୍ୱଳ କରିବ । ତା'ର ବିଶ୍ୱାସ ଆସେ ନାହିଁ ନିଜ ଉପରେ । ବଡ଼ ଭାଇର ନିନ୍ଦା ଶୁଣିଲେ ମଧ୍ୟ, ନିଜକୁ ବଡ଼ ଭାଇଠାରୁ ବେଶୀ ଗୁଣବାନ ବୋଲି ଅନୁଭବ କରି ପାରେ ନାହିଁ । ଏଇମିତି ...ଥାଏ ।

ବହୁତ ଦିନ ପରେ । ଜୀବନର ଚକ ବହୁ ପଥ ଘୂରି ଗଲଣି । ଚନ୍ଦ୍ରମଣି ପଡ଼ିଛନ୍ତି ଚକର ଏଇ ପାଖେ । ଧାନମଣି ଯାଇଁ କାହିଁ କେତେ ବାଟରେ ହେଲେଣି ।

ଚନ୍ଦ୍ରମଣିଙ୍କର ହେତୁ ହେଲାବେଳକୁ ଗୁଡ଼ ଆଉ ଚକରେ ନଥିଲା, ଥିଲା କହୁଣୀରେ । ବେଗ ବଦଳି ଯାଇଥିଲା । ଚକଯୋ ଅବସ୍ଥାରେ ନଥିଲା ଆଉ । ଶିକ୍ଷକଙ୍କ ତାଡ଼ନା ସମୟେ ସମୟେ ହେଲେ ବି ନନାଙ୍କ ଆଖି ଦେଖାଇ ଗୁଣ ହେଜଲାବେଳକୁ ବେଳ ଆଉ ନଥିଲା । ସେ ପଡ଼ି ରହିଲେ । ପଡ଼ି ରହିଲେ, ଚକର ଏଇ ପାଖେ । ଚକ ଗଡ଼ିଗଲା । ଚକ ସାଙ୍ଗରେ ସେ ଗଡ଼ି ପାରିଲେ ନି ।

ଧାନୁ ଚାଲି ଗଲଣି କାହିଁ କେତେ ବାଟକୁ । ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଡିଗ୍ରୀ ହାସଲ କରିଛି ସେ । ଆଇ.ଏ. ଏସ୍ ପାଶ୍ କରି ଏକ ଉଚ୍ଚ ବିଭାଗୀୟ କର୍ମକର୍ତ୍ତା ସେ ବର୍ତ୍ତମାନ ।

ସେତିକି ନୁହେଁ । ଧାନମଣିଙ୍କର ଖ୍ୟାତି, ତାଙ୍କର ପ୍ରତିଷ୍ଠା ଖାଲି ସେତିକିରେ ଆବଦ୍ଧ ନାହିଁ ଆଜି । ଏକ ପ୍ରତିଷ୍ଠିତ ଲେଖକ, କବି ହିସାବରେ ସାରା ଓଡ଼ିଆ ସାହିତ୍ୟରେ ତାଙ୍କ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଗଲାଣି ।

ଯାହା ମୁହଁରେ ଶୁଣିବ, ସେଇ ତାଙ୍କର ପ୍ରଶଂସା । ସେଇ ଧାନମଣିଙ୍କର । ଘରେ, ଗ୍ରାମରେ, ଦେଶରେ, ଦଶ ମୁହଁରେ ସେଇ ଜଣଙ୍କର ପ୍ରଶଂସା । ସେଇ ଏକା କୁଳ ଉଜ୍ଜ୍ୱଳ କଲା !

ଚନ୍ଦ୍ରମଣି ଚାହିଁ ରହିଛନ୍ତି । ଈର୍ଷାରେ ନୁହଁ, ତୃପ୍ତିରେ ବି ନୁହ । ସେ ଖାଁ ସ ଚାହିଁଛନ୍ତି । ସେ ଚାହିଁବାର ଅର୍ଥ ତାଙ୍କୁ ବି ଅଜଣା । ନିସ୍ ଖାଲି ଚାହିଁଛନ୍ତି । ଧାନୁ ସୋପାନ ପରେ ସୋପାନ

ଅତିକ୍ରମ କରି ଉଠୁଛି ଉପରକୁ । ଉପରକୁ, ସେ ଅନାଇ ରହୁଛନ୍ତି । ଜୀବନଯୁଦ୍ଧ ତାଙ୍କୁ ଗ୍ରାମଠାରୁ ଦୂରରେ ଏକ ପ୍ରାଇମେରୀ ସ୍କୁଲର ଶିକ୍ଷକ କରି ଗୁଡ଼ିଛି । ମାସକୁ ମାତ୍ର ତିରିଶଟି ଟଙ୍କାର ବାସ ... ଜୀବନ ଯୁଦ୍ଧରେ ଧଶି ହୋଇ ଯାଉଛନ୍ତି ସେ ଦିନୁ ଦିନ । ସନ୍ତୋଷ ନାହିଁ ଅସନ୍ତୋଷ ବି ନାହିଁ, ନିଜେ ବି ବୁଝି ପାରୁନାହାନ୍ତି ସେ, ତାଙ୍କର କ'ଣ ହୋଇଯାଇଛି !

ଧାନମଣିର ଖ୍ୟାତି ଶୁଣି, ପ୍ରଶଂସା ଶୁଣି ଓ ପ୍ରତିଷ୍ଠା ଶୁଣି ତାଙ୍କୁ ...ଜ ବାଧୁନାହିଁ । ସେ ନିଜ ଉପରୁ ବିଶ୍ୱାସ ହରାଇ, ଧାନମଣି ...ପରେ ଆସ୍ଥା ବାନ୍ଧି ସାରିଛନ୍ତି । ଭାଇର ପ୍ରଶଂସା ଶୁଣିବାକୁ ସେ ବି ...ଜକାଲି ବ୍ୟାକୁଳ । ତାଙ୍କ ଭିତରେ ଦୁଇଟି ପ୍ରବୃତ୍ତିର ଆଲୋଡ଼ନ । ...ନମଣିର ପ୍ରତିଷ୍ଠା ସଙ୍ଗେ ନିଜର ନିପାରିଲା ପଣକୁ ତୁଳନା କରି ...ସହାୟ ଭାବେ ସେ କେବେ, କେବେ ବା ନିଜ ଭିତରେ ଗୁମୁରି ...ଠନ୍ତି । ଅଥଚ ସାନ ଭାଇର ଗୌରବରେ ଗର୍ବିତ ହୋଇ ସେ ...ତି ଫୁଲାଇ ଆଖି ସଜଳ କରିଛନ୍ତି । ନିଜର ସମସ୍ତ ନିପାରିଲା ...ଣକୁ ସାନ ଭାଇର ପାରିଲା ପଣ ସଙ୍ଗେ ମିଶାଇ ଦେଇ, ମିଳାଇ ...ଇ, ସେ ସାନ ଭାଇ ସଙ୍ଗେ ଏକାତ୍ମ ହୋଇ, ସାନ ଭାଇର ...ୗରବକୁ ତୃପ୍ତିରେ, ଶାନ୍ତିରେ ଆକଣ୍ଠ ପାନ କରିଛନ୍ତି ।

ବେଳେ ବେଳେ ଅସ୍ପଷ୍ଟ କଣ୍ଠରୁ ତାଙ୍କର ସ୍ୱର ଫୁଟୁଛି, ...ଭୁ ହେବ, ମତେ ବଡ଼ କଲ ନାହିଁ । ନା-ନା, ମୁଁ ବଡ଼ ହେଇ ...ଲିନ । ଧାନୁକୁ ତମେ ବଡ଼ କର-ଆହୁରି ବଡ଼ କର । ମୋ ...ନୁହେଁ-ମୋ ପ୍ରଦେଶ ନୁହେଁ, ସାରା ଦେଶରେ ତାର ଖ୍ୟାତି ...ର ପ୍ରଶଂସା ଖେଳି ଯାଉ । ମୋ'ର ଭିତର ତ ସେ ମୁଁ ବଡ଼ ...ଇ ପାରିଲିନି । ତାକୁ ବଡ଼ କର । ସେଥିରେ ହିଁ ମୋର

ସନ୍ତୋଷ । ସେ କୁଳ ଉଜ୍ଜ୍ୱଳ କରୁ । ତାର ଆଲୋକରେ ଆମେ ସମସ୍ତେ ଆଲୋକିତ ହେଇ ଯାଉ---ତା'ର ସୌରଭରେ ଆମେ ସମସ୍ତେ ସୁରଭିତ ହେଉଁ ।

ରଥଯାତ୍ରା । ଧୂଳିଖେଳରେ ଆରମ୍ଭ କରିଥିଲେ ଏ ଯାତ୍ରା ଯାଦମଣି ! ସେ ଆଜ ବିରାଟ ହେଲା ପରେ-ବ୍ୟକ୍ତିବିଶେଷରୁ ସେ ଆଜ ଅନୁଷ୍ଠାନରେ ପରିଣତ ହେଲାପରେ, ଏ ରଥଯାତ୍ରା ବି ଆଜ ବିରାଟ ହୋଇଛି ଗାଁରେ ।

ସବୁ ବର୍ଷ ସେ ଆସନ୍ତି ଗାଁକୁ ଏଇ ରଥଯାତ୍ରା ବେଳକୁ ଏଥର ବି ରଥଯାତ୍ରାକୁ ଆସିବାର କଥା । ସଞ୍ଜ ହେଲାଣି । ଭାଇନା ଲେଖିଥିଲେ ଆସିବାକୁ । ସଞ୍ଜ ହେଲା । ଆଉ କେତେବେଳେ ଆସିବେ ? ମନରେ ଉଦ୍‌ବେଗ । ଭାଇନା କ'ଣ ଆଉ ଆସିବେନା ଏତେ ବଡ଼ ଯାତ୍ରାଟା ମାଟି ହେଇଯିବ ତେବେ ! ଆଃ - ଏ ମେ କଳା ହାଣ୍ଡିଆ ମେଘ ଘୋଟି ଆସୁଛି । ଭାଇନା କେମିତି ଆସିବେ ଆଃ-କାଲେ ବାଟରେ ଆସୁଥିବେ । ଜନ୍ତୁ ପିଟେବତ !!

ରାତି ଆସି ଘଡ଼ିଏ ହେଲାଣି । ମୁଷଳ ଧାରରେ ମେ ବରଷୁଛି । ହାଣ୍ଡିରେ ଆଣୁଏ ପାଣି ହେଇ ଗଲାଣି । ଚନ୍ଦ୍ରମ ଗୋଟାସାରା ଶିନ୍ତ କାଦୁଅ ସରସର ହେଇ ଆସି ପହଞ୍ଚିଲେ ତାଙ୍କ ଯାନୁ ଆସିଛି । ସେ ନ ଆସନ୍ତେ କେମିତି ?

ଯାଦମଣି ଘରେ ଥିଲେ । ଜାଦରେ ବାଜିଲା । ଅସ୍ତବ୍ୟ ହେଇ ଡ଼ାଲେ ପାଣି ଧରି ସେ ଧାଇଁଗଲେ । ଭାଇନାଙ୍କ କାଦୁଅ ଗୋ ଧୋଇଦେବେ । ଛାତି ଉଠୁଛି ପଡ଼ୁଛି-ଉଦ୍‌ବେଗରେ ଉନ୍ମ ହୋଇ ସେ ଧାଇଁଗଲେ-ଭୁଲି ଯାଇଛନ୍ତି ତାଙ୍କର ବୟସ, ତାଙ୍କ

ସମ୍ମାନ । ତାଙ୍କର ପଦ ଭୁଲି ଭାଇନାଙ୍କ ପାଦ ପ୍ରକ୍ଷାଳନ ପାଇଁ ସେ ଉଠି ପଡ଼ି ଧାଉଁଛନ୍ତି ।

ଭାଇନାଙ୍କ କାଦୁଅ ଗୋଡରେ ମଥା ଲଗାଇ ଉଠିଲେ ବେଳକୁ ଦେଖନ୍ତି ଭାଇନାଙ୍କ ଆଖିରେ ଆଖିଏ ଲୁହ । ତାଙ୍କ ଆଖିରୁ ଦ ଲୁହ ଝରି ପଡ଼ିଲା । ସତେ ଅବା ସେଇ ଲୁହରେ ସବୁ କାଦୁଅ ଧୋଇ ହେଇଯିବ ! ଚାରିପଟେ ଗାଁର କେତେ ଲୋକ ଜମା ହେଇ ଗଲେଣି । ଏ କି ଦୃଶ୍ୟ !

ଘଣ୍ଟାଏ ଗଲା ସେଇମିତି । ପ୍ରକୃତିସ୍ଥ ହେଲେ । ଜଳ ନେଇ ଗଲେ ଭାଇନାଙ୍କ ଗୋଡ ଧୋଇଦେବେ । ଭାଇନା କିନ୍ତୁ ନ ଛାଡ଼ ବନ୍ଧା । ନା-ତୁ ଯା ମୁଁ ଆପେ ଆପେ ଧୋଇ ନେବି । ତେବେ ଏ ସବୁ ସାନ୍ତ୍ୱନା ।

ଜ୍ଞାନମଣି ଫାଟି ଫୁଟି ଗଲେ । ହେଲା ନାଇଁ । ଚନ୍ଦ୍ରମଣି ଆପେ ଗୋଡ଼ ଧୋଇ ଆସିଲେ ।

ଘରେ ବସିଛନ୍ତି ଦୁଇଭାଇ । ଗତଦିନର ଏ ସେ ଦୁଇଭାଇ ନୁହନ୍ତି । ଦୁହିଁଙ୍କ ଭିତରେ ଆକାଶ—ପାତାଳ ପ୍ରଭେଦ । ଦୁହିଁଙ୍କ ମଝିରେ ସତେ ଅବା ହିମାଳୟ ଛିଡ଼ା ହେଉଛି !

ବହୁ ସମୟ ପରେ । ଜ୍ଞାନମଣି କହିଲେ, "ଭାଇନା, ତମେ ଏବେ ମତେ ଆଉ ଭଲ ପାଉନା ଆଗ ପରି । ନା ମୋ ପାଖେ ତମେ କେମିତି, କେମିତି ଅନୁଭବ କରୁଛ । ମୁଁ କ'ଣ ତମର ସେଇ ମଲ୍ଲୀ ଜ୍ଞାନୁ ନୁହଁ ? ରାମଚନ୍ଦ୍ରଙ୍କର ସିଂହାସନ ତଳେ, ମୁଁ କ'ଣ ସେଇ ଚରଣସେବକ ଦାସ ଲକ୍ଷ୍ମଣ ନୁହଁ ?

"କାହିଁକରେ ?" କଥା ପଦକ ସରେ ଅବା ଲୁହରେ ଓଦା ।

"ତମେ ମତେ ଗୋଡ଼ ଧୁଆଇ ଦେଲନି କାହିଁ ? ମୁଁ କ'ଣ ତମ ସାନଭାଇ ନୁହଁ ?"

"କିଏ କହିଲା, ନୁହଁ ବୋଲି"

"ତେବେ ?"

"ତୁ ପିଲା ଲୋକ, ସେ ସବୁ ବୁଝି ପାରିବୁନି ରେ" ।

"ହଉ କୁହ । ମୁଁ ବଡ଼ ହେଲିଣି । ଆଉ କ'ଣ ପିଲା ଅଛି ?

ଚନ୍ଦ୍ରମଣି ହସିଲେ - ଆଖି କିନ୍ତୁ ଲୁହ ଛଳଛଳ । "ସେଇଥିପାଇଁ, ସେଇଥିପାଇଁ ମୁଁ ତୋତେ ଗୋଡ଼ ଧୁଆଇ ଦେଲିନାହିଁ ।"

"କୋଉଥି ପାଇଁ ?" ସବୁ ସଫା କରି କୁହ ଭାଇନା ।

"ତୁ କିନ୍ତୁ ଭୁଲିବା ପାପ ନୁହଁ । କିନ୍ତୁ ସେତକ କହିବାକୁ ମୋ ଛାତି ଫାଟି ଯାଉଚି ।"

"ଥାଉ ତେବେ ଭାଇନା, 'ନ କୁହ "

"ନାଁ-ନାଁ-ନ କହିଲେ, ତୁ ଅବୁଝା, ବୁଝିବୁନି, ଆରେ ମୁ ତ ବଡ ହେଇ ପାରିଲିନି । ତୁ ବଡ ହେଇଚୁ । ସାରା ଓଡ଼ିଶାରେ ତୋ ନାଁ । କେତେ ଲୋକ ତୋ ଲେଖାମାନ ପଢ଼ିକି ରହିଛନ୍ତି । ତୋତେ ଦେଖିବାକୁ କେତେ ଲୋକ ବ୍ୟାକୁଳ । ସେତକ କ'ଣ ମୋର କମ୍ ଗୌରବ !

ତୁ ଆଜ ମୋ ପାଖରେ ନାହୁଁ—ମୋ ଠାରୁ ଖୁବ୍ ଦୂରରେ—ଖୁବ୍ ଦୂରରୁ ମୁଁ ତୋତେ ଶୁଣୁଛି । ଦୂରରୁ ତୋତେ ହିମାଳୟ ପରି ବିରାଟ ରୂପରେ ଦେଖୁଛି । ଅସ୍ପଷ୍ଟ ଭାବରେ ତୋର ବିରାଟତ୍ୱ ମୋର ଆଖି ଆଗରେ ପ୍ରକାଶିତ ହୋଇ ରହିଛି । ମୁଁ ସ୍ତମ୍ଭିତ ହୋଇ ତୋ'ର ବିରାଟତ୍ୱକୁ ଦେଖି ଦେଖି ନିଜକୁ ତୋ ନିକଟରେ ଉଇହୁଙ୍କା କରି ରଖିଛି । କିନ୍ତୁ ଏଇ ଶ୍ରେଷ୍ଠ ହିଙ୍କା ଆରପଟେ ବିରାଟ ହିମାଳୟ ତ ମୋର ଆଶ୍ରୟ । ମୋର ସବୁ ଆଶା ଭରସାର ଉଚ୍ଚ ପ୍ରାଚୀର ତୁ ପୁଣି ଆସି ମୋ ପାଖରେ ସାନ ହୋଇ ମୋର ପଦସେବା କରିବୁ ? ମୁଁ ସହି ପାରିବିନି—ତୋର ବ୍ୟକ୍ତିତ୍ୱର ହିମାଳୟକୁ ସାନ କରି ତୁ ମୋ ପାଖେ ଆତ୍ମସମର୍ପଣ କରିବୁ—ମୁଁ ସହି ପାରିବିନି । ମୁଁ ତୋ ପାଖେ ଆଜ କ୍ଷୁଦ୍ର ଉଇହୁଙ୍କା—କିନ୍ତୁ ମୋର ଛିଦ୍ର ଆଖି ଆଗରେ ଯେ ତୁ ବିରାଟ ହିମାଳୟ ! ମୋ ଆଖି ଆଗରେ ଏଇ ବିରାଟ ହିମାଳୟକୁ ତୁ ଫେରି ସାନ କରିଦେବୁ—ମୁଁ କି ସହି ପାରିବି ?"

ଧାନମଣିଙ୍କ ଆଖିରେ ଆଖିଏ ଲୁହ ।

"ଭାଇନା, ତୁମେ କେତେ ବିରାଟ ! କେତେ ବିଶାଳ ତମ ଅନୁଭୂତି ! ଏତେ ବଡ଼ ଅନଭିଜ୍ଞ ମୋର କାହିଁ ଭାଇନା ? ମୁଁ ଚଳେ, ବହୁତ ଭଲେ ଅଛି । ପିଲାଦିନୁ ତମେ ନିଜକୁ ଉଇହୁଙ୍କା କରି ନଥିଲେ ମୁଁ କି ଆଜ ହିମାଳୟ ହୋଇ ପାରିଥାନ୍ତି ଭାଇନା ? ତୁମେ କି ଏଇ ହିମାଳୟଟି ଗଢ଼ିବାକୁ କମ୍ ତ୍ୟାଗ କରିଛ ? ନିଜକୁ ଶ୍ରେଷ୍ଠ କରି କରି ତମେ ମୋତେ ବଡ଼ କରିଛ ।"

ଧାନମଣି ଭାଇନାଙ୍କ ପଦ ଧରି ତଳେ ଲୋଟି ପଡ଼ିଲେ । ଭଙ୍ଗା କଣ୍ଠରେ ଗଦ୍‌ଗଦ୍ ହୋଇ ଡକା ପାରିଛନ୍ତି——

"ମତେ ଆହୁର ଶ୍ରେଷ୍ଠ କରିଦିଅ ଭାଇନା । ତମ—ମୋ ଭିତରୁ ଏ କୃତ୍ରିମ ବ୍ୟବଧାନ ଦୂରି ହୋଇଯାଉ ।"

ଚନ୍ଦ୍ରମଣିଙ୍କ ଆଖିରେ ଝ ଅଶ୍ରୁର ଉଚ୍ଛଳ ବନ୍ୟା ।

ସତେ ଅବା ଲୁହର ଗଙ୍ଗା ଆଜି ଯମୁନାର ଏକ ଅପୂର୍ବ ମିଳନ ବନ୍ୟାରେ, ଶ୍ରେଷ୍ଠ, ବଡ଼ ଭେଦ ଭାବ—ଆଜି ଏଇ କୃତ୍ରିମ ବ୍ୟବଧାନ, ସବୁ ଧୋଇ ନିର୍ମଳ ହୋଇଯାଇଛି !

ପରିଷ୍କାର ହୋଇ ଯାଇଛି ! !

# ଭଗ୍ନଦୂତ

"ସଜନୀ, ହେଉଛି ଯାଉଛି ଗୁଞ୍ଜନ ! ଆରେ ସେ ଗଛ ଆଉଛି ଗୁଞ୍ଜନ !"

ତ୍ରସ୍ତ ହରିଣୀଟି ପରି ଫେରି ଚାହିଁଲେ ପ୍ରତିମା । ପାଖ ଚୂତ ତରୁର ଶାଖାରେ ପ୍ରଣୟବଦ୍ଧ ଦୁଇଟି କପୋତ—କପୋତୀ । କପୋତୀଟି ନିଜ ଥଣ୍ଟରେ ବାରମ୍ବାର ଖୁଂପି କପୋତଟିକୁ ଅଥୟ କରି ପକାଉଛି ।

ପ୍ରତିମା ଲଜ୍ଜିତା ହେଲେ । ଅସ୍ତ ରବିର କିରଣରୁ ଝରି ଆସି ସତେ ଅବା ମୁଠାଏ ଫଗୁ ପ୍ରତିମାଙ୍କ ମୁଖମଣ୍ଡଳରେ ବିଚ୍ଛୁରିତ ହୋଇ ପଡ଼ିଲା ! ଗୋରା ତକତକ ଫୁଲିଲା ଫୁଲିଲା ଗାଲ ତାଙ୍କର ଲାଲ ହୋଇଗଲା । "ସତେ କେଡ଼େ ଅଲାଜୁକ ଏ କପୋତୀଟା । ଟିକିଏ ବାଛ ବିଚାର ନାହିଁ । ବିଚରା କପୋତଟିକୁ ଅଧୀର, ଅଥୟ କରି ପକାଉଛି ଚୁମ୍ବନରେ ।" ଲାଜ, ଲାଜ ହୋଇ କହିଲେ ଏକଲ ପ୍ରତିମା ।

"ସେ କଣ ଆଉ ତମ ପରି କୃପଣ ?"

ଆହୁରି ଲଜ୍ଜିତ ହୋଇ ପ୍ରତିମା ନିର୍ମଳଙ୍କ ଛାତିରେ ମୁହଁ ଲୁଚାଇଲେ ।

"ତମର ଏ ଅସଂଯତ, ଦୁର୍ବିନୀତ କେଶରାଶିକୁ ଆହୁରି ଟିକିଏ ସଂଯତ, ଆହୁରି ଟିକିଏ ବିନୀତ କର । ସେମାନଙ୍କର ବି 'ବାଛବିଚାର' ନାହିଁ । ମଣିଷର ପାଟିରେ ଆସି ବା'ରମ୍ବାର ପଶୁଛନ୍ତି ।" ପ୍ରତିମାଙ୍କର ଅସଂଯତ କେଶରାଶିକୁ ସଜାଡ଼ୁ ସଜାଡ଼ୁ କହିଲେ ଏତିକି ନିର୍ମଳ ।

ଠିକ ଏହି ସମୟରେ ବଗିଚାରେ ପ୍ରବେଶ କଲେ ବିପିନ— ପ୍ରତିମାଙ୍କ ସାନଭାଇ ।ଘର ଆଗ ବଗିଚାରେ ବସି ପ୍ରତିମା ଓ ନିର୍ମଳ ଏଇମିତି ଆଳାପରତ ଥିଲାବେଳେ, କିଛି ସମୟ ଆଗରୁ ଆସି ଦ୍ୱାର ପାଖରେ ବିପିନ ଏତିକି ଲକ୍ଷ୍ୟ କରୁଥିଲେ । ଯେତେ ତାଙ୍କର ମୁଖ ଉଠୁଥିଲା । ଆନନ୍ଦରେ ସେ ଅଧୀର ହୋଇ ଉଠୁଥିଲେ । ଭଉଣୀ-ଭିଣୋଇଙ୍କର ଆନନ୍ଦ ଦେଖି ସେ ଆତ୍ମହରା ହୋଇ ଯାଉଥିଲେ । ଯାହାହେଉ, ଭଉଣୀ ଆନନ୍ଦରେ ଅଛି ।

ଆଦର--ଆନନ୍ଦର ବନ୍ୟା ବହିଗଲା ପ୍ରତିମାଙ୍କ ଘରେ । ସମସ୍ତ ଆଦର ଯତ୍ନର ଏକମାତ୍ର ଅଲିଅଳ ସାନ ଭାଇ ! ସେ ଖାଲି ସାନ ଭାଇ ନୁହଁ, ସେ ସବୁ । ମୋଟେ ଗୋଟିଏ ବରଷ ସାନ ସେ ପ୍ରତିମାଙ୍କ ଠାରୁ । ବିପିନ ପ୍ରତିମାଙ୍କର ସାନଭାଇ, ସହପାଠୀ, କ୍ରୀଡ଼ାସାଥୀ, ବନ୍ଧୁ--ସବୁ ସେ । ବାହାଘର ପରେ ପ୍ରଥମ କରି ସେ ଆସିଛନ୍ତି ଦେଇ ଘରକୁ । ଦେଇର ଆନନ୍ଦ କହିଲେ ନ ସରେ । ଯେତେ ଉପଚାରରେ ଏଇ ଅଲିଅଳ ସାନ ଭାଇଟିର ଅର୍ଚ୍ଚନା କରାଯାଇପାରେ, ସେ ସବୁର ବନ୍ଦୋବସ୍ତ ହେଲା ।

ବିପିନଙ୍କର ଖାଇବା, ପିଇବା ଇତ୍ୟାଦିର ବନ୍ଦୋବସ୍ତରେ ସୁଷମା ଏତେ ବ୍ୟସ୍ତ ଥିଲେ ଯେ, ସଞ୍ଜ ଠାରୁ ରାତି ବାରଟା ପର୍ଯ୍ୟନ୍ତ ମୋଟେ ଦୁଇଥର ସେ ଆସିଥିଲେ ବିପିନଙ୍କ ପାଖକୁ । ସେ ପୁଣି ଥରେ ମାମୁଲି ସୁଖ ଦୁଃଖ, ଭଲ ମନ୍ଦ ଖବର ପଚାରିବା ପାଇଁ ପାଞ୍ଚ ମିନିଟ ଓ ଆଉ ଥରେ ତାଙ୍କୁ ଜଳଖିଆ ଦେବାବେଳେ ।

ବିପିନ ଚାହୁଁଥିଲେ କେତେଦିନର ଅଦର୍ଶନରେ ସାଇତା ଥିବା କେତେ କଥା ଦେଇଙ୍କୁ କହି ପକାନ୍ତେ । ଦେଇଙ୍କର ହୁଏତ ସମୟ ନଥିଲା । ଏହା ଭିତରେ ସେ କେତେବେଳେ ଘର କାମରେ ବ୍ୟସ୍ତ ଥିଲେ ବା କେତେବେଳେ ନିର୍ମଳଙ୍କ ପାଖେ ଥିଲେ ।

ଏହା ମଧ୍ୟରେ ବିପିନ କେବେ ବା ରେଡ଼ିଓ ଶୁଣୁଥିଲେ, କେତେବେ ପତ୍ର ପତ୍ରିକା ପଢ଼ୁ ଥିଲେ ଆଉ କେବେ ବା ନୂଆ ଭଣୋଇଙ୍କ ସହ ନୂତନ ଆଳାପରତ ଥିଲେ ।

ଏ ସମସ୍ତ ଉପଚାର, ଏ ସମସ୍ତ ବନ୍ଦୋବସ୍ତ ଭିତରେ ବିପିନ କିନ୍ତୁ କେମିତି ଏକ ଖାପଛଡ଼ା ବ୍ୟବହାର ଲକ୍ଷ୍ୟ କଲେ । ସମସ୍ତ ପୂର୍ଣ୍ଣତା ମଧ୍ୟରେ ସେ ଯେମିତି ଶୂନ୍ୟ ବୋଧ କଲେ । ସମସ୍ତ ପୂର୍ଣ୍ଣତା ମଧ୍ୟରେ ଜୀବନର ଅଠରଟି ମଧୁର ବସନ୍ତ କଟାଇ ଆସିଥିବା ବିପିନ ଆଜି ପ୍ରଥମ କରି ନିଜ ଭିତରେ ଶୂନ୍ୟ ବୋଧ କଲେ ।

ସେ ନିଜେ ବି ବୁଝି ପାରିଲେନି ଏଇ ଶୂନ୍ୟବୋଧର କାରଣ କ'ଣ ? ଘଟଣାକୁ, ପରିସ୍ଥିତିକୁ ପରିବେଶକୁ, ଜୀବନକୁ କେବେ ବିଶ୍ଳେଷଣ କରିବାକୁ ସେ ଶିଖି ନାହାନ୍ତି ! ନିଜ ଭିତରର ଏଇ ଶୂନ୍ୟଭାବର କାରଣକୁ ଆଜି ପ୍ରଥମ କରି ବିଶ୍ଳେଷଣ କରିବାକୁ ଯାଇ ସେ ପରାଜୟ ସ୍ୱୀକାର କଲେ । ସେ ଜାଣି ପାରିଲେନି ସେ

କ'ଣ ଲୋଡ଼ୁଥିଲେ ! ଆଜି କ'ଣ ନ ପାଇ ସେ ଏମିତ ଶୂନ୍ୟବୋଧ କରୁଛନ୍ତି ?

ଅତି ଆଦରର ଭଉଣୀର ଆନନ୍ଦର ସଂସାର ଦେଖିବା ତାଙ୍କର ଏକ ସ୍ୱପ୍ନ ଥିଲା । ସେ ସ୍ୱପ୍ନ ଆଜ ସଫଳ ହୋଇଛି । ଭଉଣୀ ତାଙ୍କର କେବଳ ଆନନ୍ଦରେ ନୁହଁ, ଆନନ୍ଦର ଚରମ ସୀମାରେ । ତେବେ ଆଜି କଣ ? ଆଜି କଣ ପାଇଁ ତାଙ୍କର ଏ ଶୂନ୍ୟବୋଧ ?

କିଛି ସ୍ଥିର କରି ପାରିଲେନ । ଶୋଇବାକୁ ଚେଷ୍ଟା କଲେ । ତା'ବ ପାରିଲେନ । ଶେଷରେ ତାଙ୍କର ଭିତରର ଶୂନ୍ୟବୋଧର ଅତି ନଗ୍ନ ରୂପ ସେ ଦେଖିଲେ ।

ରାତିରେ ଖାଇସାରି ଶୋଇବାକୁ ଆସିଲେ । କର୍ମବ୍ୟସ୍ତ ଚଞ୍ଚଳ ଜୀବନରୁ ସମୟ କରି 'ନେଇ' ତାଙ୍କର ଆସେ ଗୋଡ଼ ମୋଡ଼ ଦେଇଗଲେ ।

ଗଲେ । ସେ ଗଲେ ଶୋଇବାକୁ ।

ଦାଣ୍ଡ ମେଲାରେ ଶୋଇଚନ୍ତି ବିପିନ । ପାଖ ଘରେ ଭଉଣୀ ଓ ଭଣେଇ ଆଳାପରତ । ସେ ସ୍ୱର ଅତି କ୍ଷୀଣଭାବେ ଭାସି ଆସୁଛି । ସେଇ କ୍ଷୀଣ ସ୍ୱର କିନ୍ତୁ ଏକ ବଜ୍ରନାଦ ପରି ଆସି ବିପିନଙ୍କ କାନରେ ବାଜିଲା । ସେ କଥାବାର୍ତ୍ତାରେ କାହାର ସୁଖନିଦ୍ରାରେ ବ୍ୟାଘାତ ଆସନ୍ତା ନାହିଁ । ବିପିନଙ୍କର କିନ୍ତୁ ଆସିଲା । ସେ ବ୍ୟସ୍ତ, ବିରକ୍ତ ହେଲେ । କ'ଣ ଯେମିତ ସେ ଚିନ୍ତା କରୁଥିଲେ । ସେ ଚିନ୍ତାରେ ଆଘାତ ଆସିଲା । ଭିତରର ସେ ବିରକ୍ତି ବାହାରେ ଆତ୍ମପ୍ରକାଶ କଲା । ସେ ଖଲଖଲେଇ ଉଠିଲେ, "ଓଃ —ମଣିଷକୁ ଶୁଆଇ ଦେବେନ ଟିକେ ପାଟି କରି ।"

ସେଇ ସେତକ କଥାରେ ସ୍ନେହପ୍ରବଣା 'ଦେଈ' ତାଙ୍କର ଉଠି ଆସିଲେ । 'କ'ଣ କ'ଣ ହେଲା' ବୋଲି ଆସି ପଚାରିଲା ବେଳକୁ ବିପିନ ଶୋଇବାର ଛଳନା କରି ପଡ଼ି ରହି ଭଲରେ ଦେଲେନ ! ପ୍ରତିମା ନଜେ ନଜେକନ୍ତି, କହି ଗୁଲଗଲେ, 'ପାଗଲାଟା ସପନ ଦେଖିଲା ବୋଧେ !'

ବିପିନ ଯେତେବେ ପ୍ରକୃତିସ୍ଥ ହୋଇଥାନ୍ତେ, ସେ ଯେତେବେ ଭାବନାମୁକ୍ତ ହୋଇଥାନ୍ତେ, ତେବେ ସେ ନଜେ ଲଜ୍ଜିତ ହୋଇଥାନ୍ତେ ତାଙ୍କର ଏତାଦୃଶ ବ୍ୟବହାର ପାଇଁ; କିନ୍ତୁ ସେ ସେତେବେଳେ ଦୁଏତ ନଜ ଅଧୀନରେ ନଥିଲେ ।

ତାପରେ ସେ ଶୋଇବାର ବହୁ ଚେଷ୍ଟା କରି ଶୋଇ ପାରିଲେନ । ସେତେବେଳକୁ ତୁଏତ ନିର୍ମଳ, ପ୍ରତିମା ସୁଖ ନଦ୍ରାରେ ଅଭିଭୂତ ଥିବେ !

ବାତାୟନ ମଧ୍ୟ ଦେଇ ପ୍ରଚୁର ପବନ ଆସି ତାଙ୍କ ଶୋଇବା ଘରେ ଲହସି ଖେଳୁଥିଲେହେଁ ଗରମର ବାହାନା କରି ସେ ବାଣ୍ଡ ଅଗଣାକୁ ଉଠିଗଲେ ।

ସେଠାରେ ବି ସେଇ ଏକା କଥା । ସେତେବେଳକୁ ବାହାରେ କେଉଁଠି ସ୍ୱର ଶବ୍ଦ କିଛି ନ ଥିଲା । ତଥାପି ସେ ନଜ ଭିତରେ ଅଜସ୍ର ସ୍ୱର ଶୁଣୁଥିଲେ । ସେ ସ୍ୱର ଅସନ୍ତୋଷର, ଅତୃପ୍ତିର; ସେ ସ୍ୱର ହତାଶାର ।

ଶୋଇ ଶୋଇ ସେ ଚମକ ପଡ଼ିଲେ । ନଜକୁ ହତାଶ ବୋଲି ମଣିଲେ ।

କାହିଁକି ? କାହିଁକି ଏ ହତାଶା ? ଘରେ ସ୍ନେହଶୀଳ ପିତା-ମାତାଙ୍କ ସ୍ନେହର ଏକମାତ୍ର ଅଧିକାରୀ ସେ । ବାହାରେ ସ୍ନେହ-ପ୍ରବଣ ଭଉଣୀ ଭଣେଇ । ଅମାପ ନ ହେଲେହେଁ ଚଳନ ଉପଯୋଗୀ ସମ୍ପତ୍ତି । ନିଜେ ବି ଶିକ୍ଷିତ । କଣ ? କ'ଣ ତାଙ୍କର ଅଭାବ ? ସେ ହତାଶ ହେବେ କାହିଁକି ?

ଜୀବନକୁ, ପରିସ୍ଥିତିକୁ କେବେ ସେ ବିଶ୍ଳେଷଣ କରିବାକୁ ଶିଖି ନାହାନ୍ତି । ସେଥିପାଇଁ ତାଙ୍କର ଅବସର ମଧ୍ୟ ନ ଥିଲା । ସମସ୍ତ ସମୟ ସେ ମଧ୍ୟର କର୍ତ୍ତବ୍ୟ ଓ ସ୍ନେହ, ପ୍ରୀତିର ଝରଣା ମଧ୍ୟରେ ନିଜକୁ ବୁଡ଼ାଇ ରଖିଥିଲେ । ଜୀବନକୁ ବିଶ୍ଳେଷଣ କଲାପରି ଶିକ୍ଷା ସେ ପାଇଥିଲେ ହେଁ, ସେଇଥିପାଇଁ ବୟସ ଓ ଅଭିଜ୍ଞତା ତାଙ୍କର ନ ଥିଲା । ସବୁବେଳେ ସେ ସ୍ନେହ-ଝରଣାର ଏକୂଳ କମ୍ବା ସେ କୂଳରେ ରହୁଥିଲେ । ଅକୂଳରେ ନିଜକୁ କେବେ ଦେଖି ନଥିଲେ ।

କୂଳରେ ଥିବା ଲୋକକୁ ଅକୂଳର ଚିନ୍ତା ବା ସ୍ପର୍ଶ କରନ୍ତା କେମିତି ? ସ୍ୱର୍ଣ୍ଣ ମୁହଁରେ ନାହା ବାହୁଥିଲେ, ନାଉରୀ ନାହା ବାହିବାର ଆମୋଦ ପାଏ ସିନା ! ଉଜାଣି ନ ବାହିଲେ ନାହା ବାହିବାର ମୂଲ୍ୟ ସେ ବୁଝିବ କୁଆଡ଼ୁ ?

ବିପିନ ସୁଅ ମୁହଁରେ ନାଆ ପରି ଭାସିଛନ୍ତି । ତେଣୁ ଜୀବନର ମୂଲ୍ୟ ସେ ବୁଝନ୍ତେ କେମିତି ?

ଆଜି କିନ୍ତୁ ଜୀବନରେ ପ୍ରଥମ ଥର ସେ ନିଜକୁ ଅକୂଳରେ ଥିବା ପରି ଅନୁଭବ କଲେ । ଏ ଅନୁଭୂତି କାହିଁକି ସେ ଜାଣନ୍ତିନ । ସେଇ ଅନୁଭବ ନେଇ ସେ ଜୀବନକୁ କଳିବାକୁ ଲାଗିଲେ ।

ଅନୁଭୂତିର କାରଣ ଖୋଜିବାକୁ ଲାଗିଲେ । କିନ୍ତୁ ଅନଭ୍ୟସ୍ତ ମନ ହାରି ମାନିଲା । ସେ ଶୋଇ ପଡ଼ିଲେ । ସେତେବେଳକୁ ପାହାନ୍ତା ପହର ।

ଧଳ ପହରରେ ହେଲା । ଯୁ’ ମଧ୍ୟରେ ପ୍ରତିମା କେତେଥର ବିପିନଙ୍କୁ ଉଠାଇବାକୁ ଭାବି ଉଠାଇ ନାହାନ୍ତି । ଉଠାଇବାର ସାହାସ କରି ନାହାନ୍ତି ହୁଏତ । ଶେଷରେ ନିଜର ସମସ୍ତ ବାସୀକାମ ସାରି ଆସି ବିପିନଙ୍କ ପାଖେ ବସି ତାଙ୍କ ପିଠି ଆଉଁସୁଛନ୍ତି ।

ବିପିନଙ୍କର ନିଦ ଭାଙ୍ଗି ଆସୁଥିଲା । ଆଖି ଖୋଲି ନିଦମଳମଳ ଆଖିରେ ଚାହିଁଲେ ଏଇ ଦେବୀ ପ୍ରତିମାଟିକୁ ! ସେ ତାଙ୍କ ଦେଈ । ଯେ କର୍ମର ସାଗର ମଧ୍ୟରୁ ନିଜକୁ ଦୂରେଇ ଆଣିଛନ୍ତି ଘଡ଼ିଏ ପାଇଁ । ମୁଖରେ ପରିଶ୍ରମର, କ୍ଲାନ୍ତିର ରେଖା; କିନ୍ତୁ ସେଥିରେ ଅବସାଦ ନାହିଁ, ନିରାଶା ନାହିଁ । ସେ ମୁଖ ଜୀବନର, ସ୍ୱାଦର ମଧୁ ଚଖାଉଛି । ସେ ହସ୍ତ ତୃପ୍ତିର ପରଶ ମଖାଉଛି । ଘଡ଼ିଏ ଚାହିଁ ରହିଲେ ସେ ମୁଖକୁ ବିପିନ ।

ମନ ଗହ୍ୱରରୁ ସମସ୍ତ କାଳିମା ଧୋଇ ପୋଛି ନିର୍ମଳ ହୋଇଗଲା । ସେ ଯେଉଁ ଚୋରକୁ ସେଇ ଚୋର । ସେଇ ପୁରୁଣ ଦିନର ବିପିନ ହୋଇ ଦେଈ କୋଳରେ ମୁଣ୍ଡ ଗୁଞ୍ଜିଲେ ।

ବିପିନ ମନେ ମନେ ଲଜ୍ଜିତ ହେଲେ । ନିଜ ଭିତରର ଶୂନ୍ୟବୋଧ ପାଇଁ ସେ ନିଜ ପାଖେ ନିଜକୁ ଦୋଷୀ ସାବ୍ୟସ୍ତ କଲେ । ସମସ୍ତ ପରିପୂର୍ଣ୍ଣ ଥାଉ ଥାଉ ସେ କିଛି ନ ଦେଖି ଏପରି କାହିଁକି ହେଉଥିଲେ ଭାବି ଆଶ୍ଚର୍ଯ୍ୟ ହେଲେ ।

ରକ ପୁଣି ଗଢ଼ି ଉଠିଲା । ସେଇ ପୁରୁଣା ଦିନର ହସ ଖେଳ, ପ୍ରମୋଦ ସବୁ ଫେରିଲା । ନୂପୀନ ପୁଣି ସେଇ ପୁରୁଣା ନୂପୀନ ହୋଇଗଲେ ଓ ପ୍ରତିମାଙ୍କୁ ମଧ୍ୟ ସେଇଭାବେ ଗ୍ରହଣ କଲେ ।

କିନ୍ତୁ—

କିନ୍ତୁ ପୁଣି ସେଇ ଭାବ । ସ୍ନେହ ସମସ୍ତ ମଧ୍ୟରେ ନୂପୀନ ଆବିଷ୍କାର କଲେ ପ୍ରତିମା ଆଉ ସେ ପୁରୁଣା ଦିନର ପ୍ରତିମା ହୋଇ ନାହାନ୍ତି । ସେ ଲକ୍ଷ୍ୟ କଲେ ସବୁ ଯେମିତି ଏକପାଖିଆ ହୋଇ ଯାଉଛି । ଅନ୍ୟ ପାଖ ନୀରବ ରହୁଛି ।

ଦେଖିଲେ ତାଙ୍କର ଆଉ ପୂର୍ବ ପରି ତାଙ୍କୁ ଗାଳି ଦେଉ ନାହାନ୍ତି, ମାରୁ ନାହାନ୍ତି, ଆଦେଶ ଦେଉ ନାହାନ୍ତି । ସବୁ ବ୍ୟବହାର ମଧ୍ୟରେ ଯେମିତି ଏକ ଦୂରେଇଲା, ଦୂରେଇଲା ଭାବ । ସେ ସତେଅବା ପର !

ସେ ବିବ୍ରତ ହେଲେ । ପ୍ରତିମାଙ୍କୁ ସେ ପରବୋଲି ଭାବିବାକୁ ସପନ ବି ଦେଖି ନାହାନ୍ତି । ଆଜି କେମିତି ବା ଭାବନ୍ତେ; ଦେଖିବେ ଏ ଦୂରେଇଲା ଭାବକୁ ସେ କେମିତି ବା ସହ୍ୟ କରନ୍ତେ ! !

ସେ ଲକ୍ଷ୍ୟ କଲେ ଦେଖିଲେ ଆଉ ପୂର୍ଣ୍ଣତଃ ତାଙ୍କର ହେଇ ନାହିଁ । ଆଗରୁ ଯେମିତି ନିଜକୁ ଉଜାଡ଼ି କରି ସେ ତାଙ୍କ ସହ ମିଶୁଥିଲେ, ଆଜି ସେମିତି ମିଶୁନାହାନ୍ତି । ଘରେ ସେ ଦୁହେଁ ବସି ଗପ କରୁଥିଲା ବେଳେ, ଖେଳୁଥିବା ବେଳେ, ଖାଉଥିବା ବେଳେ ସାରା ଦୁନିଆ ଫାଟି ଫୁଟି ଗଲେ ବି ପ୍ରତିମା ଉଠୁ ନଥିଲେ; ଆଜି କିନ୍ତୁ ନୂପୀନଙ୍କ ପାଖରେ ବସି ଗପ କରୁଥିଲା ବେଳେ ଆଉ କାହାପାଇଁ ଯେମିତି ସେ ଉଦ୍‌ଗ୍ରୀବ ହୋଇ ରହୁଛନ୍ତି ।

ଘରପଟା ରଙ୍ଗ ତାଙ୍କ କାନରେ ବାଜୁ ନଥିଲା । କିନ୍ତୁ ଆଜି କାହାର ପଦଶବ୍ଦକୁ ସେ ଯେମିତି ଅପେକ୍ଷା ରଖୁଛନ୍ତି ।

ସେ ସମସ୍ତ ଆଦର ଯତ୍ନ ପାଉଛନ୍ତି । କିନ୍ତୁ ସେ ଆଦର ଯତ୍ନ ଯେମିତି ଏକ ବନ୍ଧୁ ପାଇଁ ଉଦ୍ଦିଷ୍ଟ । ସେ ସବୁ ଆଦର ବା ଯେମିତି ବିପିନ ପାଇଁ ଉଦ୍ଦିଷ୍ଟ ନୁହେଁ; ତାଙ୍କ ଭିତରେ ଥିବା କେଉଁ ଏକ 'କା' ପାଇଁ ଏସବୁ ଉଦ୍ଦିଷ୍ଟ ।

ସେ ନିଜ ଭିତରେ ସେହି 'କା'ଟିକୁ ଖୋଜି ବସିଲେ । କିନ୍ତୁ ନିଜ ଭିତରେ ସେ ବିପିନଇ ଥିଲେ । 'କା'ର ଗନ୍ଧ ବି ନଥିଲା ସେଠି । ତେଣୁ ସେ ହତାଶ ହେଲେ ।

ବିପିନ ଓ ପ୍ରତିମା ଗଭୀର କଥାବାର୍ତ୍ତାରେ ବ୍ୟସ୍ତ ଥିଲାବେଳେ ନିର୍ମଳଙ୍କର ସାମାନ୍ୟତମ ଡାକରେ ପ୍ରତିମା ଗୋଟିଏ ମୁହୂର୍ତ୍ତରେ ତାଙ୍କ ପାଖେ ଉପସ୍ଥିତ ହେଉଛନ୍ତି । ବିପିନ ଆଶ୍ଚର୍ଯ୍ୟ ହେଲେ । ଏତେ ବଡ଼ ଗଭୀର ଆଳାପ ମଧ୍ୟରେ ନିର୍ମଳଙ୍କର ସ୍ୱର ଶୁଣିବା ପାଇଁ ମନ ଆସିଲା କେଉଁଠୁ ଯେ, କାନ ତାକୁ ଗ୍ରହଣ କଲା ।

ସେ ବିସ୍ମିତ ହେଲେ । ଶେଷରେ ସ୍ଥିର କଲେ, ସତରେ ପରିବର୍ତ୍ତନ କିଛି ହେଇଚି । ଦେଇ ଆଉ ପୁରୁଣା ଦେଇ ହେଇ ନାହିଁ । ତା ଭିତରେ ଆଜି ଏକ 'କା' ବସା ବାନ୍ଧିଛି । ସେ ନିଜ ଭିତରର 'କା'ର ସନ୍ଧାନ ନକରି ବିପିନ ଭିତରେ 'କା' ଖୋଜି ତାକୁ ପୂଜା କରୁଛନ୍ତି ।

ଏ ସବୁର କାରଣ ସେ ଖୋଜି ବସୁଛନ୍ତି । ଖୋଜି ବସୁଛନ୍ତି କାହାରେ । କସ୍ତୁରୀ ମୃଗ ନିଜ ଭିତରର ସୁରଭିରେ ସୁରଭିତ ହୋଇ ଆମୋଦରେ ଆମୋଦିତ ହୋଇ, ବଣ ଗୋଟାଯାକ ଖୋଜି ବସିଲା ବେଳକୁ, ଯେମିତି କାହିଁ ନପାଇ ବ୍ୟର୍ଥ ହୁଏ,

ନିଗଣ ହୁଏ, ବିବ୍ରତ ହୁଏ, ବିରକ୍ତ ହୁଏ, ବିପିନ ଏ ସବୁର କାରଣକୁ ଠିକ୍ ସେମିତି ଖୋଜି ବସିଲେ । ନିଜ ଭିତରର କେଉଁ ତନ୍ତ୍ରୀକି ଏ ସମସ୍ତ ଅତି ସ୍ୱାଭାବିକ ପରିବର୍ତ୍ତନକୁ ସହ୍ୟ କରି ନପାରି ଆଲୋଡ଼ିତ ହେଉଛି । ତାର ସନ୍ଧାନ ନକରି କାହାରି ଦୁନିଆରେ ଉତ୍ତାଳ ହେଲେ । ସେ କଣ ସହଜରେ ମିଳିବା ଜିନିଷ ଯେ ସେ ତାକୁ ସହଜରେ ଧରି ପାରନ୍ତେ ।

ରାତି ହେଲା । ଶୋଇବାକୁ ଆସିଲେ । ସେ ନିଜେ ଇଚ୍ଛା କରୁଥିଲେ, ଦେଇ ଆଜି ଗୋଡ଼ ମୋଡ଼ିବାକୁ ନଆସୁ । ଏ ସମସ୍ତ ପରିବର୍ତ୍ତନ ସତ୍ତ୍ୱେ, ତାଙ୍କ ମତରେ ଦେଇଙ୍କର ଏ ତଥାକଥିତ ଆନ୍ତରିକତା କେମିତି କେମିତି ଖାପଛଡ଼ା ଲାଗୁଥିଲା ତାଙ୍କୁ ସେଇଥି-ପାଇଁ ସେ ସେଥିରୁ ମୁକ୍ତି ଖୋଜୁଥିଲେ । ସତକୁ ସତ ତାହାହିଁ ହେଲା । ପ୍ରତିମା ଗୋଡ଼ ମୋଡ଼ି ଦେବାକୁ ଆସିବା, ବାଟରେ ତାଙ୍କୁ ନିର୍ମଳ ଡାକିଲେ । ସେ ଯେ ଗଲେ ଆଉ ଆସିନାହାନ୍ତି । ଆସିବାର ଅବସର ହୁଏତ ପାଇନାହାନ୍ତି ।

ବିପିନ ଅଥୟ ହେଲେ । ପରରେ ପରଟିଏ ବାଜି ଶବ୍ଦ ହେଲା ବେଳକୁ ସେ ଶଙ୍କିତହୋଇ ଦେଇ ପଥକୁ ଚାହିଁ ରହୁଥିଲେ । ଏଇ-ବୋଧେ ଦେଇ ଆସିଲା । ନିଦ୍ୱୋଡ଼ ନିଦରେ ଶୋଇବାର ଛଳନା କରି ଶୋଇ ଯାଉଥିଲେ । ପରମୁହୂର୍ତ୍ତରେ କାନୁ ଦେଖିଲା ବେଳକୁ କେହି ନାହିଁ ।

ସେ ବିରକ୍ତ ହେଲେ । ସେ ତ ଦେଇକୁ ଆଦୌ ଖୋଜୁ-ନାହାନ୍ତି । ତେବେ ବି ସେ କାହିଁକି ତାଙ୍କ ପଥକୁ ଚାହିଁ ରହୁଛନ୍ତି । ପ୍ରତିମା ତାଙ୍କୁ ଅବହେଳା କଲେ, ସେ ମଧ୍ୟ ତାଙ୍କୁ ଅବହେଳା କରିବେ । ସେ ନ ଆସନ୍ତୁ ।

କର ଲେଉଟାଇ ଶୋଇଲେ । ନାଁ—ନିଦ ହବାର ନୁହଁ । ଦୁନିଆଯାକର ଭାବନା । ସେଇ ଭାବନାକୁ ସେ ଯେତେ ଦୂରେଇ ଦେବାକୁ ବସିଲେ ବି ସେ ଭାବନା ଯେମିତି ତାଙ୍କୁ ଗୋଡ଼ାଇ, ଗୋଡ଼ାଇ ଧରୁଛି । ସେ ପ୍ରତିମାକୁ ନେଇ ନାହାନ୍ତି ବୋଲି ମନେ ମନେ ଯେତେ କୈଫିୟତ କାଟିଲେ ବି ଭିତର ନିର୍ମଳ ହୋଇ-ପାରୁନି । ଭାବନା ମୁକ୍ତ ହୋଇ ପାରୁନି ।

ଦିନ ଗୋଟାକର ସବୁ କଥା ଆସି ତାଙ୍କ ମନ-ଦର୍ପଣରେ ଉଙ୍କି ମାରିଲା । ଦେଈ ଯେମିତି ତାଙ୍କ ସହ କଥା ହେଉଁ ହେଉଁ ଅନ୍ୟମନସ୍କ ହେଉଥିଲେ, ସେ କେମିତି ନିର୍ମଳଙ୍କ ପଦ ଶବ୍ଦ ଲକ୍ଷ୍ୟକରି ଉଠି ଯାଉଥିଲେ, ସେ ସବୁଦିନ ମାଛମୁଣ୍ଡ ଖାଇବାକୁ ଭଲ ପାଆନ୍ତି ଜାଣି ମଧ୍ୟ ମାଛମୁଣ୍ଡଟି ସେ କେମିତି ନିର୍ମଳଙ୍କୁ ଦେଲେ, ସବୁ ତାଙ୍କର ମନେ ପଡ଼ିଲା ।

ନିଜ ଉପରେ ତାଙ୍କର ଘୃଣା ଆସିଲା ନିଜର ଏ ସଂକୀର୍ଣ୍ଣତା ଦେଖି । ସାମାନ୍ୟ ମାଛ ଖଣ୍ଡିକ ପାଇଁ ତାଙ୍କର ଏ ଚିନ୍ତା ଆସୁଛି ଦେଖି ସେ ଭାବନାକୁ ସେ ମନଭିତରୁ ଦୂରେଇ ଦବାକୁ ବସିଲେ ।

ହେଲାନି । ସବୁ କଥାକୁ ବସ୍ତୁ ଓଜନ କରି, ମନ-ନିକିତିରେ ତଉଲି, ତଉଲି ମଧ୍ୟ ଦେଈଙ୍କୁ ସେ କ୍ଷମା ଦେଇ ପାରିଲେନି । ସତକୁ ସତ ଦେଈ ଯେ ଆଜି, ଏକୁଟିଆ ତାଙ୍କର ନୁହେଁ; ଏକଥାକୁ ସେ ଗ୍ରହଣକରି ପାରିଲେନି । ଜାଣି ଜାଣି ଯେ ପ୍ରତିମାଙ୍କ ହୃଦୟରେ ନିର୍ମଳଙ୍କ ପାଇଁ ସ୍ଥାନ ସେ ନିଜେ ସୃଷ୍ଟି କରିବାକୁ ଦେଇଛନ୍ତି, ଏ କଥା ସେ ଦେଖି ପାରିଲେନି ।

ସକାଳ ହେଲା । କିନ୍ତୁ ଭଉଣୀର ଏକ ହତାଶ, ବ୍ୟର୍ଥ ପ୍ରେମିକଟି ଆଜି ସେଠାରେ ନଥିଲେ ।

# ସୀତା ଓ ସବିତା

ସେ ତାଙ୍କୁ ଖୁବ ଭଲ ପାଉଥିଲେ । ସେଭଳି ଭଲପାଇବାର କୌଣସି ତୁଳନା ହୁଏତ ନଥିଲା । ପ୍ରାଣ, ମନ, ହୃଦୟ ସବୁ ଦେଇ ସେ ତାଙ୍କୁ ଭଲ ପାଉଥିଲେ ।

ସେ "ଭଲପାଇବା" ମାନେ ଏଇ ଭଲ ପାଇବା । ସେ ଭଲ ପାଇବାକୁ ବିଶ୍ଳେଷଣ ଆପଣ କରିବେନି । ସେ ଭଲ ପାଇବାକୁ ଭଲ ପାଇବା ଅର୍ଥରେହିଁ ନେବେ । "ପ୍ରେମର ଜନ୍ମମୃତ"କାରଙ୍କ ପରି ଭଲ ପାଇବାକୁ ପ୍ରେମ ଅର୍ଥରେ ନେଲେ, ଆପଣ ହଇରାଣରେ ପଡ଼ିବେ ।

ଶୁଣନ୍ତୁ ! ସେ ତାଙ୍କୁ ଅତି ସରଳ ଭାବେହିଁ ଭଲପାଉଥିଲେ । କାରଣ ତାଙ୍କ ମଧ୍ୟରେ ପ୍ରେମ ହୋଇ ପାରେନା । ସେ ଦୁହେଁ ଥିଲେ ମାଉଁ, ଭଣଜା । ତେଣୁ ପ୍ରେମ କେମିତି ତାଙ୍କ ଭିତରେ ହୁଅନ୍ତା ? ଏ ତ ଆଉ ଦ୍ୱାପର ଯୁଗ ନୁହେଁ, କିମ୍ବା ସେ ଦୁହେଁ ରାଧାକୃଷ୍ଣ ନୁହନ୍ତି ।

ମାଇଁ ଭଣଜାକୁ ଭଲପାଏ । ଏଥିରେ ଏତେ ବ୍ୟାଖ୍ୟାର ଆବଶ୍ୟକତା କ'ଣ ଥିଲା ? କିନ୍ତୁ ସବିତା, ଶୁକଦେବଙ୍କର ନିଜ ମାଇଁ ନ ଥିଲେ ଓ ସେ ଦୁହେଁ ଥିଲେ ସମବୟସୀ । "ଧୂପ" କାବ୍ୟରେ ସମବୟସୀ ଶବ୍ଦର ଅର୍ଥ ଅବଶ୍ୟ ଅଲଗା । ତା' ହେଲେ ତାଙ୍କୁ ସମବୟସୀ ନ କହି ସମାନ-ବୟସୀ ବୋଲି କୁହାଯାଉ । ଯାହାହେଉ, ସେ ଦୁହେଁ ବୟସରେ ପ୍ରାୟ ସମାନ ଥିଲେ । କିନ୍ତୁ 'ବିଦଗ୍ଧଚିନ୍ତାମଣି'ର ସମାନବୟ ସାଙ୍ଗରେ ସ୍ୱଚ୍ଛ ଆରବ୍ଧ ଥିଲା କି ନାହିଁ କିଜାଣି, ଶୁଣନ୍ତୁ !

ପୂର୍ଣ୍ଣ ଯୌବନରେ ଦୁହେଁଯାକ ପାଦ ଦେଇଥିଲେ । ସମ୍ପର୍କରେ ହୁଏତ ମା' ପୁଅର ସମ୍ବନ୍ଧ ଥିଲେ ବି ବାହାର ଆଖିରେ ସନ୍ଦେହର ଅବକାଶ ଯଥେଷ୍ଟ ଥିଲା । ଅତି ଭଲଲୋକ ହେଲେ ବି, ବାହାର ଆଖିରେ ତାଙ୍କୁ କିଏ ହେଲେ ଭାଇ, ଭଉଣୀ ବା ଦିଅର, ଭାଉଜ କହିପାରେ । ମାଇଁ, ଭଣଜା ନୁହଁ ।

ସବିତା କିନ୍ତୁ ଶୁକଦେବଙ୍କୁ ଅତି ଭଲ ପାଉଥିଲେ—ମା' ଠାରୁ ବି ଅଧିକ ବୋଲି ଶୁକଦେବ କହନ୍ତି । ମା' ଠାରୁ ଯେ ଅଧିକ ଭଲପାଏ, ସେ ଡାଆଣୀ କି ନା କେଜାଣି ; କିନ୍ତୁ ମୁଗ୍ଧ, ବିଭୋର, କୃତଜ୍ଞ ଶୁକଦେବ ତାଙ୍କର ଗୁଣ-ବର୍ଣ୍ଣନା କଲାବେଳେ, ବାସୁକି ପରି ସହସ୍ରଜିହ୍ୱ ହୋଇଯା'ନ୍ତି ।

ଦୁଇଟି ପ୍ରାଣୀ, ସେମାନେ ଖାଲି ମାଇଁ, ଭଣଜା ନ ଥିଲେ । ଥିଲେ ଦୁଇ ସଙ୍ଗୀ, ଭାଇ ଭଉଣୀ, ଦୁଇଟି ମରମୀ ବନ୍ଧୁ ।

ସେମାନେ ମିଶୁଥିଲେ—ମିଶୁଥିଲେ ଅତି ନିବିଡ଼ ଭାବରେ । ସେମାନଙ୍କ ମିଳାମିଶାରେ ବାଛ ବିଚାର କିଛି ନଥିଲା ।

ବୟସ, ସମ୍ପର୍କ ସବୁ ଭୁଲିଯାଇ ସେମାନେ ଫେରି ଯାଉଥିଲେ କୋଡ଼ିଏ ବର୍ଷ ତଳକୁ । ଦୁଇଟି ଶିଶୁ ପରି ଦୁହେଁ କଳି କରୁଥିଲେ, ଦୁହେଁ ଧୂଳିଘର କରି ଖେଳୁଥିଲେ । ପୁଣି କେବେ ବା କୋଡ଼ିଏ ବର୍ଷ ଆଗକୁ ଆଗେଇ ଯାଇ ଜୀବନ ସମ୍ପର୍କରେ ନିଜର ଅନୁଭୂତି— ଅର୍ଥାତ୍ ଦର୍ଶନ-ଚର୍ଚ୍ଚାରେ ସମୟ କଟାଇ ଦେଉଥିଲେ ।

ଏଇମିତି ତାଙ୍କର ଦିନ ଯାଏ ।

ଶୁକଦେବଙ୍କ ମନରେ କଷ୍ଟ ଆସିବ, ଏକଥା ଦେଖିବା ଦୂରେ ଥାଉ, ସବିତା ହୁଏତ କଳ୍ପନା ବି କରି ପାରୁ ନ ଥିଲେ । ପ୍ରତି-ବଦଳରେ ଶୁକଦେବ ମଧ୍ୟ ତାଙ୍କୁ ଭାରି ଭଲ ପାଉଥିଲେ— ତାଙ୍କର ଭାରି ବାଧ୍ୟ ଥିଲେ । ତାଙ୍କର କୌଣସି କଥାକୁ ସେ ଟାଳେ ପକାଇ ଦେଉ ନଥିଲେ । ଅଧିକାଂଶ ସମୟରେ ସବିତାଙ୍କର ସମସ୍ତ ହାବଭାବ, କଥାବାର୍ତ୍ତା, ନିଜର ବିବେକ-ବିରୋଧୀ ହେଲେ ବି ତାଙ୍କ ମନରେ କଷ୍ଟ ନ ଦେବାକୁ ଶୁକଦେବ ସବୁ ମାନି ଯାଉଥିଲେ ।

ତା' ମାନେ ନୁହେଁ ଯେ—ତାଙ୍କୁ ଭଲ ନ ପାଇ କେବଳ ମାନୁଲି ଭଦ୍ରତା ଲାଗି ସେ ଏପରି କରୁଥିଲେ । ସେ ଯାହା କରୁଥିଲେ, ସବୁ ତାଙ୍କର ଅନ୍ତରର ଡାକରେ, ହୃଦୟର ଆବେଗରେ । ତେଣୁ ତାଙ୍କର ଆବେଗପୂର୍ଣ୍ଣ ହୃଦୟ ଆଉ ଗୋଟିଏ ଆବେଗପୂର୍ଣ୍ଣ ହୃଦୟର ଅନୁଭୂତିକୁ ଯଥେଷ୍ଟ ସମ୍ମାନ ଦେଉଥିଲା । ତେଣୁ ସେ ସବିତାଙ୍କର ସବୁ କଥାକୁ ମାନି ଯାଉଥିଲେ—ମାନି ଯାଉଥିଲେ ବାଧ୍ୟ ଶିଶୁଟି ପରି ।

କିନ୍ତୁ ତାହା ବୋଲି ସେ କ'ଣ ସବୁ କଥା ଆପଣା ଅନ୍ତରର ବାଧ୍ୟବାଧକତାରେ ମାନି ଯାଉଥିଲେ ? ତା ନୁହେଁ । ଏଇ

ଧରନ୍ତୁ କୌଣସି ଗୋଟିଏ କଥା ନେଇ ଅତି ଆନନ୍ଦରେ ସବ୍ଦିତା ଆତ୍ମହରା ହୋଇ ପଡ଼ୁଛନ୍ତି । ତା' ପରେ ଆଉ କିଛି ବାଛ ବିଚାର ରହିଲା ନାହିଁ । ଅତି ଅସଂଯତ ଭାବରେ ଆସି ସେ ଶୁକଦେବଙ୍କ କାନ୍ଧରେ ଓହଳି ପଡ଼ିଲେ ।

ସେ ହୁଏତ ଅତି ପବିତ୍ର ମନରେ ସେତିକି କରୁଛନ୍ତି । ଶୁକଦେବ, ତାଙ୍କୁ ମଧ୍ୟ ଧରାଯାଉ ପବିତ୍ର ଭାବରେ ଗ୍ରହଣ କରୁଛନ୍ତି । ନିଶ୍ଚୟ କରୁଛନ୍ତି, କିନ୍ତୁ ବାହାର ଦୁନିଆଁ ଅଛି ତ ପୁଣି । ସମସ୍ତଙ୍କ ଦୃଷ୍ଟିକୋଣ ତ ସମାନ ନୁହଁ !

ଅନ୍ୟମାନେ ଏସବୁ ଦେଖି କାଳେ ଖରାପ ଧାରଣା କରିବେ, ଏଇ ଭୟରେ ସେ ତାଙ୍କୁ ସମର୍ଥନ ନ କରୁଥିଲେହେଁ, ସବ୍ଦିତାଙ୍କ ମନରେ କଷ୍ଟ ନ ଦେବାକୁ ସେ ନୀରବରେ ସହ୍ୟ କରି ଯାଉଥିଲେ ।

ତାଙ୍କର ବ୍ୟବହାର ଦେଖିଲେ, ତାଙ୍କୁ ଯେ କେହି ବଦ୍ଧ ପାଗଳ ନ କହିଲେ ବି ଭାବ-ପାଗଳ କହିବ ନିଶ୍ଚୟ । ସେଇ ଭାବ-ପାଗଳାମିକୁ ହୃଦୟଙ୍ଗମ କରିବା ପାଇଁ କେତେଜଣଙ୍କର ବା ଭାବ-ପାଗଳାମିରେ ପ୍ରବେଶ ଅଛି ?

ଆଉ କେଉଁ ଦିନ । ସବ୍ଦିତାଙ୍କ ଟିକି ଝିଅ ଟୁନୁ ପାଖରେ ବସିଛି । ତାଙ୍କୁ ସେ ଦୂରକୁ ଠେଲି ଦେଲେ । କହିଲେ, "ଦେଖ୍, ମୁଁ ତୋତେ ଆଉ ଝିଅ କରିବିନି । ଶୁକ ଆଜିଠାରୁ ମୋ ପୁଅ ।" ଏହା କହି ଶୁକଦେବଙ୍କୁ ଆଣି କୋଳରେ ଶୁଆଇ ଗେହ୍ଲା କଲେ । ତାଙ୍କୁ ଚୁମା ଦେଲେ । ପିଠିରେ ଆଉଁଜାଇ ପିଠି ଥାପୁଡ଼ାଇ ଦେଲେ ।

ପୁଣି କେବେ ବା···ଶୁକଦେବ ଓ ସେ ବସିଛନ୍ତି; ସେ ହଠାତ୍ ଉଠିଆସି ଶୁକଦେବଙ୍କ କୋଳରେ ଶୋଇପଡ଼ି କହିଲେ, "ମୁଁ ତମ ଝିଅ । ମତେ ଟିକିଏ ଗେହ୍ଲା କର ।"

ଶୁକଦେବ ତଟସ୍ଥ ହୁଅନ୍ତି, ବିସ୍ମିତ ହୁଅନ୍ତି । କିଛି ବୁଝି ପାରନ୍ତି ନା । ସବୁ କରନ୍ତି—ଠିକ୍ ଯନ୍ତ୍ରଟି ପରି ।

ଏମିତି ଗୁଡ଼ିଏ, ଏମିତି ଗୁଡ଼ିଏ ତାଙ୍କର ଭଲପାଇବା ନିବିଡ଼ରୁ ନିବିଡ଼ତର ହୋଇ । ଶୁକଦେବଙ୍କର ନିତ୍ୟ ନୈମିତ୍ତିକ କାମ ଭିତରେ ସବିତାଙ୍କ ଘରକୁ ଯିବା ଏକ ଅବଶ୍ୟ କର୍ତ୍ତବ୍ୟ ହୋଇ ପଡ଼େ । ଅନ୍ୟ ଆଡ଼େ ଯେତେ ବଡ଼ କାମ ଚଢ଼ି ରହିଥିଲେହେଁ ସେ ଥରେ ହେଲେ ଯାଇଁ ତାଙ୍କ ଘରୁ ବୁଲି ଆସନ୍ତି ।

ସବିତା ମଧ୍ୟ ଠିକ୍ ସେମିତି । ତାଙ୍କର ସ୍ୱାମୀଙ୍କ ଘରକୁ ଆସିବାର ସୁବିଧା ସୁଯୋଗ ସେତେ ନଥିଲା ଶୁକଦେବଙ୍କ ପରି । ଦିନେ ଶୁକଦେବ ନ ଗଲେ ସେ ବ୍ୟସ୍ତ ହୋଇ ପଡୁଥିଲେ, ଖବର ବୁଝିବା ପାଇଁ ତାଙ୍କର ଚାକରକୁ ସାଙ୍ଗେ ସାଙ୍ଗେ ପଠାଉଥିଲେ ।

ତାଙ୍କର ଏଇ ମିଳାମିଶା, ତାଙ୍କର ଏଇ ଭଲପାଇବାକୁ ସବିତାଙ୍କର ସ୍ୱାମୀ କି ଆଖିରେ ଦେଖୁଥିଲେ, ତାହା ତାଙ୍କର ମୁଖ-ଭଙ୍ଗୀରୁ ଜାଣିବାର କୌଣସି ଉପାୟ ନଥିଲା । ସେ ଆଗ୍ରହର, ବ୍ୟବହାରରେ ସତେ ଯେମିତି ବା ସ୍ଥିତପ୍ରଜ୍ଞ । ସେ ସୁଖରେ ଥିଲେ ବିଗତସ୍ପୃହ, ଦୁଃଖରେ ଅନୁଦ୍ୱିଗ୍ନମନା । ତେଣୁ ତାଙ୍କ ଭାବ ଭଙ୍ଗୀରୁ କିଛି ଠଉରାଇବାର ଉପାୟ ନଥିଲା । ସ୍ୱାମୀଙ୍କ ଆଗରେ ସବିତା ଶୁକଦେବଙ୍କର ଉଚ୍ଛ୍ୱସିତ ପ୍ରଶଂସା ଗାଇଲା ବେଳେ, ତାଙ୍କର ମୁଖଭଙ୍ଗୀ ଯେମିତି ଅବିଚଳିତ ରହୁଥିଲା, କୌଣସି କାରଣରୁ ବିରକ୍ତ ହୋଇ ତାଙ୍କର ନିନ୍ଦା କଲେ ବି ଠିକ୍ ସେମିତି ରହୁଥିଲା ।

ସେ କିନ୍ତୁ ଶୁକଦେବଙ୍କ ସହ ସେମିତି ମିଶୁ ନଥିଲେ । ଏଇ କେତେଟା ମାମୁଲି କଥାବାର୍ତ୍ତା ବା ସାମାଜିକ ବିଧି-ରକ୍ଷା

ଛଡ଼ା ଆଉ ବି ଅଧିକ କିଛି ତାଙ୍କଠାରୁ ଆଶା କରୁ ନଥିଲେ ଶୁକଦେବ। ମିଳାମିଶାରେ ସେ ବିରକ୍ତି ପ୍ରକାଶ କରୁ ନଥିଲେ, କି ବାରଣ ମଧ୍ୟ କରୁ ନଥିଲେ ।

ସେ ଶୁଣୁଥିଲେ ଶୁକଦେବଙ୍କର ପ୍ରଶଂସା—ସାହିତ୍ୟିକ, କବି, ବାଗ୍ମୀ ହିସାବରେ । ପୁଣି ଶୁଣୁଥିଲେ ତାଙ୍କର ନିନ୍ଦା—ଲମ୍ପଟ, ବ୍ୟଭିଚାରୀ ବୋଲି । କିନ୍ତୁ କୌଣସିଥିରେ ତାଙ୍କର ପରିବର୍ତ୍ତନ ଆସୁ ନ ଥିଲା । ନିଜର ତନ୍ୱୀ, ତରୁଣୀ, ସ୍ୱଭାବ-ଚଞ୍ଚଳା ପତ୍ନୀଙ୍କୁ ବ୍ୟଭିଚାରୀ ବୋଲି ଦୁର୍ନାମ ଥିବା ଏଇ ସୁଦର୍ଶନ ତରୁଣଟି ସହ ମିଶିବାକୁ ସେ ମଧ୍ୟ ବାରଣ କରୁ ନ ଥିଲେ ।

ତେଣୁ ଦୁହିଁଙ୍କର ବନ୍ଧୁତ୍ୱ, ମିଳାମିଶାରେ ନ ଥିଲା ବାଧା, ନ ଥିଲା ବନ୍ଧନ । ସେମାନେ ଘୂରି ବୁଲୁଥିଲେ, ବୁଲୁଥିଲେ—ନିର୍ଜନ, ଚନ୍ଦ୍ରାଲୋକିତ ରଜନୀରେ ନଦୀ କୂଳରେ । ବୁଲୁଥିଲେ ଗାଢ଼ କଳା ରାତିର ଗୁମ୍ଫା ଭିତରେ, ପାର୍କ୍ ମଝିରେ ।

ଅତି ନଗ୍ନ ଓ ଉଚ୍ଛୃଙ୍ଖଳଭାବେ ଯୌନତତ୍ତ୍ୱ, ବୈଷ୍ଣବ ପ୍ରେମ-କବିତା ସେ ଶୁକଦେବଙ୍କ ସହ ଆଲୋଚନା କରୁଥିଲେ । ମଝିରେ ଉଚ୍ଛ୍ୱସିତ ହୋଇ, ବିହ୍ୱଳ ହୋଇ, ନଗ୍ନଭାବେ ସେ ଶୁକଦେବଙ୍କ ଛାତିରେ ଲୋଟି ପଡୁଥିଲେ । ଶୁକଦେବଙ୍କର କୌଣସି ବିକାର ଆସୁ ନ ଥିଲା । ସବୁକୁ ସେ ଗ୍ରହଣ କରୁଥିଲେ ପବିତ୍ର ଭାବରେ— ଯୌନଲାଳସାର ସୀମା ସେପାଖରେ ସେ ମନେ ମନେ ବାନ୍ଧି ଦେଇଥିଲେ ତାଙ୍କର ସମ୍ପର୍କ । ସେ ବ୍ୟଭିଚାରୀ ବୋଲି ପ୍ରଚାରିତ ଦୁର୍ନାମ ତାଙ୍କ କାନରେ ଆସି ବାଜୁଥିଲା । ସେ ଦୁଃଖିତ ହେଉଥିଲେ । କିନ୍ତୁ ଧୈର୍ଯ୍ୟହରା ହେଉ ନ ଥିଲେ । କେତେକ ନୀଚ ଲୋକ, ତାଙ୍କୁ ଓ ସବିତାଙ୍କୁ ନେଇ ଅତି ଜଘନ୍ୟ ଭାବରେ ପ୍ରଚାର କରୁଛନ୍ତି-

ଅସନ୍ତୁଷ୍ଟ ସେମାନେ । ଏଇଥିଲା ତାଙ୍କର ଧାରଣା । ସେ ଗୁଳିଗଲେ 'କଳିଯୁଗର କୃଷ୍ଣ' ବୋଲି କହି ଲୋକେ ତାଙ୍କୁ ଥଟ୍ଟା କରୁଥିଲେ । କିନ୍ତୁ ସେ ଥିଲେ ନିର୍ବିକାର । ନୀଳକଣ୍ଠ ପରି ଏ ସମସ୍ତ ବିଷ ସେ ପାନ କରି ସଦା ପ୍ରଫୁଲ୍ଲ ରହୁଥିଲେ ।

ନିଜ ଉପରେ ତାଙ୍କର ବିଶ୍ୱାସ ଥିଲା ଅତୁଟ । ନିଜର ଚରିତ୍ର ଉପରେ ତାଙ୍କର ଥିଲା ତୀକ୍ଷ୍ଣ ଦୃଷ୍ଟି । ବାପୁ ସମସ୍ତଙ୍କୁ ସ୍ପର୍ଶ କରି ମଧ୍ୟ ନିଜେ କେଉଁଥିରେ ନିମଜ୍ଜିତ ନ ହେଲା ପରି, ସେ ସବୁ ଭିତରେ ବୁଡ଼ି ରହି, ନିଜକୁ ତା ଉପରେ ରଖୁଥିଲେ । ସେ କହୁଥିଲେ, "ତାଙ୍କର ଆତ୍ମା ଯେଉଁଦିନ ନିମ୍ନଗାମୀ ହେବ, ସେ ଦିନ ଶୁକଦେବର ମଧ୍ୟ ମୃତ୍ୟୁ ହୋଇଯିବ । ଏକ ବ୍ୟଭିଗ୍ରସ୍ତ କଳୁଷ ଆତ୍ମା କେବେ ଲେଖକ ହୋଇ ନ ପାରେ—କେବେ ସତ୍ୟ, ଶିବ, ସୁନ୍ଦରର ପୂଜାରୀ ହୋଇ ନ ପାରେ ।"

ତେଣୁ ସେ ସମସ୍ତ ଦୁର୍ନାମ ଶୁଣି ମଧ୍ୟ ସଭିଙ୍କ ସହ ନିବିଡ଼ ଭାବେ ମିଶୁଥିଲେ । ବେଳେ ବେଳେ ତାଙ୍କର ଲେଖକ-ସୁଲଭ ବିଶ୍ଳେଷଣୀ ମନ, ସଭିଙ୍କର ହାବଭାବକୁ ବିଶ୍ଳେଷଣ କରିବାକୁ ଚାହୁଁଥିଲେ ହେଁ, ସେ ତାକୁ ଚପେଇ ରଖୁଥିଲେ । ସେ ସବୁଟିକୁ ସରଳ, ପବିତ୍ର ଭାବେ ଗ୍ରହଣ କରି ନେଉଥିଲେ । ସେ ଜାଣନ୍ତି, ବିଶ୍ଳେଷଣ "ବିଶ୍ୱାସ" ଦିଏ ନାହିଁ । ସଂଶ୍ଳେଷଣ କିନ୍ତୁ ଆଣେ ପ୍ରତ୍ୟୟ—ଆଣେ ନିଷ୍ଠା ।

କିନ୍ତୁ ଦିନକର କଥା ଶୁଣନ୍ତୁ—

ମାମୁଁ ଘରେ ନ ଥାନ୍ତି । ମାଇଁଙ୍କ ପ୍ରୌଢ଼ ଝିଅଟି ଶୋଇଛି । ମାଇଁ ତାଙ୍କର ବେଶ ଘରେ । ସେ ଯାଇ ପହଞ୍ଚିଲେ ସେଠି । କି ଏ

ଭାବାବେଗରେ ସେ ବିହ୍ୱଳ । ଭାବାବିଷ୍ଟ ହେଲାବେଳେ ସେ ନିଜକୁ ମଧ୍ୟ ହରାଇ ବସନ୍ତି । ଏଇ ଧରନ୍ତୁ, ନାରୀ ବିଷୟରେ ଭାବୁ ଭାବୁ ତାଙ୍କ ମନରେ ପଶିଲା ନାରୀଙ୍କ ସବୁ , ସେ ଜନନୀ, ଭଗିନୀ, ସଙ୍ଗିନୀ, ପତ୍ନୀ । ଉଠିଲେ । ନିଜ ସ୍ତ୍ରୀଙ୍କୁ ଧରି ଆରମ୍ଭ କଲେ, "ଟିକଏ ମୋ ଆଗରେ ସେଇ ଛନ୍ଦରେ ଠିଆ ହେଲ ସଜନି, ମୁଁ ଯେପରି ସେଥିରେ ମୋର ସ୍ୱରୂପ ଟିକକ ଦେଖି ନେଇ ପାରିବି— ତମରି ସେଇ ଜନନୀ, ଭଗିନୀ, ସଙ୍ଗିନୀ ଓ ପତ୍ନୀ ରୂପରେ ସଜ୍ଜିତା ମୂର୍ତ୍ତି— ଏକାଧାରରେ ।"

ତାଙ୍କର ଏମିତି ବହୁ ପାଗଳାମି ସହ ତାଙ୍କର ପତ୍ନୀ ଶାନ୍ତିଲତା ପରିଚିତା । ତେଣୁ ସେଥିରେ ସେ କାନ ନ ଦେଇ ନିଜ କାମରେ ଚାଲିଯାନ୍ତି ।

ସେ ବେଳରେ ଶୁକଦେବ ଦୂରେଇ ରହନ୍ତି ଅନ୍ୟ-ମାନଙ୍କଠାରୁ ।

କିନ୍ତୁ ଏଇ ଭାବଭୋଳା ଲେଖକଟି ସେଇ ଆବେଗ ନେଇ ହିଁ ସେଠାକୁ ଯାଇଥିଲେ । ସେଦିନ ସେଠାରେ ପହଞ୍ଚି ସଙ୍ଗେ ସଙ୍ଗେ ଆରମ୍ଭ କରିଦେଲେ —ତାଙ୍କର ଭାବପାଗଳାମି । ଭାବପାଗଳାମି କହିବେ ? ମୋର ଆପତ୍ତି ନାହିଁ । "ତମର କ'ଣ ହଉଥିବ କେଜାଣି ମୁଁ ଜାଣେ ନା ମାଇଁ । କିନ୍ତୁ ମୋ ମନରେ ତମ ପାଖେ ଏକ ଗ୍ଲାନି ରହିଯାଉଚି । ସେତକ ଦୂର ହେଇଗଲେ, ମୁଁ ତମକୁ ଏବେ ଯେତେ ଭଲ ପାଉଚି, ତା' ଠାରୁ ଆହୁରି ଅଧିକ ଭଲ ପାଇବି— ପୂର୍ଣ୍ଣ ଭାବେ ଭଲ ପାଇପାରିବି । କହିପାରିବ ମାଇଁ, ସେ ଗ୍ଲାନିର ରୂପ କିପରି ?"

ସେତେବେଳକୁ ସବିତାଙ୍କର ମୁହଁର ଭାବ ବଦଳି ଯାଇ-ଥିଲା । ସେ ଗୋଟାସାରା କଳା ପଡ଼ି ଯାଇଥିଲେ । ଶୁକଦେବ ତାଙ୍କୁ

ଦେଖି ମଧ୍ୟ ନ ଦେଖିଲା ପରି ପଚାରିଲେ—"କଣ କହୁଛ ଶୁଣେ, କଣ ହୋଇପାରେ ସେ ଗ୍ଲାନ ?"

ସବିତା ସେତେବେଳକୁ ସେ ଘରେ ନ ଥିଲେ । ଦ୍ୱାରବନ୍ଧ ପାଖରୁ ଥାଇ କହିଲେ ଅତି କ୍ଷୀଣ ଭାବେ, 'ମୁଁ କେମିତି ଜାଣିବି ?'

"ଆଚ୍ଛା, ଚେଷ୍ଟା କର !"

ସବିତା ନ ଥିଲେ ସେଠି ଆଉ ଉତ୍ତର ଦବାକୁ । ସେ ଯାଇ ତାଙ୍କ ଶୋଇବା ଘରେ କ'ଣ ଗୋଟାଏ ଜିନିଷ ଖୋଜୁଥିଲେ । ହୁଏତ ସେଟା ଖୋଜିବାର ବାହାନା ମାତ୍ର ।

ଶୁକଦେବ ମଧ୍ୟ ଯାଇ ପହଞ୍ଚିଲେ ସେଠି । ଠିକ୍ ପୂର୍ବଦିନ ପରି ସେ ସବିତାଙ୍କ ହାତ ଧରି ଟାଣିଲେ ଖଟ ଉପରକୁ ଆସ, ଏଇଠି ବସି କଥାବାର୍ତ୍ତା ହବା ।

ନମ୍ରା ହରିଣୀଟି ପରି ସେ ଶୁକଦେବଙ୍କ ହାତରୁ ନିଜକୁ ମୁକୁଳାଇ ନେଇ, ବାହାରକୁ ଯାଇ କହିଲେ, "ନାଇଁ, ନାଇଁ, ଏଇଠିକି ଆସ, କଥା ହବା ।" ଏତକ କହିଦେଇ ସେ ବାହାରକୁ ଚାଲିଗଲେ । ଭାବପାଗଳ ଶୁକଦେବ ସେତେବେଳେ ଭାବାବିଷ୍ଟ । ସେ କିଛି ବୁଝି ନ ପାରି ପୁଣି ଗଲେ ତାଙ୍କ ପଛେ ପଛେ । ଯାଇ ତାଙ୍କ ବାହାର ଉଦ୍ୟାନରେ ଏକ ସିମେଣ୍ଟ ବେଞ୍ଚ ଉପରେ ବସି ପଡ଼ି ଡାକିଲେ, "ଆସ ମାଇଁ, ଏଠି ବସ, ଆଜ କୁହ ଭାବ ଚିନ୍ତା ।"

"ନାଇଁ ନାଇଁ, ତମେ ଯାଅ ଆଜ । ମୋର ବି ଏଣେ କାମ ଅଛି । ତା ଛଡ଼ା ସେ ନାହାନ୍ତି ଘରେ ।"

ଶୁକଦେବ ଚମକି ପଡ଼ିଲେ । ଆଉ କିଛି କହିବାକୁ ତାଙ୍କର ଇଚ୍ଛା ହେଲା ନି । ଭାବ- ଦରିଆରେ ତାଙ୍କର ଭଟା ପଡ଼ିଗଲା ।

ସେ ଉଠି ଚାଲି ଆସିଲେ ଏକ ଭଙ୍ଗା ମନ ନେଇ । ଅନ୍ୟ ଦିନ ପରି ସବିତା ମଧ୍ୟ ତାଙ୍କୁ ଅଟକାଇ ନାହାନ୍ତି ।

ତାଙ୍କର ବଡ଼ ଦୁଃଖ ହେଲା—ସବିତାକୁ ଘୃଣା କରି ନୁହଁ; ସେ ଦୁଃଖିତ ହେଲେ—କାରଣ, ସେ ଆଜି କେବେ ସବିତାଙ୍କ ପାଖରୁ ଯାଇ ପଦେ କଥା କହି ଆସିବାର ଲୋଭ ସମ୍ଭାଳି ପାରୁ ନଥିଲେ ବି ଯିବାର ଶକ୍ତି ଯେପରି କିଏ ହରଣ କରି ନେଇ ଯାଇ-ଥିଲା ତାଙ୍କର !

ସେ ସବିତାଙ୍କୁ ପୁଣି କେବେ ଦେଖିଥିଲେ କହିଥାନ୍ତେ— "ମାଇଁ, ମୋ ମନରେ ବାସ୍ତବିକ ଦୁଃଖ ରହିଗଲା—ତମେ ମୋର ମାଇଁ ହୋଇ ପାରିଲ ନାହିଁ ।"

ସେ କେବଳ ଦେଖୁଥିଲେ ଆଖି ଆଗରେ ପୁରାଣର ଛବି । ସୀତା ଓ ଲକ୍ଷ୍ମଣ । ଲକ୍ଷ୍ମଣ ପରି ଦିଅରକୁ ମଧ୍ୟ ସତୀ ସୀତା ସନ୍ଦେହ କରି ପାରିଲେ । ଲକ୍ଷ୍ମଣ ସେଥିପାଇଁ ଭାଉଜର ମୁହଁକୁ ଅନାଇ ପାରି ନାହାନ୍ତି—ଦିଅରର ଦାବି ହାସଲ କରି ପାରି ନାହାନ୍ତି ଭାଉଜଠାରୁ ।

ତାଙ୍କର ଦୟା ହେଲା ଏଇ ଧୈର୍ଯ୍ୟହୀନା ନାରୀ ଜାତି ପ୍ରତି । ନାରୀର ଧୈର୍ଯ୍ୟ ଥିଲେ—ସୀତାହରଣ ଓ ଲଙ୍କାଯୁଦ୍ଧରେ ରାମାୟଣର ସାତକାଣ୍ଡ ସରି ନଥାନ୍ତା ।

# ସୁଅ

ବିନୋଦ ! ସୁନ୍ଦର, ସୁଠାମ, ସରଳ । ତମ୍ବା ତାରଠାରୁ ଆହୁରି ଗୋରା ତା'ର ତନୁ । ଶାଳଗଛଠାରୁ ଆହୁରି ସୋଜା ତାର ମନ । ସମୁଦ୍ରଠାରୁ ଆହୁରି ଗଭୀର ତା'ର ଜ୍ଞାନ । ଆକାଶଠାରୁ ଆହୁରି ବିରାଟ ତାର ବିଦ୍ୟା, ବୁଦ୍ଧି ।

ଏଇ ସେ ବିନୋଦ ।

ଖବରଛୁଟି । ନାମ ଧାମ ପ୍ରାପ୍ତି କିଛି ନଥାଏ ଗାଁ ଭୂଇଁରେ; ହାତଗୋଡ଼ ଜାକି ସଢ଼ିଏ ବସନ୍ତ । ସରଳ ଆମୋଦ ପ୍ରମୋଦ ଭିତରେ ବାଟଆଡ଼ୁଁ ତେଳର କଥା ଆସି ପଡ଼େ । ପରନିନ୍ଦା, ପରଚର୍ଚ୍ଚା । ସବୁ ହୁଏ ଗାଁରେ । ଅଳସୁଆ ଜୀବନ ।

ସେଇ ଖବର ଛୁଟି । ବିନବାବୁ ଗାଁକୁ ଆସିଛନ୍ତି । ବଡ଼ଲୋକର ବଡ଼ ପୁଅ, ବଡ଼ ପାଠ ପଢ଼ନ୍ତି । ବଡ଼ କଲେଜ । ବଡ଼ ସହର । ସବୁ ଯେମିତି ବଡ଼ ତାଙ୍କପାଇଁ । କେତେ ପାଠ ସତେ ! ବି. ଏ. ! କ'ଣ ସେ ? କେଜାଣି । ସେଇ ପାଠ ସେ ପଢ଼ନ୍ତି । ଏଡ଼େଟି ଦିନରୁ ଏଡ଼ୁଟେ ହେଲେଣି ସହରରେ ରହି ରହି ।

ସେଇ ବଡ଼ ସହର । ସେଇଠି ସେ ଥା'ନ୍ତି । ସେ ସହର ଆଜିକାଲି କୁଆଡ଼େ ନଗର ହେଲାଣି । ମନେ ପଡ଼େ ପିଲାଦିନ କର୍ଣ୍ଣବୋଧ । କୁଆଡ଼େ ଗଲେ ସେ ଅବଧାନେ ସତେ ! ଆଉ ଆସିବେନି । କାହିଁ କେଉଁ ଦୂର ମୂଲକ ଝଙ୍କଡ଼ । ମା'ଶାରଳାଙ୍କ ପୀଠ । ସେଠି ଯେ ଜନ୍ମ, ହୁଏ ସେ କବି, ପଣ୍ଡିତ ହୁଏ । ସିଦ୍ଧେଶ୍ୱର ପରିଡ଼ା । ଶୂଦ୍ର କୁଳରେ ଜନ୍ମ । ସେ ପୁଣି ହେଲେ ସିଦ୍ଧ ମୁନି, ଶାରଳା ଦାସ । କବି, ମହାଭାରତ ଗାଇଲେ । ତାଙ୍କ ଘର ସେଇଠି ଥିଲା । ସବୁ ହୁଏ ସେଠି । ସେଇ ଗାଁର ଅବଧାନ । ଆଉ ମନେ ପଡ଼ୁନାହାନ୍ତି । ଖାଲି ମନେ ପଡ଼ୁ ଯାଉଛି ତାଙ୍କ ପାଠ । 'କଟକ ନଗର, ଧବଳ ଟଗର ।'

ସେଇ ସେ କଟକ ନଗର । ବିନ ବାବୁ ସେଇଠି ପଢ଼ନ୍ତି । ବଡ଼ ନଗରର ବଡ଼ ପାଠ । କେତେ ପାଠ ସେ ପଢ଼ିଲେଣି ସତେ ! ତାଙ୍କ ମଥାରେ ଏତେ ପାଠ ଧରେଟି !

ହେଙ୍ଗୁପତି । ଓଡ଼ିଶା ମୂଲକ ଭିତରେ ଗାଁଟାଏ । ଏ ଗାଁରେ କାହିଁ କେତେ ପୁରୁଷ ଆସିଲେଣି, ଗଲେଣି । କେହି ଏତେ ପାଠ ପଢ଼ିନାହାନ୍ତି । ପଢ଼ିନାହାନ୍ତି ନୁହେଁ, ପଢ଼ିବାର କଳ୍ପନା ବି କରିନାହାନ୍ତି ।

ବିନ ବାବୁ । ସେଇ ଏକା ପଢ଼ିଲେ ।

ଗାଁ ଜମିଦାରଙ୍କ ପୁଅ । ଜମିଦାରୀ ଉଠି ଗଲାଣି । ସେ ଏବେ ପୁରୁଣା କଥା । ମାନ୍ କିନ୍ତୁ ଯାଇନି । ସେ ଘର ପ୍ରତି ସମ୍ମାନ ତୁଟିନି । ସମ୍ଭ୍ରମ ତୁଟିନି । ବଢ଼ିଛି ।

ଏ ଅଞ୍ଚଳର ସଭ୍ୟତା, ଶିକ୍ଷା ସବୁର କେନ୍ଦ୍ର ସେଇ ଘରଟି । ରୋଗ ହେଲେ ଡାକ୍ତର ଡାକବାକୁ ସେଇ ଘରର ପରାମର୍ଶ ଲୋଡ଼ା । ବାହାଘର ହେଲେ, ହାଟ ବଜାର ପାଇଁ ସେଇ ଘରୁ ମସୁଧା ଆସେ । ଗ୍ରାମସଭାର ସରପଞ୍ଚ ହୁଅନ୍ତି ସେଇ ଘରର ଲୋକେ ସବୁ ସେ ।

କଂଗ୍ରେସ ସରକାର । ସ୍ୱଦେଶୀ ସରକାର । ସେଇ ସରକାର ଘରେ କହି, ଗାଁରେ ନୂଆ ଡାକ୍ତରଖାନା ଖୋଲିଛନ୍ତି । ପୁଣି ସଡ଼କ ଆଣିବେ କହୁଛନ୍ତି । ସେଇ ବନ ବାବୁ ।

ସେ ଗାଁକୁ ଆସିଚନ୍ତି ।

ଯେ ନାହିଁ ସେ ଆସି ଦେଖି ଯାଉଚି । ସାନ, ସାନ ମୁଣ୍ଡିଆ ମାରୁଛନ୍ତି । ବଡ଼, ବଡ଼ ଆସି କଲ୍ୟାଣ କରୁଛନ୍ତି ।

ଏ ଅରାଜ୍ୟରେ ମୁଖ ସେଇ ଏକା ଉଜ୍ଜ୍ୱଳ କରିବେ । ସେ ବି ମିଶି ଯାଇଛନ୍ତି ବେଶ୍ ଏ ଗାଁରେ । ଜମିଦାର ସେ ନ ଥିଲେ, ଥିଲେ ତାଙ୍କ ବାପା, ଦାଦା, ଭାଇ । ଜମିଦାରୀ ଥିଲାବେଳେ ସେ ତାର ଗୁରୁତ୍ୱ ଯେମିତି ବୁଝି ନ ଥିଲେ, ଗଲାରୁ ଲଘୁତ୍ୱ ବି ଅନୁଭବ କରି ନାହାନ୍ତି ସେମିତି ।

ଗାଁର ମଙ୍ଗଳ ହେଲେ ତାଙ୍କର ମଙ୍ଗଳ । ସେ କହନ୍ତି, ଗାଁ ପାଇଁ ସେ, ତାଙ୍କ ପାଇଁ ଗାଁ ନୁହେଁ । କେଡ଼େ ବଡ଼ କଥା ସତେ !

ସେଇ ବନ ବାବୁ ଆସିଛନ୍ତି । ଶୃଙ୍ଖଳା ସୃଷ୍ଟି ହବା ସ୍ୱାଭାବିକ ।

ଏତିକି ଭିତରେ କାନ୍ଦୁ ଚହଲ ପଡ଼ିଗଲା । ସବୁ ଆନନ୍ଦ ଧୂଆଁ ଲାଆ ଧରିଗଲା । ବନ ବାବୁଙ୍କ ବୋଉ କାନ୍ଦୁଛନ୍ତି ।

ତାଙ୍କ ବୋଉ । ସାକ୍ଷାତ ଲକ୍ଷ୍ମୀ । ଏ ଖଣ୍ଡିକ ଭିତରେ ବସ ମା' ଅନ୍ନପୂର୍ଣ୍ଣା । ତାଙ୍କର ସୁକୃତିରୁ ଏ ବଂଶର ବଢ଼ନ୍ତି ବୋଲି ସବୁ କହନ୍ତି । ସବୁବେଳେ ହସ । କେତେବେଳେ କେହି ଦେଖିଲେ ସେ ମୁହଁରୁ ହସର ଛୁଟଣ ନ ଥାଏ । ସେ ଏବେ କାନ୍ଦୁଛନ୍ତି କାହିଁକି ?

କାରଣ ଖୋଜା ଲାଗିଲା । ଜଣେ କେତେ ପ୍ରକାର କହିଲେ ।

ଅସଲ କଥା କହିଲା କମଳା ଗେହ୍ଲେଇ ବୋଉ । ତାଙ୍କ ଘରବାସି । ମା' କାହିଁକି କାନ୍ଦୁଛନ୍ତି କି, ସାନବାବୁ ଆମର ଶୁଖି ଯାଇଛନ୍ତି ବୋଲି ।

କଥାଟା ଶୁଣି ଅଧିକେ ସମସ୍ତଙ୍କ ମନକୁ ପାଇଲା । କଥା କିନ୍ତୁ ସେତିକରେ ସରିଲାନି । ତାର କାରଣ ପୁଣି ଖୋଜାଗଲା ।

ଏ ଗାଁର ରୀତି । କେହି କୌଣସି କଥାକୁ ବିନା କାରଣରେ ଛାଡ଼ନ୍ତିନ । ସତ, ମିଛ, ସମ୍ଭବ, ଅସମ୍ଭବ ନାନାଦି କାରଣ ଯୋଡ଼ି ଦିଆଯାଏ ଗୋଟିଏ କାର୍ଯ୍ୟ ପଛରେ ।

ଧୋଇ ସାଆନ୍ତ । କେତେ କାଳର ପୁରୁଣା ସେ । ତା ଅମଳର ଘରଗଛ ଏବେ ନାହିଁ ବୋଲି ଶୁଣାଯାଏ । ସେ କଥାଟାକୁ ସହଜରେ ଛିଣ୍ଡାଇ ଦେଲେ । "ପାଠ ଚପଟ, ସେ ଆଉ କିଛି ନୁହେଁ । ବନ ସେଇପାଇଁ ଶୁଖି ଯାଉଚ । ପୁଣି ମାସଟାଏ ଗାଁରେ ରହିଲେ ଫେର ପଡ଼ିବନି ଯେ...... ।"

ବିଶ୍ୱାସକୁ ଆସିଯାଇଥିଲା । ସମସ୍ତେ ବିଶ୍ୱାସ କରିଯାଇଥାନ୍ତେ । କିନ୍ତୁ ଏଇ ସମୟରେ କଥାରେ ଯୋଗ ଦେଲା ଆସି ରସିକ ଦୁବାଇ । ଦୁନିଆରେ କଥା ନ ଥିବା ସମ୍ଭବ । କିନ୍ତୁ ତାକୁ ମାଲୁମ ନ ଥିବା

କଥା ଅଛି, ଏ କଥା ଅନ୍ୟ ପକ୍ଷେ ଯାହାହେଉ, ସେ କିନ୍ତୁ ବିଶ୍ୱାସ କରିବାକୁ ରାଜି ନୁହେଁ । ତାକୁ କ ଡରେ-ଏମିତି ବି' ଦଶମାସିଆ ଛୁଆ କେହି ନାହାଁ ଏ ଗାଁରେ । ସ୍ୱାମୀ, ପୁଅ, ସମ୍ପତ୍ତି ସବୁ ସେ ହରେଇ ସାରିଛି, ଖାଲି ମୁହଁ ଖଣ୍ଡିକ ଛାଡ଼ି । ସେତିକି ଅଛି ତା'ର ସମ୍ବଳ । ଶାଣଦିଆ ।

ସେ ନାନା 'ଯୁକ୍ତି ଦେଖାଇ ପ୍ରମାଣ କଲା—"ଦିନ ତା' କଲେଜ ମାଷ୍ଟରର ଭଉଣୀ ସୁମନ୍ତାକୁ ଭଲ ପାଉଥିଲା, ସାହେବ ପାଠରେ ତାକୁ 'ଲଭ୍'କହନ୍ତି । ତା'ର ସାଙ୍ଗରେ ସିନାମା ଦେଖେ । ନଈକୂଳେ ହାତ ଧରାଧରି ହୋଇ ବୁଲନ୍ତି । ହସ ଥଟ୍ଟା, ନାଚ, ଗୀତ କେତେ । ସେହି ସହରୀ ଡାହାଣୀ ତାକୁ ଶୋଷି ନେଇଛି । ଏ ଟୋକାଟା ତା' ପାଇଁ ପାଗଳ ପରି ! ସେଇଥିପାଇଁ ସେ ଶୁଖି ଯାଇଛି ।"

ଗଲା, ଚନ୍ଦ୍ରମାରେ କଳଙ୍କ ଲାଗିବାକୁ ବେଶୀ ବେଳ ଲାଗିଲା ନାହିଁ । ଏତେ ବଡ଼ ଦିନ ଟିକେ କଥାରେ ଏତେ ଟିକେ ହୋଇଗଲା । ଗଲା......

ଏ କଥା ବି ସମସ୍ତଙ୍କ ମନକୁ ପାଇଗଲା । ଅସମ୍ଭବ ବି କିଛି ନାହିଁ । କିନ୍ତୁ ପୁଣି ଆସିଲା ଦକ୍ଷିଆ, ଆଉ ଏକ କଥା ତା' ମୁହଁରୁ; ପୁଣି ଆସିଲା ବାଙ୍କ—ତା ମୁହଁରୁ ଅନ୍ୟ କଥା, ଇମିତି କେତେ ।

ବିନୋଦ କାନରେ ସବୁ ବାଜେ । ସେ ଖାଲି ହସେ ଟିକେ । କାଳି ମୁହଁକୁ ଧଳା ଧଳା ଢ଼'ପାଟି ଦାନ୍ତ ବେଶ୍ ମାନେ ।

କଥା କିନ୍ତୁ ଛାଡ଼ିଲା ନା ।

ନାନାଦି କାରଣେ, ଅକାରଣ ଆଣି ଯୋଡ଼ାଗଲା । କେଉଁ ଲାଗିଲା ତ କେଉଁ ଲାଗିଲାନି । ଯେ'ବା ଲାଗିଲା, ଅନ୍ୟ କଥାରେ ସେ ତ କଟିଗଲା ।

ଛୋଟ ଗାଁ, କାର୍ଯ୍ୟ ନାହିଁ । କାରଣ ନାହିଁ । ଘଟଣା ସୃଷ୍ଟି ହୁଏନା ଏଠି । ତେଣୁ ଏତେ ଟିକେ ଘଟଣା ପାଇଲେ ତା'କୁ ରୂପ ରଙ୍ଗ ଦେଇ ବଢାଇ, କିମ୍ଭୂତ କିମାକାର କରି ଦିଆଯାଏ । ଏଇ ଜୀବନ ।

ଶେଷରେ କଥା ଛୁଟିଲା ଦୁଃଖିଆଠି, ବାବୁଘର ଚାକର । ସେଇ ଏକା କଟକ ଯାଏ । ଚାଉଳ, ଜଳଖିଆ, ଟଙ୍କା ଖବର-ଖବର ସବୁ ନେଇ ତା'ର ଏକୁଟିଆ ଗତାଗତ କଟକକୁ । ତାକୁ ସତ କଥା ମାଲୁମ୍ ଥାଇପାରେ ।

କାରଣ ତା' ପାଖରେ ବି ଅଭାବ ନାହିଁ । ସେ ବି ଯୋଡ଼ିଦେଲା । "ପଠାଣ ରନ୍ଧିଦିଏ । ବାବୁ ତା' ହାତରୁ ଖାଆନ୍ତି ।" ଗଲା । କଥା ଛୁଟିଗଲା । ହରିଜନ ଅଛୁଆଁ ହେଲେ ବି ସେଇ ହିନ୍ଦୁ । ଜାତିଭେଦ ନ ରହିଲା—ତା ହାତରୁ ଖାଇଲ, ଛୁଇଁଲ—ସେ କଥା ଆଗ•••ପଠାଣ, ଯବନ, ବିଜାତି—ତା ହାତରୁ ଜଳସ୍ପର୍ଶ ନାସ୍ତି । ତା' ହାତରୁ ଖାଇଲେ, ଜାତି ଗଲା । ଧର୍ମ ସରିଗଲା ।

ବୋଉ ଶୁଣିଲେ, ବିଶ୍ୱାସ କଲେ ।

ସରଳ ଧର୍ମ ବିଶ୍ୱାସ ନେଇ, ସେ ଜଳସୁବର୍ଣ୍ଣ ପ୍ରାୟଶ୍ଚିତ୍ତ କଲେ । ବିନୋଦ ଅନିଚ୍ଛାରେ ସବୁ କରିଗଲା, ବୋଉକୁ ସନ୍ତୁଷ୍ଟ କରିବା ପାଇଁ ।

ବାପା ତା'ର ନାହାନ୍ତି । ଅଛନ୍ତି ଦାଦା । ସେ କାଳ, ସେ ଯୁଗର ସଙ୍କେତ ଏକା ସେଇ । ଅସୁସ୍ଥ କରିଚନ୍ତି । ଅତ୍ୟାଚାର କରିଛନ୍ତି । ଶହ, ଶହ ପ୍ରଜା ତାଙ୍କ ମୁହଁକୁ ଅନାଇ ରହିଚନ୍ତି । ଭଣ୍ଡାରୀ ଖଟିଛି । ସାଆନ୍ତଆ ସଭ୍ୟତାର ସବୁ ବିଭବ ସେ ଅନୁଭବ କରିଛନ୍ତି ।

କେତେ ଅଛୁଆଁ ବାଉରି ପ୍ରଜା ଖଣ୍ଡେ ଦୂରରୁ ହାତ ଯୋଡ଼ିଚନ୍ତି । ଗଣ୍ଡା ଗଣ୍ଡା ପଠାଣ ପିଆଦା ଅଲଗା ଘରେ ରହି ପହରର ପିଠେ ପଟେ ଭାତ ଖାଇଚନ୍ତି । ଚିତା ଚଇତନ କାଟି ସବୁ ସେ ଦେଖିଚନ୍ତି । ଥରେ ପଠାଣର ଅଇଁଠା ପତର ମାଡ଼ିଥିବା ଯୋଗୁଁ ଘରର ଖଣ୍ଡାଏତ ଚାକରକୁ ପ୍ରାୟଶ୍ଚିତ୍ତ କରାଇ ଘରକୁ ନେଇଚନ୍ତି । ଏକ ଷଷ୍ଠି ବର୍ଷ ସାଆନ୍ତଆ ପରିବାରର ସେଇ ଏକା ମୂଳ ସାକ୍ଷୀ ।

ସେ ନୀରବ ।

ଜମିଦାରୀ ଗଲା । ଜମିଦାରୀ ଥାଉଁ ଥାଉଁ ଶାସନ ଯାଇଥିଲା । ବେଠି ଯାଇଥିଲା । ଭେଟି ଯାଇଥିଲା । ମଣ୍ଡା ଜମିଦାରୀ ଖଣ୍ଡି ବି ଗଲା । ଛୁଆଁ-ଅଛୁଆଁ ବାରଣ ଉଠି ଯାଇଥିଲା, ସେ ଦେଖିଥିଲେ ।

କିନ୍ତୁ ପଠାଣ, ଅଧର୍ମୀ, ଅଜାତି, ଯବନ, ତା ହାତରୁ ଖାଇଲା ପୁଣି ବଂଶ—ଏ କୁଳର ଦୀପ !

ସବୁ ସେ ଦେଖୁଚନ୍ତି । ଶୁଣୁଚନ୍ତି । କିନ୍ତୁ ନୀରବ ।

ରାମାନନ୍ଦୀ ଚିତା କପାଳରେ ଏବେ ବି ଦାଉ ଦାଉ ଜଳୁଚି । ପ୍ରତିଦିନ ସ୍ନାନ ପରେ ଦୁଇଘଣ୍ଟାରୁ ଅଧିକା କୋଥଳୀ

ପାଖେ କହୁଛି । ଶୁଦ୍ଧ, ଅଶୁଦ୍ଧ ଶ୍ଳୋକ ଏବେ ବି ଆଉଡ଼ାଉଛନ୍ତି ସେ । କିନ୍ତୁ ସୁଅକୁ ସେ ରୁନ୍ଧି ରହୁଛନ୍ତି । ରୁନ୍ଧି ରହିଛନ୍ତି ଠିକ୍ ସୁଅ ମୁହଁର ଏକ ବାଲିବନ୍ଧ ପରି ।

ସୁଅ ବଢ଼ିଗଲାଣି । ଭାସି ଗଲାଣି ତା' ସଙ୍ଗେ କେତେ କଥା କାହିଁ କେତେ ଦୂରକୁ ।

ବାଲିବନ୍ଧର ନୀରବ ନିଷ୍ଫଳ ପ୍ରୟାସ, ସୁଅକୁ ଅଟକାଇବା ପାଇଁ···କିନ୍ତୁ ସୁଅ ଚାଲିଛି । ରୋକି ହେଉନି ।

ଠିକ୍ ସେଇପରି ଭିତରେ ବି ଏକ ନିଷ୍ଫଳ ପ୍ରୟାସ ନେଇ, ସେ ରୁନ୍ଧି ବସିଛନ୍ତି । ସବୁ ବଦଳି ଯାଉଛି । ସବୁ ଓଲଟ ପାଲଟ, ଏ ପାଖ ସେପାଖ । ସେ ସବୁରେ ଅବା ମୂକ ସାକ୍ଷୀ । ଦେଖୁଛନ୍ତି, କିନ୍ତୁ କିଛି କରି ପାରୁ ନାହାନ୍ତି । ଖାଲି ରୁନ୍ଧି ରହିଛନ୍ତି ।

ନା — ରୁନ୍ଧିବାର ଶକ୍ତି ବି କମି ଆସିଲାଣି । ଦୁଇଟି ଚକ୍ଷୁ-ତାରକା ଖାଲି ଜଳୁଛି ଦପ ଦପ ହୋଇ । ନିଭି ଯାଉଛି । ଜଳି ଉଠୁଛି । ସକାଳର ଶେଷ ଛାପରେ ନିଭିଯିବ, ନିଶ୍ଚିହ୍ନ ହୋଇଯିବ । ଜଳି କିଛି ଲାଭ ହେଉନି । ନିଭି କିଛି କ୍ଷତି ବି ହେବନି । ଜଳିବାହିଁ ସାର ହେବ ଖାଲି । ଧୂଆଁ ଚାଲିଛି । ଚାଲିବ, ଉଠାପଡ଼ା ଗଡ଼ାଣି ଉଠାଣି ଦେଇ ।

ସେ କିନ୍ତୁ ରୁନ୍ଧି ଚାଲିଛନ୍ତି, ସେଇ ମୁମୂର୍ଷୁ ଚକ୍ଷୁ ତାରକା ନେଇ ।

ବିନୋଦକୁ ବଡ଼ ଅସହ୍ୟ ବୋଧ ହେଲା ଏ । ଦାଦା ମାଇବ କାହିଁକି ? ସେ ଭଲ ଗାଳି ଦଅନ୍ତେ !

ହଁ, ସେ ଗାଳିର ବାଲିବନ୍ଧ ଏ ବଦଳା ସୁଅକୁ ରୋକି ପାରିବନି । ମହାଦେବ ପରି ଜଟାଜାଲରେ ସେ ଗଙ୍ଗାକୁ ଧରିଥିବେ ।

ଜଙ୍ଗା ଜନ୍ମ ଯାଇ କେତେ ଦୂରେ ! ବୁଲି ବୁଲି କେତେ ଗାଁ, ଗ୍ରାମ ଭସାଇ ସେ ବନ୍ଧୁ ବୁଲିଛି । ଜଟାଜାଲରେ ସେ ଶୋକ ହେଉନ । ଶୋକ ହେବନ ।

ସୁନଆଁ ବେଶ୍ୟା । ସାହା, ସାହାର ସ୍ୱୀନ ସୁନଆଁ ଦେଶ ! ତାଙ୍କୁ ବିଦ୍ରୁପ କରୁଛି । ସେ ଦେଖୁଛନ୍ତି ଏକ ନ ଦେଖିବାର ବିଫଳ ପ୍ରୟାସ ନେଇ ।

ଛୁଟି ଫୁଲେଇ ବାଜସ୍ୱ ଚୌକା ଫିରେଇ କାଁଟି ଉଆସ ଦାଣ୍ଡରେ ଯାଉଛନ୍ତି । ସେ ଚନ୍ଦ୍ରୁଧୀପ ନଭ ଯାଉଛି ଅବା ସତେ ତାଙ୍କୁ ଦେଖି ଦେଖି ।

ସେ ଦେଖୁଛନ୍ତି, ଯବନ, ପଠାଣ ହାତରୁ ତାଙ୍କ ବନ ଖାଉଛି । ସେ ସୂର୍ଯ୍ୟଚନ୍ଦ୍ର । ସୁଅ ବୁଲିଛି । ସେ ଏକ ବଦଳା ସୁଅ ।

ଆଁଖି ଆଗରେ ହାତଗଢ଼ା ମହମର ପ୍ରାସାଦ ତାଙ୍କର ତରଳି ମିଳେଇ ଯାଉଛି । ସେ କଛୁ କରି ପାରୁ ନାହାନ୍ତି !

ବଡ଼ଲୋକୀ, ଆଭିଜାତ୍ୟ, ଜାତିର ପବିତ୍ରତା ସବୁ ଯେମିତି ଏକ ପ୍ରବଳ ସୁଅରେ ଭାସି ଯାଉଛି ।

ସେ ସୂର୍ଯ୍ୟଁଚନ୍ଦ୍ର—

ଆଜ ସୂର୍ଯ୍ୟଁଚନ୍ଦ୍ର……

—ଃ୦ଃ—

# ସଂସାରେୟମ୍.....

ଏହା ସତ୍ୟ କି କପୋଳକଳ୍ପିତ, ତାହା ମୁଁ କହି ପାରିବିନି । ଏ ଗଳ୍ପଟି ଠିକ୍ ଯେମିତି ଶୁଣିଥିଲି, ସେମିତି ମୁଁ କହିଯିବି । ତେଣିକି ଆପଣ ତାକୁ କାହାଣୀ କହିବେ କି ସତ କଥା କହିବେ, କହନ୍ତୁ । ଆଜିର ଏଇ ଚା' ଆସରରେ ଠିକ୍ ବରଷକ ତଳେ ଏଇଠି ଶୁଣିଥିବା ଏ ଗପଟି ମୁଁ କହୁଚି, ଶୁଣନ୍ତୁ । ବୈଠକଖାନାରେ ଚା' ଅପେକ୍ଷାରେ ବସିଥିବା ବନ୍ଧୁମାନଙ୍କୁ ଆମୋଦ ଦେବାପାଇଁ କହୁଥିଲେ କଣ୍ଟ୍ରାକ୍ଟର ମଧୁସୂଦନ ମହାନ୍ତି—

ଆପଣମାନେ ଜାଣନ୍ତି, ଆମ ଶ୍ରୀମତୀଙ୍କର ଚା' ଉପରେ କେଡ଼େ ଘୃଣା ! ଦଶଟା ଟଙ୍କା ସେ ଫୋପାଡ଼ି ଦେବେ ପଛେ, ଦଶ ପଇସାର ଚା ସେ କିଣିବେନି । ବାପି ବୋଉ, ମୋର ସବୁକଥା ରଖିଛନ୍ତି । ଏମିତି କି ବାପିର ଜନମ ହେବାର କଷ୍ଟ ବି ସେ ମୋ ପାଇଁ କରଣ କରିଚନ୍ତି, କିନ୍ତୁ ଏଇ ଚା' ପିଇବା କଥାଟିକୁ ବାଦ ଦେଇ । ମୁଁ ବି ଚା ଛାଡ଼ିବାବାଲା ନୁହେଁ—ଜଙ୍ଗଳ ଗଳି, ଜଙ୍ଗଳ ମୁଣ୍ଡ—

ଝିନ୍ତା, ଶେଷକୁ କିଛି ନ ପାଇ, ଏଇ ଚମମାନଙ୍କୁ ସବୁ ନିମନ୍ତ୍ରଣ କରେଁ, ଚମ ବାହାନାରେ ଟିକେ ଗୃହା ଖାଇବାକୁ ।

ସେଦିନ ଠିକ୍ ଏମିତି ସ୍ୱାମୀଯୁ ଭ. ଢ଼. ଓ. ପ୍ରେମାନନ୍ଦ ଓ ଆଉ କେତେଜଣ ବନ୍ଧୁ ଥିଲେ । ସ୍ୱାଁଙ୍କୁ ଅପେକ୍ଷା କରି କରି ବିଳମ୍ବ ହେବାରୁ ସମସ୍ତେ ପ୍ରେମ ନନ୍ଦଙ୍କୁ ଅଡ଼ି ବସିଲେ ଗପଟିଏ କହିବାକୁ । ସେ ଯେମିତି କହିଥିଲ, ମୁଁ ଠିକ୍ ସେ କଥାଟି ସେଇମିତି କହି-ଯାଉଚ, ଶୁଣ——

"ଆଗରୁ ସିନା ଏଇ ଝିଅମାନେ ବେଶି ଦେଖିବାକୁ ମିଳୁ ନ ଥିଲେ ଯେ, କିଏ କେଉଁଠି ଗୋଟେ ଅଧେ ବାହାରିଲେ, ମାଛକୁ ବଗ ଅନେଇ ରହିଲ ପରି, ଲୋକେ ସବୁ ତାଙ୍କୁ ଗୃହିଁ ରହୁଥିଲେ । କିନ୍ତୁ ଏବେ ଏଇ ବ୍ଲକ୍ ସବୁ ଖୋଲିବା ଦିନୁ, ଗାଁ ଗାଁକେ ନାରୀ ଅପସର ହୁଏ ଗଲେଣି । ମୋ ବ୍ଲକ୍‌ରେ ସେଇମିତି ଦୁଇ ଜଣ ବହୁ-ଚର୍ଚ୍ଚିତ ନାରୀ ଥିଲେ । ଜଣେ ଲେଡ଼ି ଡାକ୍ତର ଚଞ୍ଚଳା ଦେବୀ ଓ ଆଉ ଜଣେ ସାମାଜିକ ଶିକ୍ଷା ସଂଗଠିକା ବାସନ୍ତୀ ଦେବୀ ।

ଏ ଦୁଇ ଜଣଙ୍କୁ ନେଇ, ବ୍ଲକ ଅଫିସ ଓ ବ୍ଲକର ପ୍ରାୟ ଅଧିକାଂଶ ଗାଁରେ ଏମିତି ଚର୍ଚ୍ଚା ହେଉଥିଲା, ଆଉ ଏମିତି ଦଳାଦଳି ହୋଇ ଯାଉଥିଲ ଯେ, ଉପରିସ୍ଥ କର୍ତ୍ତୃପକ୍ଷ ରିପୋର୍ଟ ଉପରେ ରିପୋର୍ଟ ପାଇ ଅତିଷ୍ଠ ହୋଇ ଯାଇଥିଲେ । ନାରୀ ଆଉ ନାରୀ-ମନସ୍ତତ୍ତ୍ୱ ଉପରେ ମୋର କୁଆଡ଼େ ଭାରି ଦଖଲ ବୋଲି ମୋର ଉପର ହାକିମ ମୋ ଗଳ୍ପରୁ ଜାଣି ପାରିଥିଲେ । ତେଣୁ ସେଇ ନାରୀଙ୍କୁ ନେଇ କାର୍ଯ୍ୟରେ ଅବହେଳା ଓ ଦଳାଦଳି ଲାଗିଥିବା ଏଇ ବ୍ଲକକୁ ମୋତେ ପଠେଇବା ସ୍ଥିର ହେଲ । ମୁଁ ଏଠାକୁ ଆସିବା ବେଳେ ଅତି ସନ୍ତର୍ପଣରେ ହିଁ ଆସିଥିଲି । ମନେ ମନେ ଭାବୁଥିଲି, ନାରୀଙ୍କୁ

ଦେବତା ବି କୁଆଡ଼େ ବୁଝିପାରି ନାହାନ୍ତି । ମୁଁ ତା କ ଛାର ! ମତେ କାହିଁକି ଏ ଅପ୍ରୀତିକର ପରିସ୍ଥିତିରେ ପକେଇଲ ପ୍ରଭୁ ! ତମେ କୁଆଡ଼େ ତାଙ୍କର ପାଇଁ ଖଣ୍ଡିଆ ହାତ ହେଇ ପଡ଼ିଛ । ମୁଁ ତା କେମିତି ସେମାନଙ୍କୁ ବୁଝିବି ? କିନ୍ତୁ ହୁକୁମକୁ ଅମାନ୍ୟ କରିବାର ବାଟ ନଥିଲା । ତା ଛଡ଼ା ଏଇ ପ୍ରଥମ ଚାକିରି—ଜୀବନରେ ଏପରି ଏକ ସୁନାମ ଗୁଣ୍ଡିବା ପାଇଁ ମୁଁ ବି ପ୍ରସ୍ତୁତ ନ ଥିଲି ।

ଆସିଲି । ପ୍ରଥମରୁ ବ୍ଲକ୍ ଅଫିସରେ ମତେ ଯିଏ ସ୍ୱାଗତ ସମ୍ଭାଷଣ ଜଣାଇବାକୁ ଆସିଲେ, ସେ ହେଉଛନ୍ତି ଲେଡ଼ି ଡାକ୍ତର ଚମ୍ପଳା—ଚନ୍ଦ୍ରପାତଳୀ ଝିଅ ଖଣ୍ଡେ । ବେଶ୍ ସୁନ୍ଦରୀ । କିନ୍ତୁ ଏତେ ନଗ୍ନ, ଏତେ ଅସଂଯତ ପୋଷାକ-ପରିହିତା ଭାରତୀୟ ଝିଅ ମୁଁ ଆଗରୁ ଦେଖି ନ ଥିଲି । ସେ ତେଣୁ ହଠାତ୍ ଆସି ନିଜର ପରିଚୟ ଦେଇ ମୋତେ ନମସ୍କାର ଦେଇ ଆରମ୍ଭ କଲେ, "ଯାହା ହେଉ ସାର୍; ଆପଣ ଆସିଗଲେ । ମଣିଷ ହେଲେ ବଞ୍ଚିବ ଟିକିଏ । ଏଠି ନାଁ ଅଛି ଜୀବନ ବା ଜୀବନକୁ ଉପଭୋଗ କରିବାର ବାସନା ! ଭାଗ୍ୟ ଥିଲେ ଆପଣଙ୍କ ପରି ଦରଦଭରା ଶିଳ୍ପୀ-ପ୍ରାଣ ବ୍ୟକ୍ତି ଅଧୀନରେ ଚାକିରି କରିବାର ସୁଯୋଗ ମିଳେ ।"

ବଡ଼ ସଂଯତ ହେଇ ଉତ୍ତର ଦେଲି, "ଦେଖନ୍ତୁ ଡାକ୍ତରଣୀ; ନିଜର କର୍ତ୍ତବ୍ୟ ଯଥାଯଥ ପାଳନ କରୁଥିଲେ ଓ ନିଜର ଜୀବନକୁ ଏକ ସଂଯତ ଉପାୟରେ ଉପଭୋଗ କରି ଜାଣିଥିଲେ, ଶିଳ୍ପୀ କା ଶିଳ୍ପପତି ଯାହା ଅଧୀନରେ ରହନ୍ତୁ, ସେଥିରେ କିଛି ନାହିଁ । ଆପଣ ଆସନ୍ତୁ ।"

ବଡ଼ କ୍ଷୁଣ୍ଣ ହେଲେ ବୋଧେ ଚମ୍ପଳା । ତାଙ୍କର ବୋଧେ ଧାରଣା ଥିଲା, ସବୁ ଲେଖକ, ବିଶେଷ କରି ଗାଳ୍ପିକଗୁଡ଼ାକ ଘର

ବିଜ୍ଞାନ ଓ ନାରୀ-ଘଟିତ ବ୍ୟାପାରରେ ଭାରି ଦୁର୍ବଳ । କିନ୍ତୁ ମୋର ଏହି ସଂକ୍ଷେପ ଉତ୍ତର ତାଙ୍କୁ ଆନନ୍ଦ ଦେଇ ପାରିଲାନି ବୋଲି ତାଙ୍କ ମୁଖମଣ୍ଡଳରୁ ନିରୀକ୍ଷଣ କଲି । କିନ୍ତୁ ନିରୁପାୟ ଭାବେ ତାଙ୍କୁ ବିଦାୟ ଦେବା ଛଡ଼ା ଅନ୍ୟ ବାଟ ନ ଥିଲା ।

ଡାକ୍ତର ଚାଲିଗଲା ପରେ, ମଣିଷ ଏତେ ଅସଂଯତ ଓ ନାରୀ ଏତେ ହଠାତ୍ ଆସି ଆତ୍ମୀୟତା ଜମାଇ କଥା କେମିତି କହିପାରେ ଭାବି ବିସ୍ମିତ ହେଉଥିଲି । ଆଉ ମନେ ମନେ ସେଇ ନାରୀଟିକୁ ବିଶ୍ଳେଷଣ କରିବାକୁ ଚେଷ୍ଟା କରୁଥିଲି । ମୋ ଭାବନାରେ ବ୍ୟାଘାତ ଜନ୍ମାଇ ପ୍ରବେଶ କଲେ ଅଫିସ୍‌ର ବଡ଼ବାବୁ ରାମହରି ଦାସ । ଏଣୁ ଆସିଲା ବେଳକୁ ଅତି ଅସୁନ୍ଦର ଭାବେ ଦାନ୍ତ ନିକୁଟାଇ ଆସିଥିଲେ । ଅଧା ନଇଁ ମୋତେ ନମସ୍କାରଟିଏ ଦେଇ ନିଜର ଝିଙ୍ଗିଟିଆ ଦେହଲି ଓ କାନ ପାଖେ ଏକଜମା ହୋଇଥିବା 'ରୋଗୀ ପରି ବାଁ ହାତକୁ କାନ ପାଖକୁ ନେଇ ଆରମ୍ଭ କଲେ--

"ସାର୍; ଶେଷରେ ଆପଣଙ୍କ ପରି ଦେବତା ସଦୃଶ ଲୋକଙ୍କୁ ଏଇ କଣ୍ଟା ଡାହାଣୀ ମୁହଁକୁ ପଠାଇଲେ !"

"କାହା କଥା କହୁଚନ୍ତି ?"

"ଏଇ ଆଜ୍ଞା ଆମ ଡାକ୍ତରଆଣୀ କଥା । ନାରୀ ତ ନୁହଁ ଆଜ୍ଞା, ରାକ୍ଷସୀ । ଆଜ୍ଞା, ୧୫ ବର୍ଷ କିରାଣୀଗିରି କରି କରି, ଅର୍ଡର ଆଉ ଡ୍ରାଫ୍‌ଟ ପଢ଼ିବା ଛଡ଼ା ମୁଁ ଆଉ କିଛି ପଢ଼ିନି । କିନ୍ତୁ ସେଥର ରାମେନ୍ଦ୍ରଙ୍କ ଫଳ ବାହାରିଲା ବେଳକୁ ଖଣ୍ଡେ 'ଜନତନ୍ତ୍ର' କାଗଜ ଆଜ୍ଞା କିଣିଥିଲି । ତା' ଭିତର ପାଖେ ଗୋଟିଏ ଲେଖା ତଳେ ଆପଣଙ୍କ ନାଁ ଛପା ହୋଇଥିଲା, ଦେଖିଥିଲି ଆଜ୍ଞା । ସେଇଥିରୁ ମୁଁ ଜାଣେ ଆପଣ ଜଣେ 'କବି' ।

"ଦେଖନ୍ତୁ, ମୁଁ କ୍ଷମା କରିବା ଲେଖିଲ କି ମୁଁ ଭଲ ନୁହେଁ । ଆପଣ, ଅଫିସ୍ ସମ୍ପର୍କରେ କିଛି କହିବାର ଥିଲେ କହନ୍ତୁ ।

"ଆହା-ହାଁ- ଆପଣଙ୍କ ପରି ଲୋକ କ'ଣ ଆଉ ନିଜ ମୁହଁରେ ନିଜଗୁଣ ଗାଆନ୍ତେ ! ଆହା-କେଡ଼େ ମହତ ଆଜ୍ଞା ଆପଣ ! ମାଷ୍ଟ୍ରାଧର ପଣ୍ଡିତେ 'ଜୀବନସନ୍ଧ୍ୟା' କବିତା ପଢ଼ାଇବା ବେଳେ କହୁଥିଲେ ଆଜ୍ଞା —ସବୁ କବି ମହତ—ଉଚ୍ଚ—ସରଳ-ପ୍ରାଣ । ଆପଣ ନହେଲେ କମିତି ଆଜ୍ଞା ! ସେଇ ଆପଣଙ୍କ ପରି ସରଳ ଲୋକଙ୍କୁ ଏ କଣ୍ଠା ଡାହାଣୀ ଶୋଷି ଦବ ଆଜ୍ଞା; ଆଗ ହାକିମ ଏଇ ଡାହାଣୀ ପାଇଁ ବଦନାମର ବୋଝ ନେଇ ଏଠୁ ବଦଳି ହେଲେ ନା ! କଣ୍ଠା ବୟସ ଆଜ୍ଞା ! କେତେ ସମ୍ଭାଳନ୍ତେ ! ଆପଣ ଦେଖିବେ, ଜାଣିବେ ଆଜ୍ଞା ସବୁ । ମୋର ଆଗରୁ ଟିକେ ଜଣାଇ ଦେବା କଥା ଆଜ୍ଞା—ଜଣେଇ ଦେଲି ।"

ମୋ ତରଫରୁ ତାଙ୍କ କଥା ଶୁଣିବାର କୌଣସି ଉତ୍ସୁକତା ଥିବାର ନ ଦେଖି ସେ ବିଦାୟ ନେଲେ !

ସେ ଗଲା ପରେ, ସେ କେତୋଟି 'ଆଜ୍ଞା' କହିଥିଲେ, ତାର ହିସାବ କରୁଥିଲି ଓ ତାଙ୍କର ଏଇ ପ୍ରୌଢ଼ ବୟସରେ, ଗୋଟିଏ ଯୁବତୀ ବିରୁଦ୍ଧରେ ଏପରି ଅଭିଯୋଗରେ କିଛି ସତ୍ୟତା ଥାଇପାରେ ବୋଲି ଭାବୁଥିଲି । ନଚେତ୍ ସେ ବା କାହିଁକି ଏମିତି କହନ୍ତେ ! ତାଙ୍କର ଏ ବୟସରେ ଚଞ୍ଚଳା ପ୍ରତି ଯୌନଲାଳସା ଥିବା ସମ୍ଭବ ନୁହେଁ; ଯେଉଁଥିରୁ ହୁଏତ ସେ ବଞ୍ଚିତ ହୋଇ ଏପରି ଏପରି ଅଭିଯୋଗ କରନ୍ତେ !

ଭାବୁଥିଲି । ଭିକନାକୁ ପୁଣି ବ୍ୟାକୁଳ କଲେ, ଲୁକର ଲୁଚି ଅଫିସର । ତରୁଣ, ସୁଶ୍ରୀ, ନାଡୁଖୋପା କେଶବିନ୍ୟାସ । ଜଜର

ପରିଚୟ ଦେଇ, ନମସ୍କାର ହୋଇ ଛୁଡ଼ା ହେଲେ ସେ । ଉଦ୍ଗ୍ରୀବ ଖାତିର୍‌ରେ ତାଙ୍କୁ ପଚାରିଲି, "ଆଉ ଖବର କ'ଣ ? କେମିତି କାମ ଚାଲିଛି ବ୍ଲକର ?

ବାସ୍—ସୁଯୋଗ ମିଳିଗଲା ତାଙ୍କୁ । ତାଙ୍କର କଥାର ସୁଅ ଛୁଟି ଚାଲିଲା—"କାମ ଆଜ୍ଞା ଚାଲିଚି ସେମିତି । କିନ୍ତୁ ଏଇ ଚଞ୍ଚଳା ଆଜ୍ଞା—ଆମ ଲେଡ଼ି ଡାକ୍ତର—ତାଙ୍କ ପାଇଁ ଆମେ ଆଉ ଗାଁଗଣ୍ଡାକୁ ବାହାରି ପାରୁନୁଁ । ଗାଁ ଗଣ୍ଡାର ଯାବତ୍ ଟୋକାଙ୍କ ସାଙ୍ଗରେ ତାର ଆଡ଼ା । ଯିଏ ନାହିଁ ସିଏ କେତେ ବୋଲି କେତେ କଥା କହୁଚନ୍ତି ।"

ଆଉ ତାଙ୍କ କଥା ଶୁଣିବାର ଧୈର୍ଯ୍ୟ ନଥିଲା । ଭିତରର ବିରକ୍ତିକୁ ପ୍ରକାଶ ନ କରି କହିଲି, "ଆଚ୍ଛା, ଆପଣ ଆସନ୍ତୁ, ପରେ ସେ କଥା ବୁଝିବା ।"

ତାପରେ, ଗୋଟି ଗୋଟି ହୋଇ ସବୁ କର୍ମଚାରୀ ଆସି ମତେ ଦେଖା କରିଗଲେ । ତା' ଭିତରୁ ଯେଉଁ କେତେଜଣଙ୍କୁ ମୁଁ କଥା କହିବାର ସୁଯୋଗ ଦେଲି, ସମସ୍ତେ ଆସି ସେଇ ଡାକ୍ତର ବିରୁଦ୍ଧରେ ମତେ କହିଲେ । ଅତି ନଗ୍ନ କଥା । କେଉଁ ଦିନ କେଉଁ ନଈ କୂଳେ କେଉଁ ଟୋକା ସଙ୍ଗେ ଶୋଇବାଠାରୁ ଆରମ୍ଭ କରି, ଆହୁରି କେତେ କ'ଣ···ଭାରି ବିରକ୍ତ ଲାଗିଲା । ଏଠି ଆଉ କ'ଣକିଛି କଥା ନାହିଁ ନା ଆଉ କେହି ଲୋକ ନାହାନ୍ତି ! ଖାଲି ସେଇ ଚଞ୍ଚଳା ଆଉ ଯାବତ୍ ବାଜେ କଥା ! !

କିନ୍ତୁ ମତେ ଚକିତ କରି ଦେଲେ ବ୍ଲକର ସମାଜିକ ଶିକ୍ଷା ସଂଗଠକ ଶ୍ରୀ ସ୍ୱାଇଁ । ତାଙ୍କ ସହ ଘଣ୍ଟାଏ ଧରି କଥା ହେଲି । ବହୁ କଥା ସେ କହିଲେ । ଡାକ୍ତରଖାନା କଥା ବି ବହୁ ଥର ଆସିଲା ।

କିନ୍ତୁ ଚଞ୍ଚଳା ବିପକ୍ଷରେ ବା ସପକ୍ଷରେ ପଦେ ସେ କହିବାର କିଛି ଶୁଣିଲିନି ।

ସମସ୍ତେ ଗୋଟି ଗୋଟି କରି ଆସି ଦେଖା କରିଗଲେ, କେବଳ ବାସନ୍ତୀ ଦେବୀଙ୍କୁ ଛାଡ଼ି ।

ସମସ୍ତେ ଗଲା ପରେ, ମୁଁ ମନେ ମନେ ସବୁ କଥାକୁ ବସି ତଉଲୁଥିଲି । ଚଞ୍ଚଳାର ଚରିତ୍ର, ତା'ର ବିରୁଦ୍ଧରେ ସମସ୍ତ କଥା ଓ କାହାଣୀ; ସ୍ୱାଇଁ ବାବୁ ଓ ଶେଷରେ ବାସନ୍ତୀ ଦେବୀ—

ହୋଇପାରେ ଚଞ୍ଚଳା ନଷ୍ଟ-ଚରିତ୍ରା ! ନହେଲେ, ଏତେ ଲୋକ ତା' ବିରୁଦ୍ଧରେ କହନ୍ତେ କାହିଁକି ? ବା ଇମିତି ହୋଇପାରେ, ନିଜ ନିଜର ପରିସର ମଧ୍ୟରେ ସମସ୍ତେ ତାର ସଙ୍ଗ, ପ୍ରେମ, ପ୍ରଣୟ ପାଇବାକୁ ଚେଷ୍ଟା କରିଛନ୍ତି । ସେଥିରୁ ବୋଧେ ବଞ୍ଚିତ ହୋଇ ତାଙ୍କର ଏ ଅଭିଯାନ ! ଆଉ ସ୍ୱାଇଁବାବୁ ? ସେଇ କ'ଣ ଏକମାତ୍ର ଏଠାରେ ଭାଗ୍ୟବାନ ଯେ, ଏଇ ବହୁକଥିତା ନାରୀଟିର ସଙ୍ଗ ସେ ଏକୁଟିଆ ପାଇଛନ୍ତି ! କିନ୍ତୁ ସ୍ୱାଇଁ ବାବୁଙ୍କୁ ଦେଖି ତାଙ୍କର ଚରିତ୍ର ଉପରେ ମୋର ଆଦୌ ଅବିଶ୍ୱାସ ହେଲା ନାହିଁ । ବରଂ, କଥନ-ଭଙ୍ଗୀ, ବେଶ-ବିନ୍ୟାସ, ରୂପଛଟା— ଏ ସବୁଥିରୁ ଚଞ୍ଚଳା ଯେ ଏକାବେଳକେ ନଷ୍ଟ-ଚରିତ୍ରା; ଏ କଥା ଯେ କେହି ଲୋକର ଧାରଣା ହେବ । ମୋର ମଧ୍ୟ ତାହାହିଁ ହେଲା । ଆଉ ସତରେ ଯଦି ଚଞ୍ଚଳା ସେଇଆ, ତେବେ ଅଫିସର ବହୁ ଲୋକଙ୍କୁ ସେ ବଞ୍ଚିତ କରି ତା'ର ଶତ୍ରୁ ସୃଷ୍ଟି କରନ୍ତା କାହିଁ ? ତା'ଛଡ଼ା ତାର ସେଇ ଯୌବନସୁଧାକୁ ସେ ନିଜର ଘର ମଧ୍ୟରେ ନିର୍ବାପିତ ନ କରି ବାହାରର ସାହାଯ୍ୟ ନିଅନ୍ତା କାହିଁକି ?

ମୋର ଏଇ ସମସ୍ତ ଚିନ୍ତା ଓ ଦୁଶ୍ଚିନ୍ତା ମଧ୍ୟରେ ବାସନ୍ତୀଦେବୀ ମୋ ପାଖେ ଆହୁରି ପ୍ରହେଳିକା ହୋଇ ରହିଥିଲେ । ସେ କେଡ଼େ ଚତୁର ସତେ ! ଏଡ଼େ ବଡ଼ ଅଫିସ ମଧ୍ୟରେ ଜଣେ ହେଲେ ବି ଶିକ୍ଷିତ ତାଙ୍କର ନାହାନ୍ତି । ତା ଛଡ଼ା, ସେ କେବେ ଦୁଃସାହସିନୀ ଯେ ଉପରସ୍ଥ ହାକିମଙ୍କୁ ଦେଖା କରିବାକୁ ବି ଆସୁ ନାହାନ୍ତି ! ଗଲ କେତୋ ଦିନ । ଏଇ ସବୁ ଭାବନା ମଧ୍ୟରେ, ନିଜକୁ ଦୂରେଇ ରଖି ସବୁ କଥାକୁ ଲକ୍ଷ୍ୟ ରଖୁଥିଲି । ଅଫିସରେ କାମ କେତୋ ହେଉ ନ ଥିଲା କହିଲେ ଚଳେ; କେବଳ ସେଇ ସବୁ ଆଲୋଚନା ଛଡ଼ା । ସ୍ତ୍ରୀ ମଧ୍ୟରେ ଚଞ୍ଚଳା କିନ୍ତୁ ନିର୍ବିକାର । ନିଜ କର୍ତ୍ତବ୍ୟରେ ଟିକିଏ ବି ହେଳା ନାହିଁ । କିଏ କ'ଣ କହୁଛି, ସେ କଥାକୁ ଖାତିର୍ ତ ନାହିଁ—ଜାଣ ବା ସେ ବଳ ନାହିଁ ବୁଝେ !

ଏ ସବୁକୁ ଏଡ଼ିବା ପାଇଁ ଏ ଦୁଇ ଜଣଙ୍କୁ କାହିଁକି ଏଠାରୁ ବଦଳି ନ କରି, ମତେ ଏଇ ହରଡ଼-ଘଣା ଭିତରେ ପକାଇଲେ, ତାହାହିଁ ଭାବୁଥିଲି । ଶେଷକୁ ଖବର ନେଲି, ସ୍ଥାନୀୟ ଏମ୍. ପି. ବାସନ୍ତୀଙ୍କୁ ସମର୍ଥନ କରୁଛନ୍ତି ତ, ଏମ୍. ଏଲ୍. ଏ. ଚଞ୍ଚଳାଙ୍କୁ ସମର୍ଥନ କରୁଛନ୍ତି । ତେଣୁ ତାଙ୍କୁ ବଦଳି କରିବାର ସମସ୍ତ ଚେଷ୍ଟା ବିଫଳ ହୋଇଛି ।

ତିନି ଦିନ ପରେ । ପାଞ୍ଚଟା ବେଳେ ମୋ ବସାଠି ଆସି ମତେ ସାକ୍ଷାତ କଲେ ବାସନ୍ତୀ । ଶ୍ୟାମଳ ବର୍ଣ୍ଣ— କିନ୍ତୁ ଅପୂର୍ବ ଗଠନ । ପରିପୁଷ୍ଟ ଯୌବନ । ଦୀର୍ଘ କାଳକୁନ୍ତଳ କେଶରାଶି । ଓଡ଼ିଶୀ ଢଙ୍ଗରେ ଅପୂର୍ବ କେଶବିନ୍ୟାସ । ତାଙ୍କୁ ଦେଖିଲା ପରେ, ଯେ କେହି ତାଙ୍କୁ ଘଡ଼ିଏ ଚାହିଁ ରହିବ । ସେଇ ଗମ୍ଭୀର, ସୁନ୍ଦର ଉଦାସୀନ ମୁଖମଣ୍ଡଳକୁ ଅନାଇ ରହିବା ବିରକ୍ତିକର ହେଲେ ବି, ତାଙ୍କୁ ଚାହିଁ ରହିବାର ଲୋଭ ସମ୍ବରଣ କରି ହେବନି ।

ଅତି ସଂକ୍ଷେପରେ ସେ କହିଲେ, "ଗସ୍ତରୁ ଆଜି ଫେରିଲି ସାର୍ !" ମୁଁ ସେ ପର୍ଯ୍ୟନ୍ତ ପରିପୂର୍ଣ୍ଣ-ଯୌବନା, ଚତୁରା, ସୁନ୍ଦରୀ, ଗମ୍ଭୀର ଏଇ ବାଳିକାଟିକୁ ସ୍ତବ୍ଧ ରହିଥିଲି । ପରେ ସଚେତନ ହୋଇ, ଅତି ଉଦାସୀନ ଭାବେ କହିଲି, "ଆପଣ କ୍ଲାନ୍ତ ହୋଇ ଥିବେ, ଯାଆନ୍ତୁ, ପରେ କଥା ହେବା ।" ବିନା ବାକ୍ୟବ୍ୟୟରେ ସେ ଚାଲିଗଲେ । ମନେ ପଡ଼ିଲା, "ସୁନ୍ଦରରେ ତୃପ୍ତିର ଅବସାଦ ନାହିଁ — ଯେତେ ଦେଖୁଥିଲେ ନୂଆ ଦିଶୁଥାଇ"—ସୁନ୍ଦର ମୁଖର ରୂପ ସବୁଦିନେ । ହୁଏତ ତାଙ୍କର ଏଇ ଦେବଦତ୍ତ 'ରୂପମାଧୁରୀ', ତାଙ୍କୁ ସମସ୍ତଙ୍କ ପାଖରେ ପ୍ରିୟ କରାଇଚି—ତାଙ୍କର ଗାମ୍ଭୀର୍ଯ୍ୟ ଅନ୍ୟମାନଙ୍କୁ ରହସ୍ୟରେ ରଖିଚି ।

ପର ଦିନ, ମୋ ବ୍ଲକ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ପାଇଁ ୭ ଦିନ ଗସ୍ତରେ ଗଲି । ଗସ୍ତରେ ବହୁ ଲୋକଙ୍କ ସହ [illegible], ତଳରୁ ଉପର ଯାଏ । ସମସ୍ତଙ୍କ ମୁହଁରେ [illegible]ର ଉଚ୍ଛ୍ୱସିତ ପ୍ରଶଂସା । ତାଁର ହାତ ଅମୃତ [illegible]; ତାଁର ବ୍ୟବହାର ରୋଗୀମାନଙ୍କ ଔଷଧ । [illegible] କେତେ ବିଶେଷଣ । ଆଉ ବାସନ୍ତୀ ? ଗାଁକଣ୍ଠା [illegible] ଜଣେ ସେମିତି ଜଣେ ବିଏ ଅଛନ୍ତି ବୋଲି ବି ଜାଣନ୍ତିନି । ଜଣେ ଅଧେ ଟୋକା, ଟାକେଲିଆ, ସେ ଭଲ ବୋଲି କହିଲେ ।

ଗସ୍ତରୁ ଫେରି ମୁଁ ଆଉରି ଏକ ପ୍ରହେଳିକାରେ ପଡ଼ିଲି । ଡାକ୍ତରି ଉପରେ ଅଫିସ ସାରା ସମସ୍ତେ ବିରକ୍ତ । କିନ୍ତୁ ଲୋକଙ୍କ ତା' ସପକ୍ଷରେ । ଆଉ ବାସନ୍ତୀ—ସେ ଅଧିକାଂଶ ସମୟରେ ଗସ୍ତରେ ଥାଏ ବୋଲି ତା' ଗସ୍ତ ଡାଏରୀ କହେ । ଅଫିସ ଲୋକ ତା' ସପକ୍ଷରେ । କିନ୍ତୁ ଗାଁ ଭିତରେ ତାକୁ କେହି ଜାଣନ୍ତିନି । ଆଶ୍ଚର୍ଯ୍ୟ ହେଲି ତେବେ ସେ ଯାଏ କୁଆଡ଼େ ? ମଫସଲକୁ ଗସ୍ତ ପକାଇ ସେ ଉଡ଼େ

କେଉଁଠି ? ଏଇସବୁ ଭିତରେ ଦୋଳାୟିତ ହୋଇ ମୁଁ ଅସ୍ଥିର ହେଉ-ଥିଲି । ସମାଧାନର କୂଳ କିନାର କେଉଁଠି ଦେଖାଯାଉ ନଥିଲା । ଅତି ଅସହାୟ ଭାବେ ଏଇ ସବୁ ଘଟଣାର ମୂଳ ମୁଁ ଖୋଜୁଥିଲି । କେତେ ଦିନ ଖୋଜି ଥାନ୍ତି କିଏ କହିବ; କିନ୍ତୁ ମୋର ସମସ୍ତ ଖୋଜା ସରି-ଗଲା ସେ ଦିନ ଅଫିସରେ । ସେ ଦିନ ଅଫିସ ଯାଇ ଦେଖେ, ସୁନ୍ଦର ହସ୍ତାକ୍ଷରର ଗୋଟିଏ ପତ୍ର ମୋ ଟେବୁଲ ଉପରେ ଥୁଆ ହୋଇଛି ।

ଖୋଲି ଦେଖିଲି, ଶେଷରେ ଲେଖା ହୋଇଛି—'ଇତି, ବାସନ୍ତୀ' । ତରତରରେ ପଢ଼ିଲି —

"ସାର୍,

ଛାତ୍ର-ଜୀବନରେ ମୋର ସ୍ଖଳନ ଘଟି ନାହିଁ ବୋଲି ମୁଁ କହୁନି, କିନ୍ତୁ ଅଧିକାଂଶ ସ୍ଖଳନ ମନର ନୁହେଁ—ଦିହର । ମନ କିନ୍ତୁ ଯେଉଁଠି ଲାଗିଥିଲା, ସେ ଆଜି ଏ ଜୀବନ ପାଇଁ ମୋର ହୋଇ ପାରିଲେନି । ସେ ହେଉଛନ୍ତି, ଆପଣଙ୍କ କ୍ଳର୍କ ସ୍ୱାଇଁ ବାବୁ । ସେ ମୋର ସହପାଠୀ ଥିଲେ । ଭାରି ଗମ୍ଭୀର ସେ । ଆଉ ତାଙ୍କର ଗାମ୍ଭୀର୍ଯ୍ୟ ମତେ କିଣି ନେଇଥିଲା । ଆମେ ଉଭୟେ ପ୍ରେମରେ ପଡ଼ିଥିଲୁ । ଶେଷରେ ଆମେ ଦିହେଁ ଦିନେ ଗଣ୍ଠି ବାନ୍ଧିବୁ— ଏ ସୂଚନା ତାଙ୍କଠାରୁ ମୁଁ ପାଇଥିଲି । ସେ ସ୍ୱପ୍ନ ମୋର ଭାଙ୍ଗିଗଲା, ଡାକ୍ତର ଚଞ୍ଚଳା ପାଖକୁ ତାଙ୍କର ପ୍ରେମ-ପତ୍ର ପଢ଼ି । ସେଉଠୁ ଯେଉଁ ବ୍ୟର୍ଥତା ଏ ଜୀବନରେ ଆସିଲା, ସେ ଜୀବନର ଶେଷ ପର୍ଯ୍ୟନ୍ତ ରହିଗଲା ସାର୍ ! ସେଠୁ ହତାଶ ହୋଇ କର୍ତ୍ତବ୍ୟ ଓ ମଣିଷ ଏବଂ ସବୁ ସତ କଥା ଉପରୁ ବିଶ୍ୱାସ ତୁଟିଗଲା । ତା' ପରେ, କଲି କର୍ତ୍ତବ୍ୟରେ ଅବହେଳା । ପୁରୁଷ ଉପରେ ପ୍ରତିଶୋଧ ନେବାପାଇଁ, ଏ ଦିହକୁ ବଜାରର ପଣ୍ୟ କରି ଦେଲି । ମୋ ଘର ଭାଙ୍ଗିଗଲା ।

ତେଣୁ ମୁଁ ଖୁସି ହୋଇ, ସମସ୍ତଙ୍କର ଶରୀର ସୁଖ ଲାଗି ଦେଉଥିଲି । କିନ୍ତୁ ଆଜି ଦେଖୁଛି, ପ୍ରତ୍ୟେକ ଲୋକରେ ପ୍ରତାରଣା ଯାଇ ମୁଁ ନିଜକୁ ଏତେ ... ..., ଯାହା ... ହୋଇ ପାରିନଥିଲି । ଆପଣଙ୍କ ଅପେକ୍ଷା ଅଧିକାଂଶ ଏ ଦେଶ ... କରିଛନ୍ତି ଆଉ ମୋର କଣ୍ଠବଂଶରେ ସମସ୍ତ ... ରଖିଛନ୍ତି । ମୋର ଦେହକୁ ଭୋଗ କରି ମୋର ପ୍ରଶଂସା ଗାଇଛନ୍ତି ଆଉ ଭିତରେ ନିନ୍ଦା କରିଛନ୍ତି । କିନ୍ତୁ ସେ ନିନ୍ଦା ମୋତେ ଅଧିକ ଉଜ୍ଜ୍ୱଳ କରିଛି—ତା'ର ପ୍ରେମକୁ ଆହୁରି ଦୃଢ଼ କରିଛି । ଆଉ ତା'ର ସେଇ ଉଜ୍ଜ୍ୱଳତା ଆଗରେ ମୋ'ର ସବୁ କଳଙ୍କ ଦୂର ହୋଇ ଯାଇଛି ।

ମୋ ଗର୍ଭରେ ଆଜି ୩ ମାସର ଭ୍ରୂଣ । ତା'ର ପ୍ରକୃତ ଜନକ କିଏ, ମୁଁ ଜାଣେନା । ସେଇ ଅନାଗତ ସନ୍ତାନ, ନିଷ୍ପାପ ଦେବଶିଶୁଟିର ଦାୟିତ୍ୱ ନେବା ପାଇଁ, ମୁଁ ଆପଣଙ୍କ ସମେତ ମୋର ସମସ୍ତ ପ୍ରେମିକଙ୍କର ଦ୍ୱାରସ୍ଥ ହୋଇଛି । କିନ୍ତୁ ସାଧାରଣ ଯାହା ଉତ୍ତର ମିଳିବା କଥା, ମୁଁ ସେଇ ଉତ୍ତର ହିଁ ପାଇଛି । ମୋ ପାଖରେ ବର୍ତ୍ତମାନ ଦୁଇଟି ବାଟ ଅଛି । ପ୍ରଥମ ଆତ୍ମହତ୍ୟା କରି ଏ ଜୀବନ ସହ ସବୁ କଳଙ୍କର ପରିସମାପ୍ତି କରିଦେବା ବା ସାହସ ସହକାରେ ସେଇ ଅବୈଧ ସନ୍ତାନର ଜନ୍ମ ଦେବା । ମୁଁ ଠିକ୍ କରିଛି । ମୁଁ ବଞ୍ଚିବି ... କଥା । କିନ୍ତୁ ସେ ନିଷ୍ପାପ ଶିଶୁଟିର ଜୀବନକୁ ଅକାଳରେ ଧ୍ୱଂସ କରିବାର ମୋର କି ଅଧିକାର ? ଆଉ ଜନ୍ମ ହେବା ପରେ, ତା'ର ଜନକ କିଏ ? ମୁଁ ତାକୁ ... ଭାବେ ଜନ୍ମ ... ବୋଲି ଜାଣିଲେ, ସେ ... ଦେବ ? ଅବୈଧ ସନ୍ତାନକୁ ସମାଜ ବା ... ଦେବ ?

ଶେଷରେ, ସେଇ ନିଷ୍ପାପ ଶିଶୁର ଜୀବନକୁ ଅକାଳରେ ଝଡ଼ାଇବି ନାହିଁ—ଏ ନିଷ୍ପତ୍ତି ମୁଁ ନେଇ, ସାର୍ । ଆଉ ଏକ ସ୍ୱପ୍ନ କଥା ମୁଁ କହୁଛି । ମୋର ଅବସ୍ଥାକୁ ବୁଝି ମୋତେ କ୍ଷମା କରିବେ ସାର୍ ! ଆଜି ମୋ'ର ବିଶ୍ୱାସ, ଆପଣଙ୍କର ସରଳ, ଉଦାର ପ୍ରାଣ ସେ କ୍ଷମା ମୋତେ ଦେବ ! ଆପଣଙ୍କ ଛଡ଼ା ଆଉ କାହା ପାଖେ, ଠିଆ ହେବାର ବାଟ ମୋର ନାହିଁ ଆଜ । ମୋତେ କ୍ଷମା କରିବେ ସାର୍ । ସେ ସନ୍ତାନର ପିତୃତ୍ୱ ମୁଁ ଆପଣଙ୍କ ଉପରେ ଲଦି ଦେଇଛି । ଆପଣଙ୍କ ଜୀବନରେ କଳଙ୍କ ଆଣିବାକୁ ମୁଁ ଚାହେଁନା । ସେପରି ଘଟିଲେ ଆପଣ ମୋ'ର ଏ ପତ୍ରର ସାହାଯ୍ୟ ନେଇ ପାରନ୍ତି । କିନ୍ତୁ ଅସୁବିଧାରେ ନ ପଡ଼ିବା ପର୍ଯ୍ୟନ୍ତ, ସେଇ ଶିଶୁଟିର ପିତା ଆପଣଙ୍କୁ ହେବାକୁ ପଡ଼ିବ । ଏଥି ସହ ମୋ'ର ଇସ୍ତଫା ପତ୍ର ପଠାଇଲି । ଏ ପତ୍ର ପାଇବା ପୂର୍ବରୁ ମୁଁ ଏଠାରୁ ଯାଇ ସାରିଥିବି । ମୋତେ କ୍ଷମା କରନ୍ତୁ ସାର୍ । ମୁଁ ନିରୁପାୟ । ସେଇ ଶିଶୁ ଯଦି ବଞ୍ଚି ରହେ, ମୁଁ ଆପଣଙ୍କର ବିବାହିତା ପତ୍ନୀ ଓ ଆମର ବିବାହ ଉଚ୍ଛେଦ ହୋଇଥିଲା ବୋଲି ମୁଁ ସେ ଶିଶୁକୁ କହିବି । ଯାଉଛି, ଜୁହାର । ଇତି ।

ଆପଣଙ୍କର
"ବାସନ୍ତୀ"

"ତା" ପରେ କ'ଣ ଘଟିଲା, ଆଉ କେହି ଶୁଣିବାକୁ ଚାହିଁ ନ ଥିଲେ । ସମସ୍ତଙ୍କ ଆଖିରେ ଲୁହ । ବାପି ବୋଉଙ୍କ ହାତରେ ମୁଁ ଥଣ୍ଡା ହୋଇ ସାରିଥିଲି ସେତେବେଳକୁ ।"

# ଅସାର ଖେଳ ସଂସାର........

ବିହଗର କାକଳୀ ସେତେବେଳେ ପର୍ଯ୍ୟନ୍ତ ଶୁଭୁନାହିଁ । ପ୍ରଭାତ ଆଲୋକ ଧରାକୁ ସ୍ପର୍ଶ କରିବାକୁ ଆହୁରି ବାକି ଅଛି । ଚତୁଃପାର୍ଶ୍ୱରେ ଏକ ଶାନ୍ତ ନୀରବତା । ଏକ ପବିତ୍ର ପରିବେଶ । ଖୁବ୍ ଧୀର, ପ୍ରଶାନ୍ତ ସମୀରଣରେ, ଆତ୍ମା ନୁହେଁ ପରମାତ୍ମାର, ମର୍ତ୍ତ୍ୟ ନୁହେଁ, ଅମର୍ତ୍ତ୍ୟର ଗୁଞ୍ଜନ ।

ଏଭଳି ଏକ ପରିବେଶରେ, ଶ୍ରୀକ୍ଷେତ୍ରର ଏକ ପ୍ରଶାନ୍ତ ଆମ୍ରକୁଞ୍ଜ ମଧ୍ୟରେ, ଧ୍ୟାନରୁ ଉଠି, କାଲି ପୁଅ ଶ୍ରୀବତ୍ସଠାରୁ ପାଇଥିବା ଏକ ପତ୍ର ପାଠ କରୁଥିଲେ, ବାବାଜୀ ରାଇଚରଣ ଦାସ ।

ଶ୍ରୀବତ୍ସ ଲେଖିଛନ୍ତି, 'ଆପଣଙ୍କ କୁଳର ବଂଶକୁ ଜିଆଇ ରଖିବା ପାଇଁ, ଆପଣଙ୍କର ପୁତ୍ରବଧୂ ଏକ ପୁତ୍ର ସନ୍ତାନ ପ୍ରସବ କରିଛନ୍ତି । ମୋର ଆଉ ଆମ ସମସ୍ତଙ୍କର ଇଚ୍ଛା, ଆପଣ ଏଠାକୁ ଆସି ନ ରହନ୍ତୁ ପଛେ, ଥରେ ଆସି ଆପଣଙ୍କ ଚରଣଧୂଳିରେ ସେଇ ନବଜାତକଟିକୁ ପବିତ୍ର କରି ଯା'ନ୍ତୁ । ଆଶୀର୍ବାଦ ଦେଇ ଯା'ନ୍ତୁ ।'

ଏକ ପ୍ରଶାନ୍ତ, ଉଦାସୀନ ହସର ରେଖା ଦେଖାଗଲା ତାଙ୍କ ଓଠ ପୃଷ୍ଠରେ । ପତ୍ରଟିକୁ ତଳେ ଥୋଇ ଦେଲେ ସେ । ପୁଣି ସବୁ

ବନ୍ଦୀର ଥୋପ । ମନ ମୀନକୁ ପୁଣି ଥରେ ସଂସାର ଜାଲରେ ଛନ୍ଦିବାର ପେୟ ଏକ ଅଭିନବ ଉପାୟ । ଯେଉଁ କୂଳକୁ ସେ ବଳି ଦେଇ ଆସିଛନ୍ତି, ସେ କୂଳ ଆଉ ତାଙ୍କର ନୁହେଁ—ସେଥିରେ ବଞ୍ଚିଲିଭୁ ବା କହୁ । ସେ ଆଜ ସେଥିରେ ବାନ୍ଧି ହେବେ କାହିଁ ?

ସେ ପୁଣି ନୟନ ମୁଦିଲେ । ବରଷକ ତଳେ ଏଇପରି ଥରେ କଥାଳ କରିଥିଲା ଶ୍ରୀବତ୍ସ । ମାୟା ବାଗୁରରେ ବାନ୍ଧିବାକୁ ଆସିଥିଲା ସେ ଦିନ । ମନେ ପଡ଼ିଲା ସେ ଦିନର ସମସ୍ତ କଥା । ମନ ନୟନରେ ସେ ନିରୀକ୍ଷଣ କଲେ, ଶ୍ରୀବତ୍ସ କଥାଳ କରୁଛନ୍ତି ।-

"ଆପଣ ଫେରି ଚାଲନ୍ତୁ ବାପା, ମୁଁ ଆପଣଙ୍କୁ ଜବାବ ଦଉଚି, ଆପଣଙ୍କ ଶୁଦ୍ଧ ପୂତ ଜୀବନ ଯାପନରେ, ଟିକିଏ ହେଲେ ବି ଆଞ୍ଚ ଆସିବନି ।"

ସେ ତାଙ୍କୁ ସେ ଦିନ ଜବାବ ଦେଇଥିଲେ, 'ସେ ସବୁ ଭିତରକୁ ମତେ ଟାଣିବାକୁ, ଆଉ ବୃଥା ଚେଷ୍ଟା କରନା ଶ୍ରୀବତ୍ସ । ମୋର ଶୁଦ୍ଧ ପୂତ ଜୀବନ ଯାପନରେ ବ୍ୟାଘାତ ଘଟାଇବ ବୋଲି ମୁଁ ଆଦୌ କଳ୍ପନା କରୁନି । ମୁଁ ଯେଉଁ ଥିପାଇଁ ଯିବାକୁ ଅମଙ୍ଗ ହଉଚି, ତାହା ଏକାନ୍ତ ବ୍ୟକ୍ତିଗତ । ତମେ ମୋର ଆତ୍ମଜ । ମୋର ଆତ୍ମାର ଆକୁଳତାକୁ କିନ୍ତୁ ତମେ ଠିକ୍ ବୁଝି ପାରିବ ନାହିଁ, ମୁଁ ଜାଣୁଚି । ମତେ ଆଉ ବଳାଅ ନାହିଁ ।'

'ନ ହେଲା, ଆପଣ ଆମ ଘରେ ନ ରହିଲେ । ଗାଁରେ ଆଶ୍ରମଟିଏ କରି, ସେଇଠି ଈଶ୍ୱରସାଧନା କରିବାରେ ବାଧା କ'ଣ ? ଏ ବୟସରେ ଏକାକୀ,' ଏଠି ବିଦେଶରେ ପଡ଼ି ରହିବା, ମୋ

ଆଖିରେ ଆପଣଙ୍କ ବନ୍ଧୁ ଆଖିରେ, ଗାଁର ଅନ୍ୟମାନଙ୍କ ଆଖିରେ ସାନ । ମୁଁ ଆପଣଙ୍କ ଗୋଡ଼ତଳେ ପଡ଼ୁଛି, ଆପଣ ଫେରି ଚାଲନ୍ତୁ ।'

ଶ୍ରୀବତ୍ସ ଅତି କରୁଣଭାବେ, ତାଙ୍କର ପଦଧରି ଆକୁଳ ଆବେଦନ ଜଣାଇଥିଲେ, ସେ ଦିନ ।

ଅତି କରୁଣ, ଅଥଚ ନିର୍ମମଭାବେ ସେ ତାଙ୍କୁ ଜବାବ ଦେଇଥିଲେ, 'ତୁମ ଘର ବା ତୁମ ଗାଁ ମୋ ପକ୍ଷେ ଏକା କଥା ଶ୍ରୀବତ୍ସ । ତୁମ ଆଖି ବା ଆଉମାନଙ୍କ ଆଖି ପ୍ରତି ମୋର ଭୟ ନାହିଁ । ମୋର ଭୟ, ମୋ ନିଜ ପ୍ରତି । ତମେ ଜାଣ, ମାୟାର ଅନ୍ୟ ନାମ ଦୁର୍ବଳତା । ଯେ ଦୁର୍ବଳ, ସେଇହିଁ ମାୟାଚ୍ଛନ୍ନ । ସେ ମାୟାଠାରୁ ଦୂରରେ ରହିବା ପାଇଁ ମୁଁ ଘର ଛାଡ଼ୁଛି । ସେ ମାୟା ଭିତରକୁ ଟାଣି, ମତେ ଆଉ ଦୁର୍ବଳ କରନାହିଁ ।

ଗୃହତ୍ୟାଗ ପରେ ବାନପ୍ରସ୍ଥ ଅବଲମ୍ବନ ପାଇଁ ମୁଁ ବଣକୁ ଯାଇଥିଲି । ବଣରେ କିନ୍ତୁ ମୋର ଈଶ୍ୱରାନୁଭୂତି, ଆତ୍ମାନୁଭୂତି ଆସିଲା ନାହିଁ । ଧ୍ରୁବର ବିଶ୍ୱାସ ବା ଅନୁଭବ ମୋର ନାହିଁ । ମୁଁ ବାଘ ବା ସିଂହକୁ ଈଶ୍ୱର ଜ୍ଞାନ କରି ପାରିଲି ନାହିଁ । ତେଣୁ ଏଇଠିକୁ, ଏଇ ବଡ଼ ଠାକୁରର ବଡ଼ ଆଖି ଆଗକୁ ମତେ ଆସିବାକୁ ହେଲା, ସେଇ ଅରୂପକୁ ଏଇ ରୂପ ମଧ୍ୟରେ, ସେଇ ନିରାକାରକୁ ଏଇ ଆକାର ମଧ୍ୟରେ ଠାବ କରିବାକୁ ଚେଷ୍ଟା କରିବ । ସାଧନା ମୋର ସଫଳ ହେଲେ, ମୁଁ ପୁଣି ସେହି ବଣକୁ ଫେରିଯିବି । ମୁଁ ଦୁର୍ବଳ, ଆଉ ମୋ'ପରି ଏକ ଦୁର୍ବଳମନକୁ ତମେ ସେ ମାୟାଜାଲ ମଧ୍ୟକୁ ଆଉ ଟାଣ ନାହିଁ, ବାବା ।'

ଅତ ଅସ୍ଥିର ହେବେ, ସେ ଦିନ ତାଙ୍କୁ ସେ ଫେରାଇ ଦେଇଥିଲେ । ଆଉ ଆଜ ପୁଣି କାହିଁକି ? ନାଃ — ଆଉ ନୁହେଁ ।

ବ୍ୟଥାତୁର କଣ୍ଠରୁ ତାଙ୍କର ଝରି ପଡ଼ିଲା, 'ପ୍ରଭୁ ହେ, ମୋ ମାୟା ଜାଲରୁ ତମେଇ ମତେ ଉଦ୍ଧାର କର ।'

+ + + +

ଆଶ୍ରମ ପାର୍ଶ୍ୱ ଏକ କୁଡ଼ିଆ ମଧ୍ୟରୁ ଖୁବ୍ କ୍ଷୀଣଭାବେ ଶିଶୁର କୁଆଁ କୁଆଁ ରବ ଭାସିଆସିଲା । ସେ ସ୍ୱର ତାଙ୍କର କର୍ଣ୍ଣ କୁହରରେ ପ୍ରବେଶ କରି ସମଗ୍ର ଶରୀରରେ ଏକ କମ୍ପନ ଆଣିଲା । ସେଇ ସ୍ୱର ତାଙ୍କର ମନ ବିହଙ୍ଗୀକୁ ଉଡ଼ାଇ ନେଲା, ବହୁ ଦୂରରେ, ତାଙ୍କ ଗାଁରେ, ତାଙ୍କ ପୁତ୍ରବଧୂଙ୍କ କୋଳରେ ଥିବା ସେଇ ଶିଶୁ ପାଖକୁ । ସେ ବସିଥା ପାଖରେ, ସେଇ ଶିଶୁର କାଳ୍ପନିକ ରୂପ ଦେଖିବାକୁ ଲାଗିଲେ ।

ସେଇ ଭାବନାକୁ ଦୂରେଇ ଦେବା ପାଇଁ, ସେ ପୁଣି ଧ୍ୟାନରେ ବସିଲେ ।

କିନ୍ତୁ ଏ କ'ଣ ? ଧ୍ୟାନରେ ଈଶ୍ୱରଙ୍କ ମୂର୍ତ୍ତିର କଳ୍ପନା ସେ ଆଉ କରି ପାରୁ ନାହାନ୍ତି । ଆଖି ଆଗରେ ନାଚି ଉଠୁଛି, ଶ୍ରୀବତ୍ସଙ୍କର ହାତଲେଖା ସେଇ କ୍ଷୁଦ୍ର ପତ୍ର । ଆଉ ସେ ପତ୍ର ମଧ୍ୟରେ କୋମଳ, ନାଲି ଟୁକୁ ଟୁକୁ ଏକ କ୍ଷୁଦ୍ର ଶ୍ରୀବତ୍ସ । ଠିକ୍ ଶ୍ରୀବତ୍ସର ଶିଶୁ କାଳର ରୂପ ଅବା !

ସେ ଦୃଢ଼ତା ଆଜ ତାଙ୍କର କାହିଁ ?

ଗତଜୀବନର ସ୍ମୃତି ତାଙ୍କର ଦୁର୍ବଳ ମନ ପରଦାରେ ଉଙ୍କି ମାରିଲା ।

ସେ ଆଜକୁ ସତେଇଶ ବର୍ଷ ତଳର କଥା । ଅତୀତର ରାଧାକୃଷ୍ଣ ବର୍ତ୍ତମାନର ରାଇଚରଣଙ୍କର ମନ ମୀନ ସମୟ ସୁଅରେ ଉଜାଣି ପହଁରୁ ଥିଲା ।

କେଉଁ ଏକ ସରକାରୀ କାମରେ ସେ ସେତେବେଳେ ସଦରରେ ଥିଲେ । ଏକ ସ୍ୱତନ୍ତ୍ର ବାର୍ତ୍ତାବହ ଘରୁ ଯାଇ ତାଙ୍କୁ ଶିଶୁର ଆଗମନୀ ବାର୍ତ୍ତା ଶୁଣାଇଥିଲା । ସେତେବେଳେ ମଧ୍ୟ ସେ ସ୍ନାନ ସାରି ପୂଜାରେ ବସିଥିଲେ ।

ଓଃ—କି ଅନୁଭବ, କି ରୋମାଞ୍ଚ, କି ଶିହରଣ ସେ ! ଚନ୍ଦନ ବିନ୍ଦୁ ଲଲାଟରେ ମାରୁ ମାରୁ ଗଣ୍ଡରେ ମାରି ହୋଇ ଯାଇଥିଲା । କି ଏକ ଅପୂର୍ବ ଶିହରଣରେ ହାତରୁ ଗୀତା ଖସି ପଡ଼ିଥିଲା । ତାଙ୍କର ସମସ୍ତ ସତ୍ତାକୁ ଘେରି ରହିଥିଲା, ସେଇ ସମ୍ବାଦ, ସେଇ ନବାଗତର ଆଗମନୀ ସମ୍ବାଦ । ସେ ଭିତରେ, ବାହାରେ ସେଇ ନବ ଜାତକର ରୂପକୁ କଳ୍ପନାରେ ନିରୀକ୍ଷଣ କରୁଥିଲେ ।

ତାଙ୍କର ବ୍ୟକ୍ତିତ୍ୱ ନୂଆଭାବ ଅନୁଭବ କରୁଥିଲା ସେ ଆଜି ଏକା ନୁହନ୍ତି । ତାଙ୍କର ଆତ୍ମାରୁ ଆଜି ଆଉ ଏକ ଆତ୍ମା ସମ୍ଭୂତ ହୋଇଛି । ସେ ନିଜେ ମଧ୍ୟ ଆଜି ଅନ୍ୟର ସୃଷ୍ଟିର କାରଣ ହୋଇଛନ୍ତି ।

କି ଏକ ମଧୁର ଆବେଶ, କି ଏକ ଭାବବୋଳା ଉତ୍ସୁକତା ନେଇ, ସେ ଘରମୁହାଁ ଧାଇଁଥିଲେ ।

ଘରେ ପାଦ ନ ଦେଉଣୁ, ଦୂରରୁ ଭାସି ଆସିଥିଲା ଏକ କୋମଳ, ମଧୁର କୁଆଁ କୁଆଁ ରବ । ସେ ସେତେବେଳେ ଭାବବିଭୋର, ସତେ ଅବା ରାଧା! ଦୂର ଯମୁନା ତଟରୁ ଭାସି ଆସୁଥିବା ବଂଶୀସ୍ୱନ ଶୁଣୁଛନ୍ତି । ସେ ବିଭୋର ହୋଇ, ସେଇ ବଂଶୀ ସ୍ୱନକୁ ପାନ କରୁଥିଲେ, କର୍ଣ୍ଣ ପଥରେ । ବୋଉ ଆସି କେତେବେଳେ ପାଖରେ ଛିଡ଼ା ହେଲାଣି । ସେ' ତାର ବାହୁ ପ୍ରସାରି ତାର ହସ୍ତପଦ୍ମ ମଧ୍ୟରେ ସେଇ ପଦ୍ମ କେଶରଟିକୁ ଥାପି ରଖିଛି । ସେ କେଶରଟି ଶୀତରୁ ରକ୍ଷା ପାଇବା ପାଇଁ ଭୁଲାର ଆବରଣ ମଧ୍ୟରେ ଢ଼ାଙ୍କି ହୋଇ, ଏଡ଼କ ଟିକ ଟିକ ଆଖି ଯୋ'ଟିକୁ ମିଟି ମିଟି କରୁଛି । ସେ ଆଖି ଭିତରେ ମାୟା ନାହିଁ, ମୋହ ନାହିଁ—ଈର୍ଷା, ଦ୍ୱେଷ କିଛି ନାହିଁ । କେବଳ ଦୁଇଟି କୋମଳ ନକ୍ଷତ୍ର ନୟନ ତାରକା, ଯେତେ କ୍ଷୁଦ୍ର ହେଲେବି ଉଜ୍ଜ୍ୱଳତା ନେଇ ସମଗ୍ର ବିଶ୍ୱକୁ ଆକର୍ଷଣ କରୁଛି । ବୋଉ ଡାକ ପାରୁଛି, 'କୃଷ୍ଣ, ନେରେ ତାକୁ ଟିକେ କୋଳକୁ ନେ । ସେ ବିଭୋର । ତାଙ୍କର ଶରୀରରେ ବେପଥୁ । ନାଁ—ସେ ତାକୁ ଧରି ପାରିବେ ନାହିଁ । ତାଙ୍କର ସମସ୍ତ ଶରୀରରେ କମ୍ପନ । ସେଇ ଅମୂଲ୍ୟ ରତ୍ନ ହାତରୁ ଖସି ଯାଇପାରେ, ହୁଏତ ହାତରୁ ଖସିଲେ ଅଣବାହୁଡ଼ା । ନାଃ—ଥାଉ । ସେଇ ଦୂରରେ, ନିରାପଦରେ ବୋଉ କୋଳରେ ଥାଉ ।

ଆଜି ଠିକ୍ ସେଇ ଅନୁଭୂତି । ସେଇ ବେପଥୁ—ସେଇ କମ୍ପନ । ପ୍ରଭାତର ଧୀର ପବନରେ, ଖୁବ୍ ଧୀରେ ସତେ ଯେମିତି କାହିଁ କେତେ ଦୂରରୁ ସେଇ କୁଆଁ କୁଆଁ ବଂଶୀ ସ୍ୱନ ଭାସି ଆସୁଛି ।

ହଁ—ସେ ଯିବେ । ସେ ନିଶ୍ଚୟ ଫେରିଯିବେ ଗାଁକୁ । ସେ ନିଜେ ଆଜି ପୁଣି ମାୟା ଜାଲକୁ ଧସିଦେଇଛନ୍ତି । ତେଣୁ ତାଙ୍କୁ

ତାଙ୍କର ଅପବିତ୍ର । ସେଇ ଅପବିତ୍ର ଉଦର ଧୂଳିରେ, ସେ ନବଜାତ ଦେବକୀଶିଶୁକୁ ଦର୍ଶନ କରିବାର ପ୍ରଶ୍ନ ଉଠି ନ ପାରେ । କିନ୍ତୁ ସେ ଯିବେ । ସେଇ ସୁଦୂର ଯମୁନା ତଟରେ, ଗୋପପୁର ମାତା, ଯଶୋଦାଙ୍କ କୋଳରେ ସେଇ ନବଜାତକ, ସେଇ କୃଷ୍ଣଙ୍କୁ ସେ ଦେଖିବେ । ଆତ୍ମା ତାଙ୍କର ପବିତ୍ର ହେବ ।

ସେ ଯିବେ— ହଁ ସେ ଯିବେ ।

ତାଙ୍କର ଗୃହତ୍ୟାଗ, ତାଙ୍କର ପ୍ରତିଜ୍ଞା, ତାଙ୍କର ସାଧନା ସବୁ ପଛରେ ପଡ଼ି ରହିଲା । କାଠର ଜଗନ୍ନାଥଙ୍କ ଡୋର ଛିଣ୍ଡିଗଲା । ସେ ଧାଇଁଲେ ଜୀବନ୍ତ ଜଗନ୍ନାଥର ସନ୍ଧାନରେ ।

କେତେବେଳେ କେମିତି ସେ ଆସି ଘର ଧଇଲେ ତାଙ୍କୁ ଜଣାନାହିଁ । ପରଦିନ ଖୁବ୍ ଭୋରୁ, କହୁଆ ଶୀତ ପାଗରେ ଥରି ଥରି ସେ ଆସି ତାଙ୍କ ଗାଁ ଘର ଦୁଆରେ ଛିଡ଼ା ହୋଇଛନ୍ତି । ସୂର୍ଯ୍ୟ ଧୀରେ ଧୀରେ ନଦରୁ ଉଠୁଛି । ପାଖ ଝାଉଁଗଛ ଶାଖାମାନଙ୍କରେ ଚଢ଼େଇର ଡାକ । ଧୀରେ, ଖୁବ୍ ଧୀରେ ସକାଳର ଶୀତ ପବନ ତାଙ୍କ ଦେହକୁ ସ୍ପର୍ଶ କରି ଯାଉଛି । ଆଉ ଘର ଭିତରର କୁଞ୍ଜ ମଧ୍ୟରୁ ଭୁହାଇ ଭୁହାଇ, ଭୁଆଁ ଭୁଆଁ ବଂଶୀରବ ଭାସି ଆସୁଛି । ସେ ବିଭୋର ହୋଇ ସେ ସ୍ୱରକୁ ପ୍ରାଣମନ ଦେଇ ପାନ କରୁଛନ୍ତି । କେତେବେଳେ ସେ ସ୍ୱର ବନ୍ଦ ହୋଇଗଲା, ତାଙ୍କୁ ଜଣା ନାହିଁ । ତାଙ୍କର ଚେତନା ଫେରି ଆସିଲା ବେଳକୁ, ସକାଳ ପାହି ସାରିଲାଣି । ମୁଣ୍ଡ ଟେକି ଚାହିଁ ଦେଖିଲେ, ଗାଁର ଗୋଟେ ଗଳି ମୁଣ୍ଡରେ ଜଣେ ଜଏ ନାଚି ଯାଉଛନ୍ତି । ତାଙ୍କୁ ଦେଖି ହଠାତ ସେ ଚମକି ପଡ଼ିଲେ ।

ତେବେ ସେ କ'ଣ କଲେ ସେ ! ସବୁ ସାଧନା ଯେ ଆଜି ବ୍ୟର୍ଥ ! ଯେଉଁ ମାୟାଜାଲରୁ ସେ ନିଜକୁ ...

ଆଜ ପୁଣି ଅଜ୍ଞାତରେ ସେଇ ବାଗ୍‌ସ୍ୱରରେ ସେ ଧରାଦେଲେ, କେମିତି ? ତାଙ୍କର ସମସ୍ତ ସାଧନା କ'ଣ ଏଇମିତି ବ୍ୟର୍ଥ ହୋଇଗଲା ! ସେ ଅନତ୍ୟକୁ ଗୁଡ଼ ନତ୍ୟ ପଛରେ ଧାଇଁ ବାକୁ ଯାଇଥିଲେ । ମର୍ତ୍ତ୍ୟ ବୃନ୍ଦାବନରୁ ସେ ନତ୍ୟ ବୃନ୍ଦାବନ ଖୋଜ ବାହାରିଥିଲେ । ସସୀମରୁ ଅସୀମର ସନ୍ଧାନରେ, ସେ ବାହାରିଥିଲେ । କିନ୍ତୁ ଏ ପୁଣି କେମିତି ସମ୍ଭବ ହେଲା ? ସେଇ ମର୍ତ୍ତ୍ୟ, ସେଇ ମାୟା, ସେଇ ସୀମା ଭିତରକୁ ସେ ପୁଣି କେମିତି ଫେରି ଆସିଲେ ? 'କାଃ ତବ କାନ୍ତା କସ୍ତେ ପୁତ୍ରଃ' ଏ ଭାବ ଗଲା କୁଆଡ଼େ ? ଜଗନ୍ନାଥେ, ଏ କ'ଣ କଲ ! ! ଏକ ଦୀର୍ଘଶ୍ୱାସ ଗୁଡ଼ ତଳେ ବସି ପଡ଼ିଲେ ସେ ମୁହଁରେ ହାତ ଦେଇ । କୁଞ୍ଜକୁ ଅଭିସାର କରି ଯାଉଁ ଯାଉଁ ଜଟିଳା ହାବୁଡ଼େ ପଡ଼ିଗଲେ ଅବା ରାଧିକା ! ଯା ପରେ ? ଯା ପରେ ଗୋଟା ବ୍ରଜ ଜାଣିବ ରାଧା କଳଙ୍କିନୀ ! ଓଃ—

ବହୁତ ସମୟ ପରେ ସେ ମୁହଁ ଟେକ ଚାହିଁଲା ବେଳକୁ ତାଙ୍କୁ ଘେରି ଗାଁ ଓ ଘର ଗୋଟାକର ଲୋକ ଜୁଟିଡ଼ା ହୋଇଚନ୍ତି । ସମସ୍ତଙ୍କ ମୁହଁରେ ମଧୁର ହସର ଲହରୀ । ତାଙ୍କୁ ଫେରିପାଇ ସମସ୍ତେ ଆନନ୍ଦ ବିଭୋର । କିନ୍ତୁ ତାଙ୍କୁ ଲାଗିଲା ସମସ୍ତେ ଯେମିତି ତାଙ୍କର ବ୍ୟର୍ଥତାକୁ ବିଦ୍ରୂପ କରୁଚନ୍ତି । ବ୍ୟଙ୍ଗ କରୁଚନ୍ତି । ତାଙ୍କର ବ୍ୟର୍ଥତାକୁ ପରିହାସ କରୁଚନ୍ତି ।

'ବାବା, ଏଠିଁଟାରେ ସକାଳୁ ଆସି ବସିଚନ୍ତି ଏମିତ, ଆମ କାହାକୁ ନ ଡାକି !' ଶ୍ରୀବତ୍ସ କହିଲେ ।

ଶ୍ରୀବତ୍ସଙ୍କର ଏଇ କଥାରେ, ସେ ପୁଣି ମାୟାଚ୍ଛନ୍ନ ହେଲେ । ମନ ଭିତରର ଅସ୍ୱସ୍ତି ତାଙ୍କର କଟିଗଲା ।

'ହଁ, ତମେ ସବୁ ଶୋଇଥିଲ । ବସିଗଲ କାହାକୁ ନ ଜାଣ । ମୋ କାହ୍ନୁ କେଉଁ ଘରେ ? ଆରେ ମୋ କଳା କହ୍ନାଇଆ ! ରହିଲ ମୁଁ ତାକୁ ଦେଖିଆସେ ଟିକେ ।' ଏତକ କହି କହି, ସେ ଘରମୁହାଁ ଧାଇଁଲେ । କଣ୍ଠରୁ ତାଙ୍କର ଝରି ପଡ଼ୁଛି ବୈଷ୍ଣବ ପଦାବଳୀ ।

ରୂପ ଲାଗି ଆଁଖି ଝୁରେ ଗୁଣେ ମନ ଭୋର,
ପ୍ରତି ଅଙ୍ଗ ଲାଗି କାନ୍ଦେ ପ୍ରତି ଅଙ୍ଗ ମୋର ।

ପଛରୁ ଶ୍ରୀବତ୍ସ ଡ଼ାକି ଉଠୁଛନ୍ତି, 'ବାବା, ଆପଣ ଭିତରକୁ ଯା'ନ୍ତୁ ନାହିଁ । ଆପଣ ସନ୍ନ୍ୟାସୀ, ଗୃହତ୍ୟାଗୀ । ଉଠିଆସ୍ତୁ ଉଠିନାହିଁ, ଆପଣ ସେ ଅସନା, ଅପବିତ୍ର ଜାଗାକୁ ଯିବେ କେମିତି ? ରହନ୍ତୁ, ମୁଁ ନିଜେ ନେଇ ଆସେ !

ସେତେବେଳକୁ ଟିକି ପୁଅ ଶୋଇଥିବା ଘର ଦୁଆରେ ସେ ଯାଇ ଡ଼ାକି ଉଠୁଛନ୍ତି, 'ମା, ପୁଅକୁ ଟିକେ ଆଣ ତ ! ମୁଁ ମୋ କଳା କହ୍ନେଇକୁ ଆଖି ପୂରେଇ ଟିକେ ଦେଖି ନଏ ! ଶ୍ରୀବତ୍ସର ସେଇ ବାଳସୁଲଭ ଚପଳତା ଗଲା ନାହିଁ । ଆରେ ଦେବଶିଶୁ କହ୍ନେଇ ଯେଉଁଠି ଭୂମିଷ୍ଠ ହୋଇଛନ୍ତି, ସେ ସ୍ଥାନ କେବେ ଅପବିତ୍ର ହୋଇ ପାରେ ? ଆଉ ମୁଁ କୁଆଡ଼େ ସନ୍ୟାସୀ ହେଲି ଏବେ ! ସନ୍ନ୍ୟାସୀର ତ ପ୍ରଥମ ଅଧିକାର କାହ୍ନୁକୁ ଦେଖିବାରେ । ଆଣ ମା', ତୁମ ପୁଅ ତାକୁ ମୋ କୋଳକୁ ଟେକି ଦିଅ ।'

ବଧୂ ବସି ରହି, କମ୍ପୁଚକମାକାର ଅବସ୍ଥାରେ ସେ ସ୍ୱର୍ଣ୍ଣ ବହିଲେ ଶ୍ୱଶୁରଙ୍କୁ । ଭୟ ସମ୍ଭବ ହେଲା କେମିତି ? ସେ ତ

ଗଲବର୍ଷ ଯାଇ ଫାଟି ଫୁଟି ଗଲେ, ନା—ସେଇ ଗୋଟିଏ କଥା । ମୁଁ ଘର ଛୁଡ଼ୁଛି । ଆଉ ତାହାଙ୍କ ? ପୁଣି ଇଏ ନଜେ ଗାଁକୁ ଆସିଲେ 'କେମିତି ? ଉପସ୍ଥିତ କର୍ତ୍ତବ୍ୟ ଜ୍ଞାନ ଶୂନ୍ୟ ହୋଇ ସେ ସ୍ତବ୍ଧ ରହି ଯାଉଥିଲେ ।

'ଆରେ ମତେ ଏମିତି ସ୍ତବ୍ଧ ରହିଲ କାହିଁକି ? ଦିଅ ତାକୁ ମୋ କୋଳକୁ । ତମ ପିଲାକୁ ମୁଁ ବା'ଙ୍ଗା କରିଦେବି ବୋଲି ଡରୁଛକି ? ସେ ଭୟ କରନା ମା' । ସେ ଚୋରାତ ଏ ଘରଛଡ଼ାକୁ ପୁଣି ଘରକୁ ଟାଣି ଆଣିଛି । ଆଉ ମୁଁ ତାକୁ ବା'ଙ୍ଗା କରିଦେବି କି'ଣ ? ଦିଅ, ଦିଅ ତାକୁ ।'

ବଧୂ ସେଇ ନବଜାତ କୋମଳ ଶିଶୁଟି [illegible] କରି ଆଣି ତଳେ ଶୁଆଇ ଦେଲେ—'ନଅନ୍ତୁ—'

ଗର୍ଜି ଉଠିଲେ ସଜଚରଣ ଦାସ, 'ମୂଢ଼, ମୂଢ଼ ତମେ ସବୁ । ବିକାରଗ୍ରସ୍ତ । ତା' ଦେହରୁ ଲୁଗା କାଢ଼ୁଛ କିଆଁ ? ସେ ନିଷ୍ପାପ ଦେବଶିଶୁ । ତା' ପାଖେ ଛୁଆଁ ଛୁତି କଣ ? ଏଇ କହଲ ପାଗରେ ତମେ ତାକୁ ଖୋଲା ଦେହରେ ତଳେ ଶୁଆଇଛ !' ସେ ଶିଶୁକୁ ନିଜ କୋଳକୁ ନେଇ ବସ୍ତ୍ରାବୃତ କଲେ ।

ସେ କି'ଣ ! ସେ କି ଶିହରଣ ତାଙ୍କର ସମସ୍ତ ଶରୀରରେ ! ସେ କି ଅପୂର୍ବ ଶିହରଣ ! ଏ କି ମଧୁର ଆକର୍ଷଣ ! ସେ ବିସ୍ମୟର ଆଖିରେ ସ୍ତବ୍ଧ ରହିଲେ, ସେଇ କୋମଳ ନବଜାତକଟିକୁ ।

ସେ ନବାଜ ବଧୂ ବସିଛି । ପଲଙ୍କରେ ଶୁଭ୍ରବସ୍ତ୍ର, ଏକ ମଧୁର, ଚଳନ୍ତି ଗନ୍ଧରେ ଗର୍ବିତ ସଜେତ ଅଦା ! ସେ ଯାହା ପାଇ ନ ଥିଲେ, ତାଙ୍କ ଆତ୍ମଜ ତାହା ସମ୍ଭବ କରି ପାରିଛି । ପିତାଙ୍କୁ ସେ ନିଜେ

ଫେରାଇ ଆଣି ପ୍ରାର୍ଥନା କରୁଥିଲେ । ଏଇ ଜଣକୁ ତାଙ୍କୁ ଫେରାଇ ଆଣିଛି । ପିତାଙ୍କ ପାଖେ ଏଇ ମଧୁର ବଚନ୍ତୁ ଓ ସୁନ୍ଦର ଗାଲରେ ଏଇ ମଧୁର ଉପଦେଶରେ ଆନନ୍ଦିତ ହୋଇ ସେ କହିଲେ, 'ବାବା, ଆପଣଙ୍କୁ ନିତ୍ୟକର୍ମ ସାରିବେ । ଗୋଟାରାତି ଆପଣ ଗାଡ଼ିରେ ଅନିଦ୍ରା ହୋଇ ଆସିଥିବେ ।

ଭାବାବେଶ କଟିଗଲା ତାଙ୍କର । 'ହଁ ଚାଲ ।' ସେ ଶିଶୁଟିକୁ ବଧୂଙ୍କ କୋଳକୁ ବଢ଼ାଇ ଦେଲେ—'ଚାଲ ଏଥର । ହଁ, ଶୁଣ । ମୁଁ ଆସିଲି । କିନ୍ତୁ ଘରର ଜଞ୍ଜାଳ ଭିତରକୁ ମୋତେ ଟାଣିବ ନାହିଁ । ମୁଁ ଆସିଲି, ଏଇ ଟୋକାକୁ ଟିକେ ଦେଖିବା ପାଇଁ । ମୁ ଏଠୁ ଫେରିବି କି ନ ଫେରିବି କହି ପାରିବି ନାହିଁ । ସତ୍ୟର ସନ୍ଧାନରେ, ଆତ୍ମାର ପରିତ୍ରାଣ ପାଇଁ ମୁଁ ବହୁତ ବୁଲିଲି । ବଣରେ କୃଚ୍ଛ୍ର ସାଧନ କଲି, ତୀର୍ଥ ପର୍ଯ୍ୟଟନ କଲି, ଶେଷକୁ ବଡ଼ଠାକୁରଙ୍କ ବଡ଼ ଆଖି ତଳେ ଆସନ ପାତିଲି । ଏବେ କିନ୍ତୁ ବୁଝୁଛି ସେ ସବୁ ମିଥ୍ୟା ନ ହେଇପାରେ, ମୋପକ୍ଷେ ତାହା ଗହନ କଥା । ତମେ ମତେ ଫେରାଇ ଆଣିବାକୁ ଗଲାବେଳେ, ହୃଦୟ ମୋର ଆନ୍ଦୋଳିତ ହେଇଥିଲା, ଦୃଢ଼ତା କିନ୍ତୁ ଭାଙ୍ଗି ନ ଥିଲା । କିନ୍ତୁ ଏଇ ଟୋକାର ଆଗମନୀ ସମ୍ବାଦ ବହନ କରି, ତମ ସେ ପତ୍ର ଖଣ୍ଡି ପାଠକଲି ପରେ, ହୃଦୟ ଯେପରି ଆନ୍ଦୋଳିତ ହେଲା, ମୁଁ ଯେପରି ଦୁର୍ବଳ ହେଇ ପଡ଼ିଲି, ମତେ ଲାଗିଲା, ଏତେ ଦିନ ମୁଁ ମିଛରେ ବୁଲିଛି । ହୁଏତ ଏଠାରେ ଯାହା ସମ୍ଭବ ହୋଇଥାନ୍ତା, ତାକୁ ମୁଁ ବାହାରେ ଖୋଜି ବୁଲିଛି, 'ତା' ଛଡ଼ା ତମମାନଙ୍କଠାରୁ ମୋ'ର ମୋହ କଟିନାହିଁ । ସେ ମୋହକୁ କଟାଇବା ପାଇଁ, ସେଠାରେ ହୁଏତ ମୁଁ ସାଧନାରତ ଥାଆ'ନ୍ତି । କିନ୍ତୁ ତମ ପତ୍ର, ଯେଉଁ ଶିହରଣ ଆଣିଲା,

ଯେଉଁ ଆଲୋଡ଼ନ ସୃଷ୍ଟିକଲା, ମୋ ହୃଦୟରେ ସେଇଁ ମାୟାଜାଲ ଦେଖାଦେଲା, ସେଥିରୁ ମୁଁ ଅନୁଭବ କଲି, ଆଉ ଚେଷ୍ଟା କରିବା ବୃଥା । ଆଉ ମୁଁ ଆସିଲି ନାହିଁ, ସେହି ମାୟା ଡୋର ମତେ ଟାଣି ଆଣିଲା । ସେଠି ରହିଥିଲେ , ମୁକ୍ତି ନାହିଁ, ବୋଧେ ବନ୍ଧନ ହିଁ ମୋର ହୋଇଥାନ୍ତା । ଏଠାକୁ ଆସି ଗୋଟାଏପାଖେ ମୋହ ଓ ଅନ୍ୟ ପାଖେ ମୁକ୍ତି, ଗୋଟିଏ ପାଖେ ଗୋପ, ଗୋପର ସକଳ ବନ୍ଧନ ବୈଭବ, ଆଉ ପାଖେ ଯମୁନାର କୁଞ୍ଜର ଡାକରା, ଗୋଟିଏ ପାଖେ ମର୍ତ୍ତ୍ୟ, ଆଉ ପାଖେ ଗୋଲକ, ଯାହାର ମଝିରେ ମୁଁ ପଡ଼ି ରହିବି । ଯଦି ଗୋପର ମୋହ ଏଡ଼ାଇ କୁଞ୍ଜକୁ ଯାଇ ପାରିଲି, ଭଲ । ନହେଲେ ଗୋପରେ, ଗୋପୀମାନଙ୍କ ପାଖରେ ଯଦି ମରଣ ହୁଏ, ତାହା ହେବ ମୋର ତୃପ୍ତିର ମରଣ । କିନ୍ତୁ ଗୃହ ଜଞ୍ଜାଳକୁ ଟାଣିଲେ, ପୁଣି ପଡ଼ିଯିବି । ଗୃହସ୍ଥାଶ୍ରମରେ ମୁଁ ହାରିଗଲି । ଯେଉଁ ସଂସାରକୁ ଡରି ତା'ଠାରୁ ଦୂରେଇ ଯାଇଥିଲି, ଆଜ ପୁଣି ସେ ବଗଲ ଝୋକା ତା' ପାଖକୁ ମତେ ଟାଣି ଆଣିଲା । ମୁଁ ସେଇ ପାଖରୁ ଥାଇ ତାକୁ ଦେଖୁଥିବି । ମତେ ସେ ଜଞ୍ଜାଳଠାରୁ ଦୂରରେ ରଖିବ ।'

'ତାହାହିଁ ହେବ ବାବା, ଆପଣ ନିତ୍ୟକର୍ମ ସାରନ୍ତୁ ।'

ଘରଠାରୁ ଦୂରରେ ଏକ ଆମ୍ରକୁଞ୍ଜ ମଧ୍ୟରେ ବାବାଜୀଙ୍କ ଆଶ୍ରମ ସ୍ଥାପିତ ହୋଇଛି । ଶ୍ରୀବତ୍ସଙ୍କର କଡ଼ା ଆଦେଶରେ ତାଙ୍କର ଆବଶ୍ୟକୀୟ ବସ୍ତୁ ଯୋଗାଇ ଦେବା ବ୍ୟତୀତ, ଅନ୍ୟ କାମରେ ଆଉ କେହି ଘରୁ ଯିବା ମନା । ସେ ଯେତେବେଳେ ଚାହିଁବେ, ଆସି ପୁଅକୁ ଦେଖି ଯିବେ ।

ତାହାହିଁ ହୋଇଛି ।

ଗୃହର ଜଞ୍ଜାଳକୁ ତାଙ୍କଠାରୁ ଦୂରରେ ରଖା ହୋଇଛି । ବାହାରେ ସେ ସାଂସାରିକ ମୋହ, ମାୟା, ବନ୍ଧନଠାରୁ ଦୂରରେ ରହିଛନ୍ତି । ତାଙ୍କର ଅନିଚ୍ଛା ସତ୍ତ୍ୱେ ମନ-ମୀନ କିନ୍ତୁ ସେଇ ମାୟା ବାଗୁରାରେ ଧରା ଦେଇଛି । ଏଠାରେ ଶାନ୍ତ ପରିବେଶ ମଧ୍ୟରେ ବି ସେ ଚରମ ମାନସିକ ଅଶାନ୍ତି ମଧ୍ୟରେ ଜୀବନ ବିତାଉଛନ୍ତି । ସଂସାରକୁ ସେ ଛାଡି ପାରୁ ନାହାନ୍ତି, ଧରି ବି ପାରୁ ନାହାନ୍ତି । ତାଙ୍କର ପୂଜା, ଆରାଧନା ସକଳ କର୍ମ ମଧ୍ୟରେ ସେଇ ଶିଶୁ ଆସି ଆବିର୍ଭୂତ ହେଉଛି । ସକଳ ବସ୍ତୁ ମଧ୍ୟରେ ସେ ତା'ର ରୂପର ଛବି ଦେଖୁଛନ୍ତି । ଗୀତା ଦର୍ଶେଟି ବଚନ କହୁଛି । ତା' ମଧ୍ୟରେ ଆଉ ଅର୍ଜୁନ ବା ଶ୍ରୀକୃଷ୍ଣ ନାହାନ୍ତି—ସେ ନିଜେ ଓ ସେଇ ଶିଶୁ ।

ନାଃ—

ପୂଜା ତାଙ୍କର ବ୍ୟର୍ଥ ହୋଇଛି । ସାଧନା ଖଣ୍ଡିତ ହୋଇଛି । ପୂଜା, ଆରାଧନା ବେଳେ, ମାୟା, ମୋହର ପ୍ରତୀକ ସେଇ ଶିଶୁ ଆସି ସକଳ ଅଧିକାର କରି ବସୁଛି ।

ତାଙ୍କର ସମସ୍ତ ଶାସ୍ତ୍ରାଲୋଚନା କ'ଣ ବ୍ୟର୍ଥ ହୋଇଗଲା ତେବେ ! 'କାଃ ତବ କାନ୍ତା, କସ୍ତେ ପୁତ୍ର' ଏଇପରି କେତେ ଉପଦେଶ ସେ ଦେଇଛନ୍ତି । କାହାର ଜନନୀ, କାହାର ପୁତ୍ର ହାହୁତୁ । ଏଇପରି କେତେ ଦୁଃଖର ବାଣୀ ନେଇ, କେତେ ତାପିତ ଅନ୍ତର ତାଙ୍କ ପାଖକୁ ଆଶ୍ରୟ ଖୋଜି ଆସିଛି । ସେ ସେମାନଙ୍କୁ ଶାସ୍ତ୍ରର ବାଣୀ ଶୁଣାଇ ସେମାନଙ୍କ ହୃଦୟରେ ଶୀତ ଚନ୍ଦନ ବୋଳି ଦେଇଛନ୍ତି । କିନ୍ତୁ ତାଙ୍କର ନିଜର ଦହନକୁ ଆଜି କିଏ ଦେଖୁଛି ? ତାଙ୍କର ତାପିତ ଅନ୍ତର ପାଇଁ ଚନ୍ଦନ ତ ଦୂରର କଥା, ପାଣି

କାହିଁ ଆଜି ? ଦୁନିଆଁର ଅସାରତା ସଂପର୍କରେ ସେ ନିଜେ ଗ୍ରନ୍ଥ ଲେଖିଚନ୍ତି, 'ତତ୍ତ୍ୱ ପ୍ରକାଶ' । ଆତ୍ମାକୁ 'ଆତ୍ମଦର୍ଶନ' ମଧ୍ୟରେ ଠାବ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ତାଙ୍କ ନିଜ ଆତ୍ମାର ସନ୍ଧାନ ତାଙ୍କୁ ଆଜି ଦେବ କିଏ ?

ପ୍ରତି ମୁହୂର୍ତ୍ତରେ ତାଙ୍କ କର୍ଣ୍ଣ ଶିଶୁର କୁଆଁ କୁଆଁ ସ୍ୱର ଶୁଣୁଚି । ତାଙ୍କର ପୁରାତନ ଶୀର୍ଣ୍ଣ ଅଙ୍ଗ, ନୂତନ ଆଉ କୋମଳ ଶିଶୁ ଅଙ୍ଗର ସ୍ପର୍ଶ ସୁଖ ଲୋଡ଼ୁଚି ।

ପରକ୍ଷଣରେ ମନରେ ଅନୁତାପ । ଏଇ ଦୁଇ ମଧ୍ୟରେ ସେ ଘାଣ୍ଟି ହେଉଚନ୍ତି ।

ବିବାହର ସାତ ବର୍ଷ ଯାଏ ବି ଶ୍ରୀବତ୍ସଙ୍କର ସନ୍ତାନ ହେଲା ନାହିଁ । ଶ୍ରୀ ବତ୍ସ, ବ୍ୟସ୍ତ, ବିବ୍ରତ ହୁଅନ୍ତି । 'ଏ କୁଳ ଏଇଠୁ ଶେଷ ହୋଇଯିବ ।' କାଲି ସେ ନିଜେ ତାଙ୍କୁ ସାନ୍ତ୍ୱନା ଦେଉଥିଲେ । 'ସନ୍ତାନ ନୁହେଁ—ନିଜର କର୍ମହିଁ ବଂଶ ରକ୍ଷା କରେ । ବ୍ୟସ୍ତ ଯନାହିଁ । ଏ ସଂସାରରେ କେହି କାହାର ନୁହେଁ । ସେ ଅନ୍ୟକୁ ବୁଝା ବୁଝାଇଥିଲେ, ସେ କଥା ଆଜି ତାଙ୍କୁ କିଏ ବୁଝାଇବ ?'

ସେ ବିବ୍ରତ ହେଲେ । କିଏ ? କିଏ ତାଙ୍କୁ ଆଜି ମୁକ୍ତିର ନିର୍ଦ୍ଦେଶ କରିବ ? କିଏ ତାଙ୍କୁ ଆଜି ମାନସିକ ଶାନ୍ତି ଫେରାଇ ଦେବ ? ଏଇ ଖଟୁଲିରେ ଥିବା ଗୋପାଳ ନାଁ ଶ୍ରୀବତ୍ସର ସେଇ ଅବୋଧ ଶିଶୁ ? କିଏ ??

ସେ ସେହି ଖଟୁଲି ପାଖରେ ମୁଣ୍ଡ ମାରି ଦେବତାର ଚରଣ ଧରି ପଡ଼ି ରହିଲେ । ସନ୍ଧ୍ୟା, ଆହ୍ନିକାଦି ସବୁ ନିତ୍ୟ କର୍ମ ପଡ଼ି ରହିଲା । ସେ କାନ୍ଦି କାନ୍ଦି ଦେବତାର ଚରଣତଳେ ଆକୁଳ ଆକୁତି ଜଣାଇଲେ ।

କେତେବେଳେ ତାଙ୍କୁ ନିଦ ଆସିଛି, ସେ ଜାଣନ୍ତି ନାହିଁ । ସପନରେ ଦେଖିଲେ, ଖଟୁଲୀରେ ଆଉ ଗୋପାଳ ନାହାନ୍ତି । ସେଇ ଶିଶୁ ଶୋଇ ରହି ହାତ ହଲାଇ, ତାଙ୍କୁ ଡାକୁଛି । ସେ ଫୁଲ ଚନ୍ଦନ ନେଇ ତା'ର ଆରାଧନା କରୁଛନ୍ତି ।

ପୁଣି—ସେ ଶିଶୁ ବଡ଼ ହୋଇ ଗଲାଣି । ଖଟୁଲୀରୁ ଡେଇଁପଡ଼ି ଦଉଡ଼ି ଡାକରେ ତୁଣ ଘୁଞ୍ଚୁଛି । 'ଘ୍ଟ...ନ୍ତ, ଉଠ । ମତେ କାଖ କର ।'

ସେ ଆହୁରି ବଡ଼ ହୋଇ ଗଲାଣି । ସେ ନିଜେ ଆଣ୍ଠୋଇ ଘୋଡ଼ା ସାଜିଛନ୍ତି । ସେ ଶିଶୁ ତାଙ୍କ ପିଠିରେ ବସି ତାଙ୍କୁ ଅଡ଼ାଉଛି ।

ପୁଣି—ପୁଣି ସେ ଶିଶୁ ବଡ଼ ହୋଇ ତାଙ୍କ ପାଖରେ ବସି ତାଙ୍କ ସାଙ୍ଗରେ ଭାତ ଖାଉଛି । ସେ ଆନନ୍ଦ ବିଭୋର ହୋଇ ତାକୁ ଚାହିଁ ରହିଛନ୍ତି । ସପନରେ ସେ ବିଭୋର୍ ।

ବାହାରେ କ ଏକ ମଧୁର କୋଳାହଳରେ ତାଙ୍କ ନିଦ ଭାଙ୍ଗିଗଲା । ସେ ବାହାରକୁ ଚାହିଁଲେ, ଆଶ୍ରମ ପ୍ରାଙ୍ଗଣରେ ପ୍ରଭାତ ଆଲୋକର ଜୁଆର । ଘର ଦୁଆରେ କାକଳି ।

ଏକ ମୁଗ୍ଧ ବିସ୍ମୟଭରା ନୟନରେ ସେ ବାହାରକୁ ଚାହିଁ ରହିଲେ । ଏକ ପକ୍ଷୀ ତା'ର ଶାବକର ଟିକି ଟିକି ଥଣ୍ଟରେ ଅଧାର ଦେଉଛି ।

# ପ୍ରକାଶକୀୟ

'ଶ୍ରୀ ପ୍ରକାଶନୀ' ଏକ ବ୍ୟବସାୟିକ-ପ୍ରତିଷ୍ଠାନ ନୁହେଁ । ତେଣୁ ଅର୍ଥ ନୁହେଁ, ରୁଚିଶୀଳ ଓଡ଼ିଆ ପାଠକ ପାଠିକାମାନଙ୍କ ସଦିଚ୍ଛାହିଁ ଏହାର ସମ୍ବଳ ।

ଏହାର ପ୍ରଥମ ଅର୍ଘ୍ୟ ହେଉଛି ଶ୍ରୀ ଦଶରଥ ସାମଲଙ୍କ ଉପନ୍ୟାସ "ସମାନ୍ତର" । ଆଜି ୨ୟ ଅର୍ଘ୍ୟ ହେଉଛି ଏଇ "ମଲ୍ଲିନଈ" ।

ଗାଳ୍ପିକ ବନ୍ଧୁ ଶ୍ରୀ ବିଶ୍ୱନାଥ ବଳ ତାଙ୍କର ଏ "ମଲ୍ଲିନଈ" ଖଣ୍ଡିକର ପ୍ରକାଶ ଦାୟିତ୍ୱ କୌଣସି ବ୍ୟବସାୟିକ ପ୍ରତିଷ୍ଠାନକୁ ନ ଦେଇ 'ଶ୍ରୀ ପ୍ରକାଶନୀ'କୁ ଦେଇଥିବାରୁ ଆମେ ତାଙ୍କୁ ସାଧୁବାଦ ଜଣାଉଛୁ ।

ଏ ପୁସ୍ତକଟି ପଢ଼ି ସାରିବା ପରେ ସହୃଦୟ ପାଠକ ପାଠିକା-ମାନେ ନିଜ ନିଜର ମତାମତ; ଶ୍ରୀ ପ୍ରକାଶନୀ, କଟକ-୧ ଠିକଣାରେ ଜଣାଇବାକୁ ଅନୁରୋଧ ।

# ଅବଶ୍ୟ

ପ୍ରତ୍ୟେକ ପାଠକକୁ ମୁଗ୍ଧ କରିବ —

ପ୍ରତ୍ୟେକ ପାଠାଗାରକୁ ସମୃଦ୍ଧ କରିବ.........

* ମଲ୍ଲୀନଈ (ଗଳ୍ପ-ସଂଗ୍ରହ)
* ସମାନ୍ତର (ଉପନ୍ୟାସ)
* ଜାରଜ (ଗଳ୍ପ ଗୁଚ୍ଛ)
* ଶିକାର ଓ ଅନ୍ୟାନ୍ୟ ଗଳ୍ପ
* ଭାଗ୍ୟରୁ ଝିଅ (ଅନୁବାଦ)
* ଉନ୍ମେଷ (କବିତା)
* ସୀମାନ୍ତ (ଗଳ୍ପ-ସଂକଳନ)

ପ୍ରତ୍ୟେକଟିର ଭାଷା, ଭାବ ଓ ଚିତ୍ରଣ—

ସବୁ ଅନବଦ୍ୟ......ସବୁ ଯେ ଭୋଗ୍ୟ...

ପ୍ରାପ୍ତିସ୍ଥାନ:—ଆଧୁନିକ ପ୍ରକାଶନୀ

ଦୋଳମୁଣ୍ଡାଇ, କଟକ - ୧